୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୪/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, December 4/2024 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 11 | ମୂଲ୍ୟ ₹୭/-




ଭୁବନେଶ୍ୱର ନିଳାଦ୍ରୀବିହାରସ୍ଥିତ ଆଦିବାସୀ ଦେବସ୍ଥାନ 'ଜାହିରା' ପୀଠରେ ମଙ୍ଗଳବାର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାବୟବକୁ ଅନାବରଣ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଅଛନ୍ତି ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ। (ରିପୋର୍ଟ: ପୃଷ୍ଠା-୩)

# ଦାଦନ ମୃତ୍ୟୁ: ୧୦ ବର୍ଷରେ ୪୦୩

**ପରିବାର ପ୍ରତିପୋଷଣ ପାଇଁ ଦେଶର ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ବିଭିନ୍ନ କର୍ମ ସଂସ୍ଥାନରେ କାର୍ଯ୍ୟ କରି କିଛି ଅର୍ଥ ରୋଜଗାର କରୁଛନ୍ତି। ଦଲାଲ ମାଧ୍ୟମରେ ଯାଉଥିବା ଅନେକ ଲୋକ ଶୋଷଣର ଶିକାର ମଧ୍ୟ ହେଉଛନ୍ତି। ଏପରି କି ବିଭିନ୍ନ କାରଣରୁ ଅନେକଙ୍କ ମୃତ୍ୟୁ ଘଟୁଛି। ଯେଉଁମାନେ ଆଇନତଃ ତାଲିକାଭୁକ୍ତ ହୋଇ ଦାଦନ ଖଟିବାକୁ ଯାଉଛନ୍ତି, ସେମାନଙ୍କ ମୃତ୍ୟୁ ତାଲିକା ସରକାରଙ୍କ ନିକଟରେ ରହୁଛି। ହେଲେ ଅନେକଙ୍କ ତଥ୍ୟ ସରକାରଙ୍କ ପାଖରେ ରହୁ ନ ଥିବାରୁ ତା'ର ହିସାବ ମିଳୁନାହିଁ। ବିଧାନସଭାରେ ଶ୍ରମମନ୍ତ୍ରୀ ଦେଇଥିବା ଉତ୍ତର ଅନୁସାରେ ଗତ ୧୦ବର୍ଷରେ ଓଡ଼ିଶାରୁ ଦାଦନ ଖଟିବାକୁ ଯାଇଥିବା ଲୋକଙ୍କ ମଧ୍ୟରୁ ୪୦୩ ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ବାସ୍ତବତା ଭିନ୍ନ ବୋଲି କୁହାଯାଉଛି।**

ଭୁବନେଶ୍ୱର,୩।୧୨(ଅନିଲ ଦାସ)

ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ରଖିଥିବା ତଥ୍ୟ ଅନୁସାରେ ଗତ ୧୦ବର୍ଷରେ ଓଡ଼ିଶାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଲୋକଙ୍କ ମଧ୍ୟରୁ ୪୦୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରେ ଗଞ୍ଜାମର ସର୍ବାଧିକ ୫୯ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କଳାହାଣ୍ଡିରେ ୩୯, ବଲାଙ୍ଗୀରରେ ୩୫, କନ୍ଧମାଳରେ ୩୨ ଏବଂ ରାୟଗଡ଼ା ଜିଲାରେ ୨୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୫ରୁ ୨୦୨୪ ନଭେମ୍ବର ୨୭ ମଧ୍ୟରେ ହୋଇଥିବା ମୃତ୍ୟୁର ତଥ୍ୟ ମନ୍ତ୍ରୀ ଗୃହରେ ରଖିଛନ୍ତି। ମନ୍ତ୍ରୀ

## ଗଞ୍ଜାମ ଜିଲାର ସର୍ବାଧିକ

ସିଂଖୁଣ୍ଟିଆ କହିଛନ୍ତି, ଇଣ୍ଟର ଷ୍ଟେଟ ମାଇଗ୍ରାଣ୍ଟ ୱର୍କମେନ୍(ରେଗୁଲେଶନ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ କଣ୍ଡିଶନସ ଅଫ୍ ସର୍ଭିସ) ଅନୁସାରେ ୨୦୧୪ରେ ଲେବର କଣ୍ଟ୍ରାକ୍ଟରଙ୍କୁ ୩୮୮ ଲାଇସେନ୍ସ ରାଜ୍ୟ ସରକାର ପ୍ରଦାନ କରିଥିଲେ। ସରକାରୀ ତଥ୍ୟ ଅନୁସାରେ ସେହି ୨୬,୩୯୭ ଶ୍ରମିକ ବାହାର ରାଜ୍ୟକୁ କାର୍ଯ୍ୟ କରିବାକୁ ଯାଇଥିଲେ। ୨୦୨୪ରେ ୮୮୩ ଲାଇସେନ୍ସ ମାଧ୍ୟମରେ ୬୦,୬୮୩ ଶ୍ରମିକ ଓଡ଼ିଶାରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଦାଦନ ସମସ୍ୟା ଦୂର କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ☞ପୃଷ୍ଠା-୪

# ବୋତଲ ପାଣି ବିପଜ୍ଜନକ: ଏଫ୍‌ଏସ୍‌ଏସ୍‌ଏଆଇ

ନୂଆଦିଲ୍ଲୀ,୩।୧୨



ବଜାରରେ ବୋତଲରେ ପ୍ୟାକ୍ ହୋଇ ମିଳୁଥିବା ପାନୀୟ ଜଳ ଏବଂ ମିନେରାଲ ୱାଟରକୁ ଭାରତର ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) 'ଅତ୍ୟନ୍ତ ବିପଜ୍ଜନକ ଖାଦ୍ୟ ବର୍ଗ'ରେ ପୁନଃ ବର୍ଗୀକୃତ କରିଛନ୍ତି। ଉପଭୋକ୍ତାମାନଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ପ୍ୟାକେଜ୍‌ଡ ପାନୀୟ ଜଳ ଶିଳ୍ପ ସଂସ୍ଥାର କଠୋର ଗୁଣବତ୍ତା ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଏଭଳି ବର୍ଗୀକରଣ କରାଯାଇଥିବା ଏଫ୍‌ଏସ୍‌ଏସ୍‌ଏଆଇ ନିଜ ନଭେମ୍ବର ୨୯ ନିର୍ଦ୍ଦେଶନାମାରେ କହିଛନ୍ତି। ଏହା ତୁରନ୍ତ କାର୍ଯ୍ୟକାରୀ ହେବା ସହ ଉତ୍ପାଦନକାରୀଙ୍କୁ ତୃତୀୟ ପକ୍ଷ ଦ୍ୱାରା ଖାଦ୍ୟ ନିରାପତ୍ତା ଅଡିଟ୍ କରାଇବା ବାଧ୍ୟତାମୂଳକ ହେବ। ସେମାନଙ୍କୁ ବର୍ଦ୍ଧିତ ଗୁଣବତ୍ତା ମାନ ଅନୁପାଳନ କରିବାକୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। କେନ୍ଦ୍ର ସରକାରଙ୍କଠାରୁ ଅଧିକ ବିପଦ ଖାଦ୍ୟ ବର୍ଗରେ ଲାଇସେନ୍ସ ପାଇଥିବା ଉତ୍ପାଦନକାରୀମାନେ ସେମାନଙ୍କ ବ୍ୟବସାୟକୁ ଏଫ୍‌ଏସ୍‌ଏସ୍‌ଏଆଇ ସ୍ୱୀକୃତ ତୃତୀୟ ପକ୍ଷ ଖାଦ୍ୟ ନରାପତ୍ତା ସଂସ୍ଥା ଦ୍ୱାରା ପ୍ରତିବର୍ଷ ଅଡିଟ୍ କରାଇବେ। ଆଲ୍‌କୋହଲ ନ ଥିବା ପାନୀୟ, ପ୍ୟାକେଜ୍‌ଡ ପାନୀୟ ଜଳ ଏବଂ ମିନେରାଲ ୱାଟର ଉତ୍ପାଦନ କରୁଥିବା ଅପରେଟରମାନେ ବାର୍ଷିକ ନିରୀକ୍ଷଣ ରିପୋର୍ଟ ଦାଖଲ କରିବେ। ପ୍ୟାକେଜ୍ ହୋଇଥିବା ପାଣିରେ ସମ୍ଭାବ୍ୟ ସ୍ୱାସ୍ଥ୍ୟଜନିତ ବିପଦ ପ୍ରଶମନ କରାଇବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

# ବିଗୁଡୁଛି ପଡ଼ୋଶୀ ସମ୍ପର୍କ

**୨୦୧୪ ଲୋକ ସଭା ନିର୍ବାଚନ ବେଳେ ଭାଜପା ନିଜ ଇସ୍ତାହାରରେ 'ପ୍ରଥମେ ପଡ଼ୋଶୀ' ସ୍ଲୋଗାନ ଦେଇ ସମ୍ପୃକ୍ତ କ୍ଷେତ୍ରରେ ରାଜନୈତିକ ସ୍ଥିରତା, ପ୍ରଗତି ଓ ଶାନ୍ତି ପ୍ରତିଷ୍ଠାକୁ ଦକ୍ଷିଣ ଏସିଆର ଅଭିବୃଦ୍ଧି ପାଇଁ ଅପରିହାର୍ଯ୍ୟ ବୋଲି ଦର୍ଶାଇଥିଲା। ନିର୍ବାଚନ ପରେ କ୍ଷମତା ହସ୍ତାନ୍ତର ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ୮ ରାଷ୍ଟ୍ର ମୁଖ୍ୟ ଯୋଗଦେଇଥିଲେ। ସେତେବେଳେ ଭାରତ ଏହାର ପଡ଼ୋଶୀ ଦେଶଗୁଡ଼ିକ ସହ ସୁସମ୍ପର୍କ ପ୍ରତିଷ୍ଠା କରି ଦକ୍ଷିଣ ଏସିଆରେ ଏକ ମହାଶକ୍ତି ଭାବେ ଉଭାହେବ ବୋଲି ଅନେକେ ମନେକରିଥିଲେ। କିନ୍ତୁ ଗତ ୧୦ ବର୍ଷ ଭିତରେ ଭାରତଠାରୁ ଗୋଟିଏ ପରେ ଗୋଟିଏ ପଡ଼ୋଶୀ ଦୂରେଇବାରେ ଲାଗିଛନ୍ତି, ଯାହାକି ନୂଆଦିଲ୍ଲୀର ତ୍ରୁଟିପୂର୍ଣ୍ଣ ବହିର୍ବ୍ୟାପାର ନୀତିକୁ ପଦାରେ ପକାଇଛି ବୋଲି କୁହାଯାଉଛି।**

ଢାକା/ଅଗରତାଲା,୩।୧୨

୨୦୧୫ରେ ନେପାଳରେ ମାଧେସୀ ଆନ୍ଦୋଳନକାରୀଙ୍କ ଆର୍ଥିକ ଅବରୋଧ ପରେ ନୂଆ ସମ୍ବିଧାନ ପ୍ରଣୟନ ପ୍ରସଙ୍ଗରେ ହସ୍ତକ୍ଷେପ ଏବଂ ଶ୍ରୀଲଙ୍କା ନିର୍ବାଚନରେ ମୁଣ୍ଡ ପୂରାଇବା ଯୋଗୁ ଏହିଦୁଇ ଘନିଷ୍ଠ ପଡ଼ୋଶୀ ଭାରତଠାରୁ ଦୂରେଇଯାଇଥିଲେ। ୨୦୧୭ରେ ମ୍ୟାନ୍‌ମାରରୁ ରୋହିଙ୍ଗ୍ୟାଙ୍କ ଗଣପଳାୟନ ଓ ପରବର୍ତ୍ତୀ ସମୟରେ ଅଙ୍ଗ୍ ସାନ୍ ସୁଚୀଙ୍କୁ ନେଇ ସାମରିକ ଶାସକଙ୍କ ସହ ଭାରତର ମତଭେଦ ଦେଖାଦେଇଥିଲା।

## ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବାଂଲାଦେଶର ସମନ

୨୦୨୪ ନୂଆବର୍ଷରେ ଲାକ୍ଷାଦ୍ୱୀପକୁ ମାଳଦ୍ୱୀପଠାରୁ ଉନ୍ନତ ଓ ଏକ ଉତ୍କୃଷ୍ଟ ବିକଳ୍ପ ରୂପେ ଦର୍ଶାଯିବା ଫଳରେ ଏହି ପଡ଼ୋଶୀ ସହ ମଧ୍ୟ ତିକ୍ତତା ସୃଷ୍ଟି ହୋଇଥିଲା। ପାକିସ୍ତାନ ଓ ଚାଇନା ସହ ଭାରତର ସମ୍ବନ୍ଧରେ ସୁଧାର ଆସୁ ନ ଥିବାବେଳେ ଏବେ ଆଉ ଏକ ପଡ଼ୋଶୀ ବାଂଲାଦେଶ ସହିତ କୂଟନୈତିକ ସମ୍ପର୍କରେ ତିକ୍ତତା ଭରିଯାଇଛି। ଏହା ପ୍ରକାରାନ୍ତରେ ଚାଇନାକୁ ସୁହାଉଛି। ଚାଇନା ଏହି ରାଷ୍ଟ୍ରଗୁଡ଼ିକ ସହ ଗୋଟିଏପଟେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରୁଥିବାବେଳେ ଅନ୍ୟପକ୍ଷେ ବିପୁଳ ଅର୍ଥ ଦେଇ ଋଣଜାଲରେ ଛନ୍ଦୁଛି। ସଦ୍ୟ ଘଟଣାକ୍ରମରେ ବାଂଲାଦେଶ ସହ ସମ୍ପର୍କ ବିଗିଡ଼ିବା ଭାରତ ପାଇଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ସେଠାରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଉଥିବାରୁ ଏହାର ପ୍ରତିବାଦରେ ସୋମବାର ତ୍ରିପୁରା ରାଜଧାନୀ ଅଗରତାଲାରେ ଥିବା ବାଂଲାଦେଶ ଆସିଷ୍ଟାଣ୍ଟ ହାଇକମିଶନଙ୍କ କାର୍ଯ୍ୟାଳୟକୁ ଆକ୍ରମଣ କରାଯାଇଛି। ଫଳରେ ବାଂଲାଦେଶ ଅଗରତାଲାରେ ଦୂତାବାସୀୟ ସେବା ବନ୍ଦ କରିବା ସହ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସମନ ଜାରି କରିଛି। ତ୍ରିପୁରା ରାଜଧାନୀ ଅଗରତାଲାରେ ଥିବା ବାଂଲାଦେଶର ସହକାରୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ହିନ୍ଦୁ ସଂଘର୍ଷ ସମିତିର ବିକ୍ଷୋଭକାରୀମାନେ ଆକ୍ରମଣ କରିଥିଲେ। ଢାକା ଏହାକୁ ଦୃଢ଼ ନିନ୍ଦା କରିବା ସହ ସେଠାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ମଙ୍ଗଳବାର ସମନ କରିଛି। ସେ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଗରତାଲା ଘଟଣାକୁ ନେଇ ମନ୍ତ୍ରଣାଳୟ ନିଜର ଉଦ୍‌ବେଗ ଜଣାଇଥିଲା। ଅନ୍ୟପକ୍ଷରେ ନୂଆଦିଲ୍ଲୀ ବାଂଲାଦେଶ ସହ ନିରନ୍ତର ସ୍ଥାୟୀ ଓ ଗଠନମୂଳକ ସମ୍ପର୍କ ରକ୍ଷା କରିବାକୁ ଚାହେଁ ବୋଲି ବର୍ମା କହିଥିବା ଜଣାପଡ଼ିଛି। କୌଣସି ଗୋଟିଏ ପ୍ରସଙ୍ଗ ଦ୍ୱିପାକ୍ଷିକ ସମ୍ପର୍କରେ ☞ପୃଷ୍ଠା-୪

# ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀଙ୍କ ଧର୍ମଘଟ ପ୍ରତ୍ୟାହୃତ

## ଓଡ଼ିଶାକୁ ରପ୍ତାନି ନେଇ ନରମିପାରନ୍ତି ମମତା

ଭୋଗରାଇ,୩।୧୨(ପ୍ରଦୀପ ଦାସ)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ରାଜ୍ୟରେ ଆଳୁ ଅଭାବ ଓ ବଜାର ଦର ନିୟନ୍ତ୍ରଣ ଲାଗି ଓଡ଼ିଶା ସମେତ ଭିନ୍ନ ରାଜ୍ୟକୁ ଆଳୁ ରପ୍ତାନି ବନ୍ଦ ଲାଗି ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେବା ପରେ ୫ଦିନ ଧରି ଓଡ଼ିଶାରେ ଆଳୁ ଅଭାବ ଓ ବଜାର ଦର ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତି ଶୀତଳଭଣ୍ଡାରରେ ବିପୁଳ ପରିମାଣରେ ଗଚ୍ଛିତ ଥିବା ଆଳୁ ବିକ୍ରି କରି ନ ପାରି ପଚିଯିବା ଓ କ୍ଷତି ଆଶଙ୍କା କରି ସରକାର ଉପରେ ଚାପ ସୃଷ୍ଟି ନିମନ୍ତେ ସୋମବାର ମଧ୍ୟରାତ୍ରିରୁ ୪୮୦ଟି ଶୀତଳଭଣ୍ଡାରରେ ତାଲା ଲଗାଇ କର୍ମବିରତି ଧର୍ମଘଟ କରିଆସୁଛନ୍ତି। ଆଳୁ ବ୍ୟବସାୟୀ ଓ ସରକାର ମୁହାଁମୁହିଁ ଅବସ୍ଥାକୁ ଆସିବା ପରେ ରାଜ୍ୟରେ ପୁଣି ଏକ ବଡ ଆନ୍ଦୋଳନ ମୁଣ୍ଡ ନ ଟେକୁ ସେଥିପ୍ରତି ମମତାଙ୍କ ସରକାର ସଚେତନ ହୋଇ ରାଜ୍ୟର କୃଷି ମନ୍ତ୍ରୀ ବିଚାରାମ ମାନ୍ନା ପୁଣିଥରେ ଆଳୁ ବ୍ୟବସାୟୀଙ୍କୁ ବୈଠକରେ ବସିବାକୁ ଆମନ୍ତ୍ରଣ କରିଛନ୍ତି। ଧର୍ମଘଟ ଯୋଗୁ ପଶ୍ଚିମବଙ୍ଗରେ ଗୋଟିଏ ଦିନରେ ପ୍ରଭାବ ପଡିଥିବା ବେଳେ ଓଡ଼ିଶାକୁ ଗଳାବାଟ ଦେଇଆସୁଥିବା ଆଳୁ ଟ୍ରକ ବନ୍ଦ ହୋଇଛି। ପଶ୍ଚିମବଙ୍ଗରେ ସ୍ଥିତି ଅଣାୟତ୍ତ ହେବାକୁ ଯାଉଥିବା ଦୃଷ୍ଟିରୁ କୃଷିମନ୍ତ୍ରୀଙ୍କ ସବୁଜସଂକେତ ମିଳିବା ପରେ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସମିତିର ସମସ୍ତ ସଦସ୍ୟ ମଙ୍ଗଳବାର ବର୍ଦ୍ଧମାନ ଜିଲାରେ ଏକ ଜରୁରୀ ବୈଠକ କରି ଭବିଷ୍ୟତ କାର୍ଯ୍ୟପନ୍ଥା କୃଷିମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଭିନ୍ନ ରାଜ୍ୟକୁ ଆଳୁ ରପ୍ତାନୀ ହେବାକୁ କୃଷିମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ମନାଇବା ନିମନ୍ତେ ସହମତି ପ୍ରକାଶ ପରେ ଗୁରୁବାରଠୁ ଆଳୁ ବ୍ୟବସାୟୀଙ୍କ କର୍ମବିରତି ଧର୍ମଘଟ ପ୍ରତ୍ୟାହୃତ ହେବ ବୋଲି ଆଳୁ ବ୍ୟବସାୟୀ ସମିତିର ମହାସଚିବ ଲାଲୁ ମୁଖାର୍ଜୀ ସୂଚନା ଦେଇଛନ୍ତି। ତେବେ କେଉଁଦିନ ଓ କେବେ ଓଡ଼ିଶା ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ପ୍ରଥମେ ଡାକ୍ତରଙ୍କୁ ସୁରକ୍ଷା**


# ଶିମିଳିପାଳରେ ୨ କଳାବାଘ ଶାବକ

ବାରିପଦା, ୩।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମିଲେନାଷ୍ଟିକ ଟି-୨୪ ପ୍ରଜାତି ବାଘର ୨ ଶାବକ ମା' ସହ ବୁଲୁଥିବା ଏଆଇ କ୍ୟାମେରାରେ କଏଦ ହୋଇଛି। ଏନେଇ ଖୁସି ପ୍ରକଟ କରି ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ସୋସିଆଲ ମିଡିଆ (ଏକ୍ସ)ରେ ପୋଷ୍ଟ କରିଛନ୍ତି। କଳାବାଘକୁ ନେଇ ଶିମିଳିପାଳ ପ୍ରସିଦ୍ଧି ଲାଭ କରିଛି। ମିଲେନାଷ୍ଟିକ ପ୍ରଜାତିର ବାଘ କେବଳ ଶିମିଳିପାଳରେ ଦେଖିବାକୁ ମିଳିଥାଏ, ଯାହାକୁ ନେଇ ବନ୍ୟପ୍ରାଣୀପ୍ରେମୀ ଓ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ବେଶ ଆନନ୍ଦିତ ହୋଇଥାନ୍ତି। ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ଏଆଇ କ୍ୟାମେରାରେ କଳାବାଘର ଗତିବିଧି ଉପରେ ବନବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି। କଳାବାଘକୁ ନେଇ ବିଭାଗ ପକ୍ଷରୁ ବିଭିନ୍ନ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥାଏ। ସେଥିମଧ୍ୟରୁ ଟି-୨୪ ପ୍ରଜାତି





ଅଭୟାରଣ୍ୟରେ ବୁଲୁଥିବା କଳା ମହାବଳ ବାଘ ଶାବକ।

କଳାବାଘର ଦୁଇ ଶାବକ କବ୍-୧ ଓ କବ୍-୨ର ଫଟୋକୁ ଏଆଇ କ୍ୟାମେରା ଉତ୍ତୋଳନ କରିଛି। ଏହି ବାଘ ଶାବକ ଦ୍ୱୟର ବୟସ ଏକ ବର୍ଷ ହୋଇଥିବା ନେଇ ବିଭାଗ ସୂଚନା ଦେଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମୋଟ ୨୭ଟି ମହାବଳ ବାଘ ଓ ୧୨ଟି ଶାବକ ରହିଥିବା ବେଳେ ସେଥିମଧ୍ୟରୁ ☞ପୃଷ୍ଠା-୪

# ଭାରତରେ ସର୍ବାଧିକ ମୋବାଇଲ ମାଲୱେର ଆକ୍ରମଣ

ନୂଆଦିଲ୍ଲୀ, ୩।୧୨




ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ମୋବାଇଲ ମାଲୱେର ଆକ୍ରମଣ ଜନିତ ମାମଲା ସର୍ବାଧିକ ରହିଥିବା ନେଇ ଆମେରିକୀୟ କ୍ଲାଉଡ୍ ସିକ୍ୟୁରିଟି କମ୍ପାନୀ ଜେଡ୍‌ସ୍କେଲର ପ୍ରକାଶ କରିଛି। ମୋବାଇଲ ମାଲୱେର ଆକ୍ରମଣ ଜନିତ ମାମଲାରେ ଆମେରିକା ଏବଂ କାନାଡା ପରି ଦେଶକୁ ଭାରତ ପଛରେ ପକାଇଛି। 'ଜେଡ୍‌ସ୍କେଲର ଥ୍ରେଟ୍‌ଲ୍ୟାବ୍‌ଜେଡ୍ ୨୦୨୪ ମୋବାଇଲ', ଆଇଓଟି, ଆଣ୍ଡ ଓଟି ଥ୍ରେଟ୍ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୨୩ ଜୁନ୍‌ରୁ ୨୦୨୪ ମେ' ପର୍ଯ୍ୟନ୍ତ ବିପଦ ସମ୍ବନ୍ଧୀୟ ମୋବାଇଲ କାରବାର ଏବଂ ୨୦ ବିଲିୟନରୁ ଅଧିକ ଡାଟାସେଟ୍‌ର ବିଶ୍ଳେଷଣ କରାଯାଇ ଉକ୍ତ ରିପୋର୍ଟକୁ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ, ସାଇବର ଅପରାଧୀମାନଙ୍କ ଦ୍ୱାରା ମୋବାଇଲ ମାଲୱେର ଆକ୍ରମଣ କରାଯାଇ ଭାରତକୁ ସର୍ବାଧିକ ଟାର୍ଗେଟ କରାଯାଉଛି। ସମୁଦାୟ ମୋବାଇଲ ମାଲୱେର ଆକ୍ରମଣର କେବଳ ୨୮% ମାମଲା ଭାରତରୁ ଆସିଥିବା ଏହି ରିପୋର୍ଟ କହିଛି। ସେହିପରି ୨୭.୩% ମାମଲା ଆମେରିକାରୁ ଏବଂ ୧୫.୯% ମାମଲା କାନାଡାରୁ ଆସିଛି। ଗତବର୍ଷ ଏହି ତାଲିକାରେ ଭାରତ ତୃତୀୟ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ଶୀର୍ଷରେ ପହଞ୍ଚିଛି। ତେଣୁ ଭାରତୀୟ ଉଦ୍ୟୋଗଗୁଡ଼ିକରେ ଅଧିକ ଶକ୍ତିଶାଳୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଆବଶ୍ୟକତା ରହିଛି। ଭାରତରେ ଦ୍ରୁତ ଗତିରେ ଡିଜିଟାଲ ବ୍ୟବହାର ବଢୁଥିବାରୁ ସାଇବର ବିପଦ ମଧ୍ୟ ବୃଦ୍ଧି ପାଇଛି ବୋଲି ଉକ୍ତ ରିପୋର୍ଟ ପ୍ରକାଶ କରିଛି। ତେବେ ବୈଶ୍ୱିକ ସ୍ତରରେ ଗତବର୍ଷଠାରୁ ବ୍ୟାଙ୍କିଂ ମାଲୱେର ଆକ୍ରମଣରେ ୨୯% ବୃଦ୍ଧି ଘଟିଥିବାବେଳେ ମୋବାଇଲ ସ୍ପାଏୱେର ଆକ୍ରମଣରେ ୧୧୧% ବୃଦ୍ଧି ଘଟିଛି। ଭାରତରେ ମୋବାଇଲ ମାଲୱେର ଆଟାକ୍ ☞ପୃଷ୍ଠା-୪

## ମାଲୱେର କ'ଣ

ମାଲୱେର ଅଥବା ମାଲିସିଅସ୍ ସଫ୍ଟୱେର ହେଉଛି ସାଇବର ଅପରାଧୀମାନଙ୍କ ଦ୍ୱାରା ବିକଶିତ ଏକ ସଫ୍ଟୱେର, ଯାହାକୁ ବ୍ୟକ୍ତିଗତ ତଥ୍ୟ ଚୋରି କରିବା ପାଇଁ ବ୍ୟବହାର କରାଯାଇଥାଏ। ସେହିପରି କମ୍ପ୍ୟୁଟର, ନେଟୱର୍କ ସିଷ୍ଟମ କିମ୍ବା ସର୍ଭରକୁ ନଷ୍ଟ କରିବା ପାଇଁ ମଧ୍ୟ ମାଲୱେରକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ସାଇବର ଅପରାଧୀମାନେ କୌଣସି ବ୍ୟକ୍ତିଙ୍କ ବିନା ଜ୍ଞାତସାରରେ ତାଙ୍କ ଗୋପନୀୟ ତଥ୍ୟକୁ ଅତି ସହଜରେ ପ୍ରାପ୍ତ କରିପାରିଥାନ୍ତି।

# ପାଇପ୍ ଭିତରେ ୨ ମାସ

ଟେନ୍‌ସା,୩।୧୨(ସମୀର କୁମାର ପାଢ଼ୀ)

ଦିନେ କି ଦୁଇ ଦିନ ନୁହେଁ, ୨ ମାସ ପାଇପ୍ ଭିତରେ ରହିଆସୁଥିବା ଜଣେ ବ୍ୟକ୍ତିଙ୍କୁ ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ପୋଲିସ ଉଦ୍ଧାର କରିଛି। ଏହି ବ୍ୟକ୍ତି ହେଉଛନ୍ତି, ଲହୁଣୀପଡ଼ା ଥାନା ଟକରା ନିକଟ ରେଙ୍ଗାଲବେଡ଼ା ଗ୍ରାମର ଯୋହନ କାଣ୍ଡୁଲାନା (୫୫)। ଉଦ୍ଧାର ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ତାଙ୍କୁ କିଛି ଆର୍ଥିକ ସହାୟତା ଦିଆଯାଇ ତାଙ୍କ ନିଜ ଗ୍ରାମକୁ ସ୍ଥାନୀୟ ଲୋକ ଓ ପୋଲିସ ସହଯୋଗରେ ମଙ୍ଗଳବାର ପଠାଇ ଦିଆଯାଇଛି। ଯୋହନ ପାରିବାରିକ କଳହ ଯୋଗୁ ଘର ଛାଡ଼ି ଚାଲିଆସିଥିଲେ। ୨ ମାସ ହେଲା ଟେନ୍‌ସା ବରସୁଆଁ ରାସ୍ତାରେ ଥିବା କଲ୍‌ଭର୍ଟ ପାଇପ୍ ଭିତରେ ଲୁଚି ରହୁଥିଲେ। ଟେନ୍‌ସା, ଜିରୋ ପଏଣ୍ଟ ଆଦି ସ୍ଥାନରେ ବୁଲାବୁଲି କରି ମାଗି ଖାଉଥିଲେ। ସନ୍ଧ୍ୟା ହେବା ପରେ ଯାଇ କଲ୍‌ଭର୍ଟ ପାଇପ୍ ଭିତରେ ଶୋଇ ପଡୁଥିଲେ। ଏହି କଲ୍‌ଭର୍ଟ ଶୃଙ୍ଖଳା ଥିବାରୁ ତାଙ୍କର ଶୋଇବାରେ ଅସୁବିଧା ହେଉ ନ ଥିଲା। ଲଗାତର କଲ୍‌ଭର୍ଟ ପାଇପ୍ ଭିତରେ ଶୋଉଥିବାର କେତେଜଣ ଲୋକ ଦେଖି ସନ୍ଦେହ କରିଥିଲେ। ସେମାନେ ଏ ସମ୍ପର୍କରେ ଟେନ୍‌ସା ☞ପୃଷ୍ଠା-୪

## ପାରିବାରିକ କଳହରୁ ଘର ଛାଡ଼ିଥିଲେ



ଯୋହନ କାଣ୍ଡୁଲାନା

## ସଂକ୍ଷେପରେ

### ଗୁଜରାଟ କାରଖାନାରେ ବିସ୍ଫୋରଣ: ୪ ମୃତ

**ଅହମଦାବାଦ,୩।୧୨**

ଗୁଜରାଟ ଶିଳ୍ପବିକାଶ ନିଗମ (ଜିଆଇଡିସି) ଅଧୀନରେ ଅଙ୍କଲେଶ୍ୱରଠାରେ ଥିବା ଡେଟକ୍ସ ଇଣ୍ଡିଆ ପ୍ରା.ଲିଃରେ ମଙ୍ଗଳବାର ଅପରାହ୍ନରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଆହତ ହୋଇଛନ୍ତି। କମ୍ପାନୀର ଏମ୍.ଇ. ପ୍ଲାଣ୍ଟ ଷ୍ଟିମ୍ ପ୍ରେସର ପାଇପ୍ ବିଚ୍ଛିନ୍ନ ହେବାରୁ ବିସ୍ଫୋରଣ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କର୍ମଚାରୀମାନେ ପ୍ଲାଣ୍ଟର ଫିଡ୍ ଟ୍ୟାଙ୍କରେ ରେଲିଂ ସଂଯୋଗ ବେଳେ ୱେଲ୍ଡିଂରୁ ବିସ୍ଫୋରଣ ଘଟିଥିଲା। ଭରୁଚ୍ ଭାଜପା ଏମ୍‌ପି ମନସୁଖ ଦୁର୍ଘଟଣା ପାଇଁ ଗୁଜରାଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦାୟୀ କରିଛନ୍ତି। ପୂର୍ବରୁ ଏହି କମ୍ପାନୀ ଅବହେଳା ପାଇଁ ସମାଲୋଚିତ ହୋଇଥିଲାବେଳେ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।

### ୩ ନୂଆ ଆପରାଧିକ ଆଇନ କାର୍ଯ୍ୟକାରିତାରେ ଚଣ୍ଡିଗଡ଼ ସଫଳ

**ଚଣ୍ଡିଗଡ଼,୩।୧୨(ପି.ଟି.)**

ଚଣ୍ଡିଗଡ଼ରେ ୩ ନୂଆ ଆପରାଧିକ ଆଇନର ସଫଳ କାର୍ଯ୍ୟକାରିତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଷ୍ଟ୍ରକୁ ଉତ୍ସର୍ଗ କରିଛନ୍ତି। ଭାରତୀୟ ଦଣ୍ଡ ସଂହିତା (ଆଇପିସି), ଦଣ୍ଡ ପ୍ରକ୍ରିୟା ସଂହିତ (କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର) ଏବଂ ଭାରତୀୟ ସାକ୍ଷ୍ୟ ଆଇନ ବଦଳରେ ଜୁଲାଇ ୧ରେ ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ କରାଯାଇଥିଲା। ଚଣ୍ଡିଗଡ଼ ଦେଶର ପ୍ରଥମ ପ୍ରଶାସନ, ଯିଏ ଏହି ଆଇନକୁ ୧୦୦% କାର୍ଯ୍ୟକାରୀ କରିଛି। ନାଗରିକଙ୍କ ସୁବିଧା ପାଇଁ ସମ୍ବିଧାନର ବିଚାରଧାରାକୁ ବୁଝିବା ଦିଗରେ ନୂଆ ଆଇନଗୁଡ଼ିକ ଏକ ମଜଭୁତ ପଦକ୍ଷେପ ବୋଲି ମୋଦି କହିଥିଲେ।

# ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ

## ରାଜନୈତିକ କାର୍ଯ୍ୟ ବନ୍ଦ

**ସିଓଲ,୩।୧୨**

ଦକ୍ଷିଣ କୋରିଆରେ ରାଜନୈତିକ ଅଚଳାବସ୍ଥା ଲାଗି ରହିବା ଫଳରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ ମଙ୍ଗଳବାର 'ଜରୁରୀକାଳୀନ ସାମରିକ ଆଇନ' ଘୋଷଣା କରିଛନ୍ତି। ଉତ୍ତର କୋରିଆ ପ୍ରତି ସହାନୁଭୂତିଶୀଳ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟକୁ ନିୟନ୍ତ୍ରଣକୁ ନେବା ସହ ସରକାରକୁ ଅଚଳ କରିଦେବାକୁ ଉଦ୍ୟମ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ୟୁନ୍‌ଙ୍କ ଦଳ ପିପୁଲ୍ସ ପାୱାର ପାର୍ଟି ଏବଂ ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ସାମରିକ ଆଇନ ଲାଗୁ କରିବାକୁ ରାଷ୍ଟ୍ରପତି ନିଷ୍ପତ୍ତି ନେଇଥିଲେ। ଫଳରେ ଦେଶରେ ସମସ୍ତ ରାଜନୈତିକ



ଦକ୍ଷିଣ କୋରିଆ ସୈନ୍ୟ ପାର୍ଲାମେଣ୍ଟରେ ପ୍ରବେଶ ଉଦ୍ୟମ କରୁଛନ୍ତି।

କାର୍ଯ୍ୟକଳାପକୁ ବନ୍ଦ କରିଦିଆଯାଇଛି। ଏହି ଆଇନ ବଳରେ ସ୍ୱାଧୀନ ରିପବ୍ଲିକ୍ ଅଫ୍ କୋରିଆର ପୁନର୍ଗଠନ ଓ ସୁରକ୍ଷା କରିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଦକ୍ଷିଣ କୋରିଆ ପାର୍ଲାମେଣ୍ଟ ରାଷ୍ଟ୍ରପତିଙ୍କୁ ଅବମାନନା କରି ତୁରନ୍ତ ସାମରିକ ଆଇନ ଘୋଷଣା ହଟାଇବା ସପକ୍ଷରେ ଭୋଟ ଦେଇଛି। ସାମରିକ ଆଇନ ଘୋଷଣା ପରେ ସୈନ୍ୟମାନେ ଦେଶର ନ୍ୟାଶନାଲ ଆସେମ୍ବ୍ଲିର ମୁଖ୍ୟ ବିଲ୍ଡିଂରେ ପ୍ରବେଶ ଉଦ୍ୟମ କରିଥିଲେ। ତେବେ ପାର୍ଲାମେଣ୍ଟରେ ନିୟୋଜିତ କର୍ମଚାରୀମାନେ ସେମାନଙ୍କୁ ଭିତରେ ପ୍ରବେଶ କରାଇ



ୟୁନ୍ ସୁକ୍ ୟେଓଲ

ଦେଇ ନ ଥିଲେ। ଅଗ୍ନି ନିର୍ବାପକ ରସାୟନ ସାମଗ୍ରୀ ସ୍ପ୍ରେ କରାଯିବାରୁ ସୈନ୍ୟମାନେ ଫେରିଆସିବାକୁ ବାଧ ହୋଇଥିଲେ। ସାମରିକ ଆଇନ ଲାଗୁହେଲା ବୋଲି ଘୋଷଣା ପରେ ଜନସାଧାରଣ ପାର୍ଲାମେଣ୍ଟ ବିଲ୍ଡିଂ ବାହାରେ ରୁଣ୍ଡ ହୋଇ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।

# ସିଇସି ନିଯୁକ୍ତି ମାମଲା ଶୁଣାଣିରୁ ଓହରିଲେ ସିଜେଆଇ

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି) ଚୟନ ପାଇଁ ଉଦ୍ଦିଷ୍ଟ କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ୍ ଦିଆଯାଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର କରାଯାଇଥିଲା। ଏହି ପିଟିଶନଗୁଡ଼ିକର ଶୁଣାଣିରୁ ସିଜେଆଇ ସଞ୍ଜୀବ ଖାନ୍ନା ମଙ୍ଗଳବାର ଓହରିଯାଇଛନ୍ତି। ଏବେ ସେ ସିଜେଆଇ ହୋଇଥିବାରୁ ଏହି ଆବେଦନଗୁଡ଼ିକର ଶୁଣାଣି କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଖାନ୍ନା ପିଆଇଏଲ୍ ଆବେଦନକାରୀଙ୍କ ଓକିଲାମାନଙ୍କୁ କହିଥିଲେ। ଏବେ ଉକ୍ତ ମାମଲା ଅନ୍ୟ ଖଣ୍ଡପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ ବୋଲି କହିଥିଲେ। ଜନସ୍ୱାର୍ଥ ମାମଲାଗୁଡ଼ିକ ଉପରେ ଠିକ୍ ସମୟରେ ଜବାବ ଦାଖଲ କରିବାକୁ ସେ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ପରାମର୍ଶ




ସିଜେଆଇ ସଞ୍ଜୀବ ଖାନ୍ନା

ଦେଇଥିଲେ। ସିଇସି ଏବଂ ଇସି ଚୟନ ପାଇଁ ଗଠିତ କମିଟିରୁ ସିଜେଆଇଙ୍କୁ ବାଦ୍ ଦେଇଥିବା ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର ଆଇନ, ୨୦୨୩ର ଧାରା ୭ର ବୈଧତାକୁ ଏନ୍‌ଜିଓ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ଚ୍ୟାଲେଞ୍ଜ କରିବା ସହ ଏହାର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ନିବେଦନ କରିଥିଲେ।

# ଲଶ୍କର ଆତଙ୍କବାଦୀ ନିହତ

## ଗାନ୍ଦରବଲ ଆକ୍ରମଣରେ ସମ୍ପୃକ୍ତି ଥିଲା



ଜୁନୈଦ ରମଜାନ ଭଟ

**ଶ୍ରୀନଗର, ୩।୧୨**

ଗତ ଅକ୍ଟୋବରରେ ଜମ୍ମୁ-କଶ୍ମୀରର ଗାନ୍ଦରବଲରେ ୭ ଜଣଙ୍କୁ ହତ୍ୟା କରିଥିବା 'ଲଶ୍କର-ଇ-ତୋଇବା'ର ଆତଙ୍କବାଦୀ ମଙ୍ଗଳବାର ସୁରକ୍ଷା ବଳଙ୍କ ଗୁଳିରେ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ନାମ ଜୁନୈଦ ରମଜାନ ଭଟ୍ଟ ଥିବା ନେଇ କଶ୍ମୀର ଜୋନ୍ ପୋଲିସ ସୂଚନା ଦେଇଛି। ସେ ଆତଙ୍କବାଦୀ ସଙ୍ଗଠନ 'ଲଶ୍କର-ଇ-ତୋଇବା'ର 'ଏ' ଶ୍ରେଣୀର ଆତଙ୍କବାଦୀ ଥିଲେ।

ଗାନ୍ଦରବଲ ଆକ୍ରମଣ ପରେ ଜୁନୈଦଙ୍କୁ ଖୋଜିବା ପାଇଁ ସୁରକ୍ଷା ବଳ ପକ୍ଷରୁ ଜମ୍ମୁ-କଶ୍ମୀରରେ ବ୍ୟାପକ ସର୍ଚ୍ଚ ଅପରେଶନ କରାଯାଇଥିଲା। ଜୁନୈଦଙ୍କ ଫଟୋ ମଧ୍ୟ ସୁରକ୍ଷା ବଳ ପକ୍ଷରୁ ଜାରି କରାଯାଇଥିଲା। ଗୋଇନ୍ଦା ସୂଚନା ଆଧାରରେ ଜମ୍ମୁ-କଶ୍ମୀରର ଦାଚିଗ୍ରାମ ଜଙ୍ଗଲରେ ସୁରକ୍ଷାବଳ ପକ୍ଷରୁ ମଙ୍ଗଳବାର ସର୍ଚ୍ଚ ଅପରେଶନ କରାଯାଇଥିଲା। ଉକ୍ତ ସର୍ଚ୍ଚ ଅପରେଶନ ସମୟରେ ସୁରକ୍ଷା ବଳ ଓ ଜୁନୈଦଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ପରେ ସୁରକ୍ଷାବଳଙ୍କ ଗୁଳିରେ ଜୁନୈଦ ନିହତ ହୋଇଥିଲେ। ପ୍ରକାଶ ଯେ, ଗତ ଅକ୍ଟୋବର ୨୧ରେ ଜମ୍ମୁ-କଶ୍ମୀରର ଗାନ୍ଦରବଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୬ ଜଣ ଶ୍ରମିକ ଏବଂ ଜଣେ ଡାକ୍ତରଙ୍କ ମୃତ୍ୟୁ ହୋଇଥିଲା।

# ନଏଡାରୁ ୧୬୦ରୁ ଅଧିକ କୃଷକ ଗିରଫ

**ନୂଆଦିଲ୍ଲୀ, ୩।୧୨ (ପି.ଟି.)**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ସଂଯୁକ୍ତ କିଶାନ ମୋର୍ଚ୍ଚା(ଏସ୍‌କେଏମ୍)ର ଡକରାରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରୁ କୃଷକମାନେ ନଏଡାର ସେକ୍ଟର-୯୫ସ୍ଥିତ ଦଳିତ ପ୍ରେରଣା ସ୍ଥଳରେ ସୋମବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ କରିଥିଲେ। ତେବେ ମଙ୍ଗଳବାର ଅଧିକ ମାତ୍ରାରେ ପୋଲିସ ଫୋର୍ସ ଧାରଣାସ୍ଥଳରେ ପହଞ୍ଚି ୧୬୦ରୁ ଅଧିକ କୃଷକଙ୍କୁ ଗିରଫ କରିଛି। ଧାରଣାର ନେତୃତ୍ୱ ନେଉଥିବା ଭାରତୀୟ କିଷାନ ପରିଷଦର ସଭାପତି ସୁଖବୀର ଯାଦବ ଖଲିଫାଙ୍କୁ ମଧ୍ୟ ଗିରଫ କରାଯାଇଛି। କୃଷକଙ୍କୁ ବସ୍ ମଧ୍ୟରେ ଭର୍ତ୍ତି କରାଯାଇ ଲୁକ୍ସର ଜେଲ ପଠାଯାଇଛି। ଏହି ସମୟରେ ପୋଲିସ ଏବଂ ଧାରଣାରତ କୃଷକଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର କୃଷକଙ୍କ ଧାରଣା ଯୋଗୁ



ନଏଡାର ରାଷ୍ଟ୍ରୀୟ ଦଳିତ ପ୍ରେରଣାସ୍ଥଳରୁ ପୋଲିସ ଜଣେ ମହିଳା କୃଷକଙ୍କୁ ଗିରଫ କରି ନେଉଛି।

ଗ୍ରେଟର ନଏଡାରେ ଅନେକ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଜାମ୍ ଲାଗି ରହିଥିଲା। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୭୦ ଅନୁଯାୟୀ ଧାରଣାରତ କୃଷକଙ୍କୁ ଗିରଫ କରାଯାଇଛି ବୋଲି ନଏଡାର ଅତିରିକ୍ତ ପୋଲିସ କମିଶନର ଶିବହରି ମୀନା କହିଛନ୍ତି।

ତେବେ କୃଷକଙ୍କୁ ଗିରଫ କରିବା ଘଟଣାକୁ ଏସ୍‌କେଏମ୍ ସମାଲୋଚନା କରିଛି। ଏହା ଏକ ଶାନ୍ତିପୂର୍ଣ୍ଣ ବିରୋଧ ଥିଲା। ତେଣୁ କୃଷକମାନଙ୍କୁ ଗିରଫ କରାଯାଇ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରାଯାଇଛି ବୋଲି ଏହି ସଙ୍ଗଠନ କହିଛି। ପୋଲିସର ଏହି କାର୍ଯ୍ୟାନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଏସ୍‌କେଏମ୍ ନ୍ୟାୟପାଳିକାକୁ ଦାବି କରିଛି।

# ୨,୯୮୮ ଔଷଧ ନିମ୍ନମାନର ୨୮୨ ଅପମିଶ୍ରିତ

**ନୂଆଦିଲ୍ଲୀ,୩।୧୨(ପି.ଟି.)**


ଦେଶରେ ଉପଲବ୍ଧ ହେଉଥିବା ୨,୯୮୮ ଔଷଧ ନିମ୍ନମାନର ହୋଇଥିବାବେଳେ ୨୮୨ ଔଷଧ ଅପମିଶ୍ରିତ। ୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ହୋଇଥିବା ନମୁନା ପରୀକ୍ଷାରୁ ଏହା ଜଣାପଡ଼ିଥିବା ମଙ୍ଗଳବାର ସରକାର ରାଜ୍ୟ ସଭାକୁ ଜଣାଇଛନ୍ତି। ଉଚ୍ଚ ସଦନରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଥିଲେ, ବର୍ଷକ ମଧ୍ୟରେ ୧,୦୬,୧୫୦ଟି ଔଷଧ ନମୁନା ପରୀକ୍ଷା କରାଯାଇଥିଲା। ନିମ୍ନମାନର ତଥା ଅପମିଶ୍ରିତ ଔଷଧ ଉତ୍ପାଦନରେ ସମ୍ପୃକ୍ତଙ୍କ ବିରୋଧରେ ୬୦୪ଟି ଅଭିଯୋଗ ଦାଏର ହୋଇଛି। ଏପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ଔଷଧ କମ୍ପାନୀ ପରିସରରେ ଚଢ଼ାଉ ହୋଇଛି। ରିପୋର୍ଟ ଆଧାରରେ ୪୦୦ରୁ ଊର୍ଦ୍ଧ୍ୱ କାରଣ ଦର୍ଶାଅ ନୋଟିସ ପଠାଯିବା ସହ ସେମାନଙ୍କ ଲାଇସେନ୍ସ ନିଲମ୍ବନ କିମ୍ବା ବାତିଲ କରାଯାଇଛି।

# ବରଙ୍କୁ ବନ୍ଧକ ରଖିଲେ କନ୍ୟା ପକ୍ଷ

**ଅମେଠି, ୩।୧୨ (ପି.ଟି.)**

ଉତ୍ତର ପ୍ରଦେଶର ଅମେଠିରୁ ଏକ ଅଜବ ବିବାହ ମାମଲା ସାମ୍ନାକୁ ଆସିଛି। ବିବାହ କରିବା ପାଇଁ ବିଳମ୍ବରେ ପହଞ୍ଚିବାରୁ ଜଣେ ବରଙ୍କୁ କନ୍ୟାପକ୍ଷ ବନ୍ଧକ ରଖିଛନ୍ତି।

ଘଟଣା ହେଉଛି ଅମେଠିର ଶୁକୁଲ୍ ବଜାର ଥାନା ଖୋଦବ୍ ଗ୍ରାମର। ଅଯୋଧ୍ୟାର ଉସ୍‌ହରନ ନିବାସୀ ସୋହନ ଲାଲ ନାମକ ଜଣେ ଯୁବକ ସୋମବାର ରାତିରେ ବରଯାତ୍ରୀ ଧରି ନିଜ ବିବାହ ସ୍ଥଳରେ ପହଞ୍ଚିବାର ଥିଲା। ତେବେ କୌଣସି କାରଣବଶତଃ ବରଯାତ୍ରୀ ଆସି ନ ଥିଲା। କନ୍ୟାପକ୍ଷ ସୋହନଙ୍କୁ କଲ୍ କରିଥିଲେ ମଧ୍ୟ ତାଙ୍କ ଫୋନ୍ ବନ୍ଦ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି କନ୍ୟାପକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ସୋହନଙ୍କ ସହ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇଥିଲା। ପୋଲିସ ଓ କନ୍ୟାପକ୍ଷଙ୍କ ଅନୁରୋଧକ୍ରମେ ସୋମବାର ରାତି ସାଢ଼େ ୨ଟାରେ ସୋହନ ବିବାହ ସ୍ଥଳରେ



ସୋହାନ ଲାଲ୍

ପହଞ୍ଚିଥିଲେ। ତେବେ ସୋହନ ଆସିବା ପରେ କନ୍ୟାପକ୍ଷ ବିବାହକୁ ରଦ୍ଦ କରିବା ସହ ତାଙ୍କୁ ବନ୍ଧକ କରି ରଖିଥିଲେ। ବିବାହରେ ଯେତେ ଖର୍ଚ୍ଚ ହୋଇଛି ସେ ସମସ୍ତ ଅର୍ଥ ଦେବା ପରେ ଯାଇ ସୋହନଙ୍କୁ ଛଡ଼ାଯିବ ବୋଲି କନ୍ୟାପକ୍ଷ ରୋକଠୋକ ଶୁଣାଇଛନ୍ତି। ତେବେ ଏହି ବିବାହ ତାରିଖ ୧୦ ମାସ ତଳୁ ଠିକ ହୋଇଥିଲା ବୋଲି କନ୍ୟାଙ୍କ ବାପା କହିଛନ୍ତି। ସୋହନ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିବାରୁ ବିବାହ କରିବାକୁ ଆସିବାକୁ ଚାହୁଁ ନ ଥିଲେ ବୋଲି ସେ କହିଛନ୍ତି। ସେହିପରି ଯୌତୁକ ଆକାରରେ ସେ କାର୍ ଏବଂ ମୋଟର ସାଇକେଲ ମାଗୁଥିଲେ, ଯାହା ତାଙ୍କୁ ମିଳି ନ ଥିଲା। ତେଣୁ ସେ କ୍ଷୁବ୍ଧ ହୋଇ ଶେଷ ମୁହୂର୍ତ୍ତରେ ବିବାହ କରିବାକୁ ଅରାଜି ହୋଇଥିଲେ ବୋଲି କନ୍ୟାଙ୍କ ବାପା କହିଛନ୍ତି। ସୋହନଙ୍କ ପରିବାରବର୍ଗ କହିଛନ୍ତି, ବିବାହର ୩ ଦିନ ଆଗରୁ ସୋହନ ନିଖୋଜ ହୋଇଯାଇଥିଲେ। ତାଙ୍କର ଫୋନ୍ ମଧ୍ୟ ବନ୍ଦ ରହିଥିଲା। ତବେ ଘଟଣାକୁ ନେଇ ଏକ ସ୍ଥାନୀୟ ଗଣମାଧ୍ୟମକୁ ସୋହନ କହିଛନ୍ତି, ସେ ନିଖୋଜ ନ ଥିଲେ। ଏକ କାମରେ ଲକ୍ଷ୍ନୌ ଯାଇଥିଲେ। ସେଠାରେ ତାଙ୍କ ଫୋନ୍ ଖରାପ ହୋଇଯାଇଥିଲା। ସେଥିପାଇଁ ସେ ବିବାହ ସ୍ଥଳରେ ବିଳମ୍ବରେ ପହଞ୍ଚିଥିଲେ। କନ୍ୟାପକ୍ଷଙ୍କୁ କୌଣସି ଧୋକା ଦେଇନାହାନ୍ତି ବୋଲି ସୋହନ କହିଛନ୍ତି। ପୋଲିସ ଏହି ମାମଲାରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାଶୁଝା କରିବା ପାଇଁ ପ୍ରୟାସ ଜାରି ରଖିଛି।

# ସମ୍ଭଲ ହିଂସା: ଲୋକସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ଉତ୍ତରପ୍ରଦେଶର ସମ୍ଭଲରେ ନିକଟରେ ଘଟିଥିବା ହିଂସାକାଣ୍ଡ ପ୍ରତିବାଦରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ସମସ୍ତ ବିରୋଧୀ ସଦସ୍ୟ ମଙ୍ଗଳବାର କକ୍ଷତ୍ୟାଗ କରିଛନ୍ତି। ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଅଖିଳେଶ ଯାଦବ ଉକ୍ତ ପ୍ରସଙ୍ଗ ଉଠାଇ ଆଲୋଚନା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁମତି ଚାହିଁଥିଲେ। ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ଅଖିଳେଶ କହିଥିଲେ। ତେବେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଯାଇପାରିବ ବୋଲି ବାଚସ୍ପତି କହିବାରୁ ଅଖିଳେଶ ଓ ତାଙ୍କ ଦଳର ଏମ୍‌ପିମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ। ପରେ ଅନ୍ୟ ବିରୋଧୀ ସଦସ୍ୟମାନେ ମଧ୍ୟ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅଖିଳେଶଙ୍କ ପାଖରେ ପହଞ୍ଚି ସମ୍ଭଲ ପ୍ରସଙ୍ଗରେ ଆଲୋଚନା ପାଇଁ କହିବା ପରେ ସେମାନେ ପ୍ରଶ୍ନୋତ୍ତର କାର୍ଯ୍ୟରେ ଯୋଗଦେବା ପାଇଁ ଫେରିଥିଲେ।

ସମ୍ଭଲ ହିଂସା ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି ଅଖିଳେଶ କହିବା ସହ ଭାଜପା ଓ ଏହାର ସହଯୋଗୀଙ୍କ ଦ୍ୱାରା ସାରା ଦେଶରେ ଯେଉଁ ଖୁଦାଇର କଥା କୁହାଯାଉଛି, ତାହା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଶେଷ ହୋଇଯିବ ବୋଲି କହିଥିଲେ। ହିଂସା ପାଇଁ ସେ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନକୁ ଦାୟୀ କରିଥିଲେ। ପୋଲିସ ଅଧିକାରୀମାନେ ସରକାରୀ ଏବଂ ବ୍ୟକ୍ତିଗତ ବନ୍ଧୁକରୁ ଗୁଳି କରିବାରୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହେଲେ। ଦୋଷୀ ଅଫିସରଙ୍କୁ ନିଲମ୍ବନ କରାଯିବା ସହ ହତ୍ୟା ମାମଲା ରୁଜୁ କରାଯିବାକୁ ଅଖିଳେଶ ଦାବି କରିଥିଲେ।

## ଆଦାନୀ ପ୍ରସଙ୍ଗ: ଜେପିସି ତଦନ୍ତ ଦାବିରେ ବିକ୍ଷୋଭ




ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଯିବା ଦାବିରେ ପାର୍ଲାମେଣ୍ଟ ପରିସରରେ ମଙ୍ଗଳବାର ବିରୋଧୀ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ଲାଞ୍ଚ ଦେଇଥିବା ନେଇ ଆମେରିକାର ଏକ ଅଦାଲତ ତାଙ୍କୁ ଅଭିଯୁକ୍ତ କରିଥିବାବେଳେ ଏହାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଯିବା ଦାବିରେ ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରିଥିଲେ।

## ଫୁର୍‌ସତ

### ଗଛକୁ ସ୍ୱେଟର ପିନ୍ଧାନ୍ତି ଲୋକେ

**ସିଓଲ:** ଥଣ୍ଡା ଆସିବା ମାତ୍ରେ ଲୋକମାନେ ସେମାନଙ୍କର ସ୍ୱେଟର ଏବଂ ଜ୍ୟାକେଟ୍ ବାହାର କରିଥାନ୍ତି। ଏପରିକି ଅନେକ ଲୋକ ନିଜ ନିଜର ଗୃହପାଳିତ ପଶୁଙ୍କୁ ମଧ୍ୟ ଥଣ୍ଡାରୁ ରକ୍ଷା ପାଇଁ ସ୍ୱେଟର ପିନ୍ଧାଇ ଦେଇଥାନ୍ତି। ତେବେ ନିକଟରେ ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ କେତେଜଣ ଲୋକ ଗଛକୁ ସ୍ୱେଟର ପିନ୍ଧାଉଥିବାର ନଜରକୁ ଆସିଛନ୍ତି। ଏହି ଭିଡିଓ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସିଓଲ.ସାଉଥ୍‌କୋରିଆ ନାମକ ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଭିଡିଓଟିକୁ ଶେୟାର କରାଯାଇଛି। ସାଧାରଣତଃ ଦକ୍ଷିଣ କୋରିଆ ସହ ଜଡ଼ିତ କୌତୂହଳପୂର୍ଣ୍ଣ ତଥ୍ୟ ଏବଂ ଭିଡିଓ ଉକ୍ତ ଆକାଉଣ୍ଟରେ ଶେୟାର କରାଯାଇଥାଏ। ଉକ୍ତ ଭିଡିଓରେ ଲୋକମାନେ ଗଛଗୁଡ଼ିକୁ ସ୍ୱେଟର ପିନ୍ଧାଉଥିବାର ନଜରକୁ ଆସୁଛନ୍ତି।



ଦକ୍ଷିଣ କୋରିଆରେ ଗଛଗୁଡ଼ିକୁ ଶୀତଦିନେ ସ୍ୱେଟର ପିନ୍ଧାଯିବା ଏକ ସାଧାରଣ କଥା ଏବଂ ଉକ୍ତ ସ୍ୱେଟରଗୁଡ଼ିକୁ ଲୋକମାନେ ନିଜ ଘରୁ ସିଲେଇ କରି ଆଣିଥାନ୍ତି ବୋଲି ଏହି ଭିଡିଓରେ କୁହାଯାଇଛି।

ଶୀତ ସମୟରେ କୋରିଆର ଗଛଗୁଡ଼ିକୁ ରଙ୍ଗିନ ସ୍ୱେଟର ପିନ୍ଧାଯିବାର ପରମ୍ପରା ବହୁ ବର୍ଷରୁ ରହିଆସିଛି, ଯାହା ସମାଜରେ ଏକ ନିଆରା ସ୍ଥାନ ସୃଷ୍ଟି କରିଛି। ସିଓଲରେ ବିଭିନ୍ନ ସଂଗଠନ ପକ୍ଷରୁ ଏହି କାର୍ଯ୍ୟ କରାଯାଇଥାଏ। ଶୀତଦିନେ ଗଛଗୁଡିକରେ ଉଷ୍ମତା ଆଣିବାର ଉଦ୍ଦେଶ୍ୟ ସହ ଏହି ପରମ୍ପରା ଦକ୍ଷିଣ କୋରିଆରେ ଦୀର୍ଘବର୍ଷ ଧରି ପାଳନ କରାଯାଉଛି, ଯାହା ପଥଚାରୀମାନଙ୍କୁ ଆନନ୍ଦ ଆଣିଥାଏ ବୋଲି ଉକ୍ତ ଭିଡିଓରେ କୁହାଯାଇଛି।

ଶୀତଦିନେ ଗଛଗୁଡ଼ିକୁ ସ୍ୱେଟର ପିନ୍ଧାଇବାକୁ ବୀଷାକ୍ତ କୀଟ ବିରୋଧରେ ଏକ ପ୍ରଭାବଶାଳୀ ପଦକ୍ଷେପ ବୋଲି ଉଦ୍ଭିଦ ବିଜ୍ଞାନୀମାନେ କହିଛନ୍ତି। ଶୀତ କମିବା ପରେ ଯେତେବେଳେ ଲୋକମାନେ ଗଛରୁ ସ୍ୱେଟର କାଢ଼ନ୍ତି, ସେମାନେ ଅନେକ ଅନିଷ୍ଟକାରୀ ପୋକ ମରିଯାଇଥିବା ଦେଖିବାକୁ ପାଇଥାନ୍ତି। ଏହା ଗଛଗୁଡ଼ିକୁ ଅଧିକ ଦିନ ଧରି ବଞ୍ଚିବାରେ ସାହାଯ୍ୟ କରିଥାଏ ବୋଲି ଧାରଣା ରହିଛି।

### ଗୋଲାପ ଜାମୁନ୍‌ରେ ତିଆରି ପରଟା

**ନୂଆଦିଲ୍ଲୀ:** ଧୀରେ ଧୀରେ ଯୁବପିଢ଼ିଙ୍କ ମଧ୍ୟରେ 'ଫୁଡ୍ ବ୍ଲଗିଂ'କୁ ନେଇ କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି। ସମ୍ପ୍ରତି ଫୁଡ୍ ବ୍ଲଗିଂ ରୋଜଗାରର ଏକ ପନ୍ଥା ମଧ୍ୟ ପାଲଟିଛି। ସାଧାରଣତଃ ଅଧିକାଂଶ ଖାଦ୍ୟପ୍ରେମୀ ବିଭିନ୍ନ ସ୍ଥାନର ଷ୍ଟ୍ରିଟ୍ ଫୁଡ୍‌କୁ ଏକ୍ସପ୍ଲୋର କରିବାକୁ ପସନ୍ଦ କରିଥାନ୍ତି। ସେହିପରି ଆଉ କିଛି ଖାଦ୍ୟପ୍ରେମୀ ବିଭିନ୍ନ ଖାଦ୍ୟ ସହ ଭିନ୍ନ ଭିନ୍ନ ଏକ୍ସପେରିମେଣ୍ଟ ମଧ୍ୟ କରିଥାନ୍ତି। ଭାରତରେ ବହୁ ବ୍ୟକ୍ତି ପରଟା ଖାଇବାକୁ ପସନ୍ତ କରନ୍ତି। ସାଧାରଣତଃ ପରଟାରେ ଆଳୁ, କୋବି, ପରିବା, ପନିର ଆଦି ପୁର ଦିଆଯାଇଥାଏ। ତେବେ ନିକଟରେ ସୋନିଆ ନେଗୀ ନାମ୍ନୀ ଜଣେ ଫୁଡ୍ ବ୍ଲଗର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଜଣେ ବ୍ୟକ୍ତି ପରଟା ସହ ଏକ ଏକ୍ସପେରିମେଣ୍ଟ କରୁଥିବା ନଜରକୁ ଆସିଛନ୍ତି। ଉକ୍ତ ବ୍ୟକ୍ତି ଜଣକ ଅଟା ଗୁଳାରେ ଗୋଲାପ ଜାମୁନ୍ ପୁର ଦେଇ ପରଟା ପ୍ରସ୍ତୁତ କରୁଛନ୍ତି। ପରଟା ପ୍ରସ୍ତୁତ ହେବା ପରେ ସେ ଏହା ଉପରେ ଚିନି ଶିରା ଦେଉଛନ୍ତି। ଗୋଲାପ ଜାମୁନ୍ ପୁର ଥିବା ଏହି ପରଟାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



### ହୋଟେଲ ୱେଟରରୁ ସଫଳ ଅଭିନେତା



ବୋମନ ଇରାନୀ

**ମୁମ୍ବାଇ:** ବଲିଉଡ୍‌ର ପ୍ରତିଭାବାନ କଳାକାରଙ୍କ ମଧ୍ୟରେ ଅଭିନେତା ବୋମନ ଇରାନୀ ଅନ୍ୟତମ। ମଙ୍ଗଳବାର ଏକ ସାକ୍ଷାତ୍‌କାର ଦେଇ ବୋମନ ତାଙ୍କ ନିଜ ଜୀବନର ଅନେକ କାହାଣୀ ସମ୍ପର୍କରେ ପ୍ରଘଟ କରିଛନ୍ତି। ସେ ମୁମ୍ବାଇର ମିଠିବାଇ କଲେଜରୁ ସ୍ନାତକ ପଢ଼ା ସାରି ବୋମନ ମୁମ୍ବାଇର ୫ ତାରକା ତାଜ ମହଲ ପ୍ୟାଲେସ୍ ହୋଟେଲରେ ଜଣେ ୱେଟର ଏବଂ ରୁମ୍ ସର୍ଭିସ ଷ୍ଟାଫ୍ ଭାବେ ନିଜ କର୍ମମୟ ଜୀବନର ଶୁଭାରମ୍ଭ କରିଥିଲେ। ତେବେ କିଛି ବର୍ଷ ପରେ ସେ ଉକ୍ତ ଚାକିରୀ ଛାଡ଼ି ମୁମ୍ବାଇର ବାଇକୁଲାସ୍ଥିତ ନିଜ ମା'ଙ୍କ ବେକରି ଦୋକାନ ସମ୍ଭାଳିଥିଲେ। ଏହାପରେ ସେ ଫଟୋଗ୍ରାଫି ପ୍ରତି ମନ ବଳାଇଥିଲେ। ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିବା ସମୟରେ ପ୍ରସିଦ୍ଧ କୋରିଓଗ୍ରାଫର ଶ୍ୟାମକ ଡାବରଙ୍କ ସହ ବୋମନଙ୍କର ପରିଚୟ ହୋଇଥିଲା। ଶ୍ୟାମକ ତାଙ୍କୁ ଜଣେ ଥିଏଟର ନିର୍ଦ୍ଦେଶକଙ୍କ ସହିତ ପରିଚିତ କରିଦେଇଥିଲା ବୋଲି ବୋମନ କହିଛନ୍ତି। ଖୁବ୍‌ଶୀଘ୍ର ସେ ମରାଠୀ ଥିଏଟରରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ତେବେ ୪୧ ବର୍ଷ ବୟସରେ ବୋମନ 'ଜୋଶ' ଫିଲ୍ମ ସହ ବଡ଼ ପରଦାରେ ଡେବ୍ୟୁ କରିଥିଲେ। 'ମୁନ୍ନା ଭାଇ ଏମ୍‌ବିବିଏସ୍', 'ନୋ ଏଣ୍ଟ୍ରି', 'ଖୋସ୍‌ଲା କା ଘୋସଲା', 'ଡନ୍', 'ଲଗେ ରାହୋ ମୁନ୍ନା ଭାଇ', '୩ ଇଡିଅଟ୍ସ', 'ଜଲି ଏଲ୍‌ଏଲ୍‌ବି' ପରି ଚଳଚ୍ଚିତ୍ରରେ ବୋମନ ତାଙ୍କ ନିଖୁଣ ଅଭିନୟ ମାଧ୍ୟମରେ ନିଜ ଚରିତ୍ରକୁ ଜୀବନ୍ତ କରିପାରିଛନ୍ତି।

## ବିପଦପୂର୍ଣ୍ଣ ଖାଦ୍ୟ ତାଲିକାରେ ବୋତଲ ପାଣି




# ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ ରାଷ୍ଟ୍ରପତି

■ ଆଦିବାସୀ ଦେବସ୍ଥାନ 'ଜାହିରା' ପୀଠରେ ପୂଜାର୍ଚ୍ଚନା କଲେ
■ ଆଜି ପୁରୀ ଯାଇ ନୌସେନା ଦିବସ ସମାରୋହରେ ଯୋଗଦେବେ

ଭୁବନେଶ୍ୱର, ୩।୧୨ (ବନ୍ଦନା ସେଠୀ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ୫ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ସେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ। ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜିଲାପାଳ ଏବଂ ମେୟର ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେ ସିଧାସଳଖ ଚନ୍ଦ୍ରଶେଖରପୁରସ୍ଥିତ ନୀଳାଦ୍ରି ବିହାର ଯାଇଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରେ ସେ ପହଞ୍ଚିବା ପରେ ଆଦିବାସୀ ଦେବସ୍ଥାନ 'ଜାହିରା' ପୀଠରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ପରେ ପାଖରେ ଥିବା ଏକ ପାର୍କ ବୁଲି ଦେଖିବା ସହ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ କଥା ହୋଇଥିଲେ। ପ୍ରତିମୂର୍ତ୍ତି ଅନାବରଣ ପରେ ସେ ରାଜଭବନ ଅଭିମୁଖେ ଫେରିଥିଲେ। ମଙ୍ଗଳବାର ରାତିରେ ରାଜଭବନରେ ରାଷ୍ଟ୍ରପତି ରହିବା ସହିତ ବୁଧବାର ପୁରୀ ଅଭିମୁଖେ ଯାତ୍ରା କରିବେ। ବୁଧବାର ସକାଳ ୯ଟା ୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ଶ୍ରୀମନ୍ଦିର ଯାଇ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ। ଅପରାହ୍ନ ୩ଟା ୫୫ରେ ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ଆୟୋଜିତ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ।

### ହାତ ଯୋଡ଼ି ପ୍ରତିନମସ୍କାର କଲେ

କାର୍ଯ୍ୟକ୍ରମରୁ ଫେରିବା ସମୟରେ ରାଷ୍ଟ୍ରପତି ଲୋକଙ୍କୁ ହାତ ଯୋଡ଼ି ପ୍ରତିନମସ୍କାର କରିବା ସହ ହାତ ହଲାଇ ଅଭିବାଦନ ଜଣାଇଥିଲେ। ତାଙ୍କୁ ଦେଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକେ ଭିଡ଼ ଜମାଇଥିଲେ। ଏହି ସମୟରେ ରାଷ୍ଟ୍ରପତି ସମସ୍ତଙ୍କୁ ହାତଯୋଡ଼ି ଅଭିବାଦନ ଜଣାଇଥିଲେ।




# ବିଧାୟକଙ୍କ ଦରମା ବୃଦ୍ଧି: ପରାମର୍ଶଦାତା କମିଟି ଗଠିତ

ଭୁବନେଶ୍ୱର,୩।୧୨
(ଅନିଲ ଦାସ/ସୁନିତ ମିଶ୍ର)

ବଜାର ଦର ହୁ ହୁ ହୋଇ ବଢୁଛି। ନିର୍ବାଚନମଣ୍ଡଳୀରେ ଥରେ ବୁଲି ଆସିଲେ ୩୦ରୁ ୫୦ ହଜାର ଖର୍ଚ୍ଚ ହେଉଛି। ଲକ୍ଷ୍ମୀପୂଜାଠାରୁ ଆରମ୍ଭକରି ରଥଯାତ୍ରା ଯାଏ ଯେତେ ପର୍ବପର୍ବାଣି ଅଛି ସବୁଥିରେ ଦେବାକୁ ପଡୁଛି। ଏହାଛଡ଼ା ଖେଳ, ବ୍ରତଘର, ବାହାଘର, ଏକୋଇଶିଆରେ ମଧ୍ୟ ଯିବାକୁ ପଡୁଛି। ବିଧାୟକମାନଙ୍କ ଅବସ୍ଥା ଶୋଚନୀୟ। ଏତେ କମ୍ ଦରମାରେ ଚଳିବା ମୁସ୍କିଲ ହୋଇପଡ଼ିଲାଣି। ବିଧାୟକମାନଙ୍କର ଦରମା ବଢ଼ାଇବା ସହିତ ଏମ୍ଏଲ୍ଏ ଲ୍ୟାଡକୁ ୩ କୋଟିରୁ ୫ କୋଟି କରାଯାଉ। ଏଥିସହିତ ଅନ୍ୟାନ୍ୟ ଭତ୍ତା ମଧ୍ୟ ବଢ଼ାଯାଉ। ପୂର୍ବତନ ବିଧାୟକଙ୍କ ଅବସ୍ଥା ଆହୁରି ଶୋଚନୀୟ। ସେମାନଙ୍କର ମଧ୍ୟ ପେନ୍‌ସନ୍ ବଢ଼ାଯାଉ। ବିଧାନସଭା ଶୂନ୍ୟକାଳରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଏକ ସ୍ୱର ହୋଇ ବାଚସ୍ପତିଙ୍କ ନିକଟରେ ଏଭଳି ଗୁହାରି କରିଛନ୍ତି।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପାଇଁ ଭତ୍ତା ବୃଦ୍ଧି କରିବା ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ବଜାର ଦର ବଢୁଛି। ପୂର୍ବତନ ବିଧାୟକମାନଙ୍କ ପାଇଁ ପେନ୍‌ସନ୍ ବଢ଼ାଯାଉ। ଦେଶରେ ଆମେ ୨୭ ନମ୍ବର ସ୍ଥାନରେ ରହିଛୁ। ଅନ୍ୟ ସମସ୍ତ ରାଜ୍ୟରେ ବିଧାୟକମାନଙ୍କ ଦରମା ଓ ଭତ୍ତା ଆମଠାରୁ ଅଧିକ। ପୂର୍ବତନ ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ବିଧାନସଭା କମିଟି ଗଠନ ହୋଇଥିଲା। କମିଟି ରିପୋର୍ଟ ଦେଇ ସାରିଛି। ବିଧାୟକଙ୍କ ପାଇଁ ୨.୫ ଲକ୍ଷ ଦରମା ଓ ଅନ୍ୟାନ୍ୟ ଭତ୍ତା ଏବଂ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଅତି କମ୍‌ରେ ୭୦ ହଜାର କରିବାକୁ ପ୍ରସ୍ତାବ ଦିଆଯାଇଛି। ଯଦି ନୂଆ କମିଟି ଗଠନ କରିବାକୁ ବାଚସ୍ପତି ଚାହିଁବେ ତେବେ କରିପାରିବେ। ଏଥିସହିତ ଏମଏଲ ଲ୍ୟାଡ ୩ରୁ ୫କୋଟି ଟଙ୍କା କରାଯାଉ। ସିଡବ୍ଲ୍ୟୁଏକୁ ୧ କୋଟି ବୃଦ୍ଧି କରାଯାଉ। ଏ ନେଇ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ପ୍ରମିଳା କହିଥିଲେ। ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ମଧ୍ୟ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ କହିଥିଲେ, ଏହା କେବଳ ବିଜେଡି ବିଧାୟକମାନଙ୍କ କଥା ନୁହେଁ। ଗୃହର ସମସ୍ତ ବିଧାୟକଙ୍କ ପ୍ରସଙ୍ଗ। ଯାହା ଅନୁଦାନ ଦିଆଯାଉଛି ତାହା ଯଥେଷ୍ଟ ନୁହେଁ। ବିଗତ ସରକାର ସମୟରେ ଦରମା, ଭତ୍ତା ଓ ପୂର୍ବତନ ବିଧାୟକଙ୍କ ପାଇଁ ପେନ୍‌ସନ୍ ବୃଦ୍ଧି ପ୍ରସ୍ତାବ ଅନୁମୋଦନ କରାଯାଇ ରଖାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା କଥା। ଯଦି ବାଚସ୍ପତି ଚାହିଁବେ ନୂଆ କମିଟି ଗଠନ କରିପାରିବେ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଗୃହରେ ସମସ୍ତଙ୍କର ଦାବି ରହିଛି। ଦରଦାମ ବଢ଼ିଛି। ପେନ୍‌ସନ୍ ଓ ଭତ୍ତା ବୃଦ୍ଧି ହେବା ଦରକାର। ପେନ୍‌ସନ ବଢ଼ିଲେ ପୂର୍ବତନ ବିଧାୟକ ଟିକେ ଭଲରେ ଚଳିବେ। ବିଧାୟକ ଉନ୍ନୟନ ପାଣ୍ଠିକୁ ୩ରୁ ୫ କୋଟି କରାଯାଉ। ଭାଜପା ସଭ୍ୟ ଭାସ୍କର ମଢ଼େଇ କହିଲେ, ଏହା ଏକ ସ୍ପର୍ଶକାତର ବିଷୟ। ଅଷ୍ଟମପ୍ରହରଠାରୁ ଆରମ୍ଭକରି ରଥଯାତ୍ରା ଯାଏ ଦେବାକୁ ପଡୁଛି। ଖୁଦୁରୁକୁଣୀ, ବିବାହ ବ୍ରତ ଇତ୍ୟାଦି ଦେଖିବାକୁ ପଡୁଛି। ବିଧାୟକ ଉନ୍ନୟନ ପାଣ୍ଠି ୩ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଉ। ଆଉ କମିଟି ନ ବସାଇ ବିଧାୟକଙ୍କ ଦୁଃଖକୁ ବିଚାର କରାଯାଉ ବୋଲି ସେ କହିଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଲେ, ଆମେ ଅନେକ ରାଜ୍ୟ ଗସ୍ତ କରିଛୁ। ପୂର୍ବତନ ବିଧାୟକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ତାଙ୍କ ଅବସ୍ଥା ଦେଖିଲେ ଆଖିରୁ ପାଣି ଚାଲି ଆସୁଛି। ଗତ ସରକାର ସମୟରେ ଗଠନ ହୋଇଥିବା କମିଟି ରିପୋର୍ଟ ଦେଇସାରିଛି। ନିର୍ବାଚନମଣ୍ଡଳୀରେ ବିଧାୟକଙ୍କୁ ସମସ୍ତେ ମାଗୁଛନ୍ତି। ଅଫିସରଙ୍କୁ କେହି ମାଗୁ ନାହାନ୍ତି। ଦରମା ଓ ପେନ୍‌ସନ ବଢ଼ାଯାଉ ବୋଲି ସେ ଦାବି କରିଛନ୍ତି । ଭାଜପା ସଭ୍ୟ ସୀମାରାଣୀ ନାୟକ ମଧ୍ୟ କହିଛନ୍ତି, ପୂର୍ବ କମିଟିରେ ମୁଖ୍ୟମନ୍ତ୍ରୀ ସଦସ୍ୟ ଥିଲେ। କମିଟି ରିପୋର୍ଟ ଦେଇ ସାରିଛି। ବିଧାୟକଙ୍କ ଦରମା, ଉନ୍ନୟନ ପାଣ୍ଠି, ଭତ୍ତା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି କରାଯାଉ ବୋଲି ସେ ଦାବି କରିଛନ୍ତି।

ବିଧାୟକମାନେ ଏକ ସ୍ୱରରେ ରୁଲିଂ ଦେବାକୁ ଦାବି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଗୃହର ଉଦ୍‌ବେଗକୁ ଦେଖି ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଗୃହକୁ ଅବଗତ କରିଥିଲେ। ଏନେଇ ବାଚସ୍ପତି ଗୃହ ପରାମର୍ଶଦାତା କମିଟି ଗଠନ କରିଛନ୍ତି। କମିଟିରେ ଭାଜପାର ବରିଷ୍ଠ ବିଧାୟକ ଭାସ୍କର ମଢ଼େଇଙ୍କୁ ଅଧ୍ୟକ୍ଷ ରଖାଯାଇଥିବାବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ଉପମୁଖ୍ୟସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରିଷ୍ଠ ଭାଜପା ବିଧାୟକ ପ୍ରକାଶ ସୋରେନ, ସନାତନ ବିଜୁଳି, ନିହାର ରଞ୍ଜନ ମହାନନ୍ଦ, ସୀମାରାଣୀ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ ସଦସ୍ୟ ଅଛନ୍ତି।


ମୟୂରଭଞ୍ଜ ମହୋତ୍ସବ ଅବସରରେ ମଙ୍ଗଳବାର ବାରିପଦା ଷ୍ଟାଡିୟମ ପଡ଼ିଆରେ ମହିଳାମାନଙ୍କୁ ନେଇ ଅନୁଷ୍ଠିତ ଲାଖବିନ୍ଧା ପ୍ରତିଯୋଗିତା । (ଫଟୋ: ନୀଳାଦ୍ରି ବିହାରୀ ଦଣ୍ଡପାଟ)

# ୪ ମାସ ପରେ ବି ବାହାରିନି ରେଜଲ୍ଟ, ବଢୁଛି ଅସନ୍ତୋଷ

## ଫାର୍ମାସି ଅଫିସର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର,୩।୧୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ହଜାର ହଜାର ମେଧାବୀ ଫାର୍ମାସି ଛାତ୍ରୀଛାତ୍ର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଚାକିରି କରିବାକୁ ଅପେକ୍ଷା କରିବସିଛନ୍ତି। ଇତିମଧ୍ୟରେ ଆଶାୟୀ ବିଦ୍ୟାର୍ଥୀମାନେ ପରୀକ୍ଷା ଦେବାର ୪ ମାସ ବିତିଗଲାଣି। ହେଲେ ଫଳ ପ୍ରକାଶ ପାଉନି। ଫଳରେ ନିଯୁକ୍ତି ପ୍ରକ୍ରିୟା ଅଟକି ରହିଛି। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ପରୀକ୍ଷାଫଳ କେବେ ବାହାରିବ ଜଣାପଡୁନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନେ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ଏନେଇ ଓଡ଼ିଶା ରେଜିଷ୍ଟର୍ଡ ଫାର୍ମାସିଷ୍ଟ ଆସୋସିଏଶନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ଓଏସ୍ଏସ୍ଏସ୍‌ସି ପକ୍ଷରୁ ୨୦୨୩ ଡିସେମ୍ବରରେ ଫାର୍ମାସି ଅଫିସର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ ବାହାରିଥିଲା। ଫାର୍ମାସି ଅଫିସର ପାଇଁ ୨୦୬ ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ୧୪୫୧ଟି ପଦବୀ ରହିଥିଲା। ଏ ନେଇ ଅଗଷ୍ଟ ୩ରେ ପରୀକ୍ଷା ହୋଇଥିଲା। ଯେଉଁମାନେ କୋଭିଡ୍ ସମୟରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିଥିବେ ସେମାନଙ୍କୁ ୫ ମାର୍କ ଅଧିକ ଦିଆଯିବ। ସିଡିଏମ୍‌ଓମାନେ ଏହାର ତାଲିକା ପ୍ରସ୍ତୁତ କରିବେ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଥିଲା। ହେଲେ ସିଡିଏମ୍‌ଓମାନେ ପିଲାଙ୍କ ତାଲିକା ଦେଉନାହାନ୍ତି, ଯେଉଁଥିପାଇଁ ପରୀକ୍ଷାଫଳ ବାହାରିପାରୁନାହିଁ। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ତୁରନ୍ତ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଗୋଷ୍ଠୀ ସହାୟିକା ସିଆର୍‌ପି (ସିଏମ୍) ସଂଘ ପକ୍ଷରୁ ଧାରଣା, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ମନ୍ଦିର ଏବଂ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ ଶାଖା, ରସୁଲଗଡ଼, ସମୟ: ଅପରାହ୍ନ ୫ଟା।
- ଡ.ବାବାସାହେବ ଆମ୍ବେଡକରଙ୍କ ସ୍ମୃତି ଦିବସ ଅବସରରେ 'ଗାନ୍ଧୀ-ଆମ୍ବେଡକର ଓ ଲୋହିଆ କେତେ ଭିନ୍ନ କେତେ ସମାନ' ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ନାଟ୍ୟ ସଂଘ ଓ ଶାନ୍ତିକୃପା ପକ୍ଷରୁ ୱିଣ୍ଟର ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଷ୍ଟ୍ରଦୀପ, ଅର୍ଗାନାଇଜର ଓ ପାଞ୍ଚଜନ୍ୟ ପକ୍ଷରୁ ପାଠକ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୬, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ୪ର୍ଥ ଚୁଲ୍‌ବୁଲି ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ, ସ୍ଥାନ: ପୁରୀସ୍ଥିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ନୌସେନା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ, ସ୍ଥାନ: ବ୍ଲୁଫ୍ଲାଗ୍ ବିଚ୍, ପୁରୀ, ସମୟ: ଅପରାହ୍ନ ୪ଟା ୮।
- ୩୫ତମ କୋଣାର୍କ ମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ପେନସନର୍ସ ଆସୋସିଏଶନର ସାଧାରଣ ପରିଷଦ ବୈଠକ, ସ୍ଥାନ ବିଜେବି ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ୍, ଖୋର୍ଦ୍ଧାରୋଡ୍ ରେଲଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆଞ୍ଚଳିକ ବ୍ରାହ୍ମଣ ସମିତିର ସାମ୍ବିଧାନିକ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଶିକ୍ଷକ ସଂଘ ଭବନ, ଖଇରା, ସମୟ: ସକାଳ ୯ଟା।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ତୃତୀୟ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବ, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଲୋକ ମହୋତ୍ସବ-୨୦୨୪ର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ପୁସ୍ତକ ଆଲୋଚନା ସଭା, ସ୍ଥାନ: ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ କାର୍ଯ୍ୟାଳୟ, ପତୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ରାଜଘାଟ ଛକ, ଭଦ୍ରକ, ସମୟ: ସକାଳ ୮ଟା।
- ତିହିଡ଼ି ଯୁକ୍ତ ୨ କଲେଜ ପ୍ରତିଷ୍ଠାତା ସମ୍ପାଦକଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ଚାନ୍ଦବାଲି କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ବ୍ଲୁ ଭାଇନ୍ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା, ସ୍ଥାନ:ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ପରଖ ପରୀକ୍ଷା-୨୦୨୪, ସ୍ଥାନ: ଝିଙ୍କିରିଆ, ନୂଆଗାଁ ଉଚ୍ଚ ବିଦ୍ୟାଳୟ ଏବଂ କରମଶୋଳ ପ୍ରାଥମିକ ବିଦ୍ୟାଳୟ, ମୋରଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ଲିପିନୀ ଓ ରଣଜିତ ମହାନ୍ତଙ୍କ କୁଡୁମାଲୀ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳନ, ସ୍ଥାନ: ଆସିକା ବ୍ଲକ ଚାରିମଇଲି, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ରମାଦେବୀ ମହିଳା ସହାୟକ ଗୋଷ୍ଠୀ ପକ୍ଷରୁ ରମାଦେବୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଏ.ଜି.ରିକ୍ରେଶନ ଭୁବନେଶ୍ୱର ବନାମ ସ୍ପୋର୍ଟର୍ସ ହଷ୍ଟେଲ କଟକର ମୁକାବିଲା, ସ୍ଥାନ:ଶରଣକୁଳ ସରକାରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ, ସ୍ଥାନ: ରାୟଗଡ଼ା ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା।

## କୋରାପୁଟ

- ହିନ୍ଦୁ ଜାଗରଣ ମଞ୍ଚର ଶୋଭାଯାତ୍ରା, ସ୍ଥାନ: ଆରଟିଓ ଅଫିସ ପଡିଆ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାରତୀୟ ନୌସେନା ଦିବସ ପାଳନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲା ବର୍ଷିଆନ କ୍ରୀଡା ସଂଘ ପକ୍ଷରୁ ପଞ୍ଚମ ଆନ୍ତଃ ହାଇସ୍କୁଲ କବାଡି ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସିଂହପାଲି- କାଇଁଶିର ପଡିଆ, ସମୟ: ସକାଳ ୮ଟା।
- ଶୀତ ମହୋତ୍ସବରେ ନୃତ୍ୟ ଓ ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ୨୦ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ବିନିକା ବ୍ଲକ ଅରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୁବାଷ ନଗର, ବରଗଡ଼, ସମୟ: ଅପରାହ୍ନ ୩ଟା।
- ବରଗଡ଼ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ହାଟପଦା ସଞ୍ଚାର ମଣ୍ଡଳୀ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭିକମପାଲି, ସମୟ: ସକାଳ ୮ଟା।
- ଆମେ ବି ସକ୍ଷମ କାର୍ଯ୍ୟକ୍ରମ, ସ୍ଥାନ: ପତ୍ରପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ: ୧୦ଟା।
- ହିନ୍ଦୁମାନଙ୍କ ପକ୍ଷରୁ ବିରାଟ ଶୋଭାଯାତ୍ରା, ସ୍ଥାନ: ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବାଗଡ଼ିହି, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ମାଦ୍ରିକାଲୋ ଭବନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଟିପିଡବ୍ଲୁଓଡିଏଲ୍ ରାଉରକେଲା ପକ୍ଷରୁ ପେ ଆଣ୍ଡ ୱିନ୍ 'ଖୁଲ୍ ଯା ସିମ୍‌ସିମ୍', ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୪ଟା।
- ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ରୁ ଆରମ୍ଭ।
- ୬୫ବର୍ଷ ବାର୍ଷିକ ସାଧାରଣ ସଭା, ସ୍ଥାନ: କଣ୍ଡଲ ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଜୀବି ମହିଳା ଦିବସ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଲଖନା ଧନୁଯାତ୍ରା କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଲଖନା, ସମୟ: ସକାଳ ୯ଟା।
- ବିଭିନ୍ନ ସମସ୍ୟା ନେଇ କଂଗ୍ରେସର ପଦଯାତ୍ରା, ସ୍ଥାନ: ଦଳୀୟ କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଡିୟୁଜେ ନୂଆପଡ଼ାର ସାଧାରଣ ପରିଷଦ ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଟିଖାଳି ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିରାଟ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ରାତ୍ର ୮ଟା।

## ବୌଦ୍ଧ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ , ସମୟ: ଅପରାହ୍ନ ୫ଟା।
- ବୌଦ୍ଧ ପୁସ୍ତକ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରୀ ଖେଳପଡିଆ,ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଚତୁର୍ଥ ମା' ଭୈରବୀ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ବିସ୍ଥାପିତଙ୍କ ସମସ୍ୟା ନେଇ ଦୁଃଖୀ: ପଞ୍ଚାୟତିରାଜ ମନ୍ତ୍ରୀ

**ଭୁବନେଶ୍ୱର, ୩।୧୨ (ସୁନିତ୍ ମିଶ୍ର)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚଦାବିକୁ ମଙ୍ଗଳବାର ବିଧାନସଭାର ଅନୁମୋଦନ ମିଳିଛି। ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ ଏହା ଉପରେ ଉତ୍ତର ରଖି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି। ମନ୍ତ୍ରୀ ନାଏକ ଗୃହରେ ବିରୋଧୀ ଓ ଶାସକ ଦଳର ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟରେ ବିସ୍ଥାପିତମାନେ ବହୁ ଅସୁବିଧାରେ ଅଛନ୍ତି। ସେମାନଙ୍କ ସମସ୍ୟା ନେଇ ସେ ବହୁତ ଦୁଃଖୀ। କୌଣସି କାରଣବଶତଃ ବିସ୍ଥାପିତ ହେଉଥିବା ଲୋକେ ଅନୁକମ୍ପା ଠିକ୍ ଭାବେ ପାଉ ନାହାନ୍ତି। ଏହାକୁ ନେଇ ଆଦିବାସୀଙ୍କ ଭିତରେ ଅଧିକ ଆକ୍ରୋଶ ରହିଛି। ସୁନ୍ଦରଗଡ଼ର ବସୁନ୍ଧରାରୁ ୩୦ ପରିବାର ତାଙ୍କ ପାଖକୁ ଆସିଥିଲେ। ସେମାନଙ୍କୁ ବିସ୍ଥାପିତ କରାଯିବା ପରେ ଯାହା ଅନୁକମ୍ପା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ତାହା ମଧ୍ୟ ଠିକ୍ ଭାବେ ପାଳନ ହୋଇନାହିଁ। ଅନୁକମ୍ପା ବାବଦକୁ ମିଳିଥିବା ସ୍ୱଳ୍ପ ଟଙ୍କା ଚିଟ୍‌ଫଣ୍ଡରେ ଚାଲିଯାଇଛି। ବର୍ତ୍ତମାନ ସେମାନଙ୍କୁ ବିସ୍ଥାପିତ କରିଥିବା କମ୍ପାନୀ ଶ୍ରମିକ କାମ ଦେଉନାହାନ୍ତି। ବିସ୍ଥାପିତଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଏବଂ ଗୃହକୁ ଅନୁରୋଧ ସେମାନଙ୍କୁ ଯାହାସବୁ ଅନୁକମ୍ପା ଦେବାକୁ ପ୍ରତିଶ୍ରୁତି ଦିଆଯାଉଛି ତାହା ପୂରଣ କରାଯିବା ଦରକାର। ପେସା ଆଇନ ଲାଗୁ ହେଲେ ସବୁକିଛି ଠିକ୍ ହୋଇଯିବ। ଏହି ଆଇନ ନେଇ ବିସ୍ଥାପିତମାନଙ୍କ ସେପରି କିଛି ଆଶା ନାହିଁ। ଯେଉଁସବୁ ଛୋଟ ଛୋଟ ଦାବି ସେମାନେ ରଖୁଛନ୍ତି ତାହା ପୂରଣ କରାଯିବ। ଆଗକୁ ସବୁ ଦଳର ବିଧାୟକମାନଙ୍କ ପରାମର୍ଶ ମଧ୍ୟ ନିଆଯିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

ମନ୍ତ୍ରୀ ନାଏକ ଆହୁରି କହିଛନ୍ତି, ଏବେ ପର୍ଯ୍ୟନ୍ତ ଯେତେସବୁ ବଜେଟ ଆସିଛି ସେସବୁ ମଧ୍ୟରୁ ସର୍ବାଧିକ ୫୮% ବ୍ୟବହାର ହୋଇଛି। ମନ୍ତ୍ରୀ ଭାବେ ୭୦ରୁ ୮୦% ବଜେଟ ଅର୍ଥ ବ୍ୟବହାର କରିବାକୁ ଚାହୁଁଛନ୍ତି। ଏହା କିପରି ପୂରଣ ହୋଇପାରିବ ସେଥିଲାଗି ଅନେକ ନୂଆ ଯୋଜନା ମଧ୍ୟ ଲାଗୁ କରିବାକୁ ଯୋଜନା ରଖିଛନ୍ତି। କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ମୋଟ ୩୪୬୦.୮୨ କୋଟି ଟଙ୍କା ଦେଇଛନ୍ତି। ଆଗାମୀ ଦିନରେ କିପରି ଅଧିକ ଅର୍ଥ କିପରି ଆସିପାରିବ ସେନେଇ ସମସ୍ତ ସଦସ୍ୟ ପରାମର୍ଶ ଦିଅନ୍ତୁ। ସେହିପରି ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ମଧ୍ୟରୁ ସହରରେ ଦେଢ଼ କୋଟି ଲୋକ ବସବାସ କରନ୍ତି। ସାଢ଼େ ୩ କୋଟି ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧ କୋଟି ଦାଦନ ଖଟିବାକୁ ଯାଉଛନ୍ତି। କନ୍‌ଭରଜେନ୍ସ ଯୋଜନାରେ ୮ଟି ବିଭାଗକୁ ଟଙ୍କା ଦିଆଯାଉଛି। ଏହି ଯୋଜନାରେ ଯଦି ମାଣ୍ଡେଜ ତିଆରି ନ କରିହେଲା ତେବେ ଜିଡିପି ବଢ଼ିବ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବର୍ଷକୁ ୩୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ଅଛି। ହେଲେ ଏହି ଯୋଜନାରେ ଲୋକଙ୍କୁ କାମ କରାଇବା ପରେ ଅଳ୍ପ କିଛି ଟଙ୍କା ଦେଇ ଆଉ ଅର୍ଥ ପ୍ରଦାନ କରୁନାହାନ୍ତି। ବିଲ୍ ଆସି ନାହିଁ କହି ସମୟ ଗଡ଼ାଇ ଚାଲୁଛନ୍ତି। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକମାନେ କାମ କରିବାକୁ ଚାହୁଁନାହାନ୍ତି। ଆଗକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଛାଡ଼ି ରୋଡ୍ ପାଇଁ ୭୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଅର୍ଥରେ ପିଚୁ ରୋଡ୍ କାର୍ଯ୍ୟ ହେବ। ଏଥିଲାଗି ବ୍ଲକ୍‌ସ୍ତରରେ ଲୋକଙ୍କୁ ଜଣାଇବା ଏବଂ ସଚେତନତା କରାଯିବ। ଏବେ ମୋଟ୍ ୬୩ ଏଇ(ଆସିଷ୍ଟାଣ୍ଟ ଇଞ୍ଜିନିୟର) ନାହାନ୍ତି। ଖୁବ୍‌ଶୀଘ୍ର ୪୮୭ ଜେଇଙ୍କୁ ପୋଷ୍ଟିଂ ଦିଆଯିବ। ପ୍ରତ୍ୟେକ ପଞ୍ଚାୟତରେ ନୂଆ ଗୃହ ଏବଂ ବ୍ଲକ୍‌ସ୍ତରରେ ଷ୍ଟାଣ୍ଡାର୍ଡ ଲାଇବ୍ରେରି ନିର୍ମାଣ ହେବ। ଅନ୍ତ୍ୟୋଦୟ ଯୋଜନାରେ ମିଳୁଥିବା ଘର ଭାଙ୍ଗିଗଲେ, ତାହାର ସମାଧାନ କରାଯିବ। ଏଥିଲାଗି ୧୦୦ କୋଟି ଟଙ୍କା ରଖାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ରାଜ୍ୟର ସଂସ୍କୃତିକୁ ବଞ୍ଚାଇବାଠାରୁ ବ୍ୟକ୍ତିଙ୍କ ଉନ୍ନତି ବିଷୟରେ ଚିନ୍ତା କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ଲାଗି ରହିଥିବା ଗାଇଡ୍‌ଲାଇନରେ ପରିବର୍ତ୍ତନ କରାଯାଇଛି। ଫ୍ରିଜ୍, ୱାଶିଂମେଶିନ, ଦୁଇଚକିଆ ଯାନ ଥିଲେ ବି ଏଥର ଲୋକଙ୍କୁ ପକ୍କାଘର ମିଳିବ। ଜନଗଣନା ପର୍ବ ହେଉ ବା ନ ହେଉ ତାହା ଆଉ ଥରେ କରାଯାଇପାରିବ। ହେଲେ ପକ୍କାଘର ଯୋଗାଇବା ଲାଗି ଗରିବ ହେଉଛନ୍ତି ଆମ ମୂଳ ଆଧାର। ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ଥିବା ବ୍ୟକ୍ତିଙ୍କୁ ମଧ୍ୟ ଆମେ ପକ୍କାଘର ତାଲିକାରେ ସାମିଲ କରିପାରିବା। ଆଗକୁ ଏସବୁ କଥାକୁ ନେଇ ପଞ୍ଚାୟତସ୍ତରରେ କର୍ମଶାଳା ହେବ। ମୋବାଇଲ ଜରିଆରେ ମଧ୍ୟ ଲୋକମାନେ ଆବେଦନ କରିପାରିବେ। ୨ ମାସ ମଧ୍ୟରେ ଏସବୁ କାମ ଆରମ୍ଭ କରାଯିବ। ଘର ଯୋଗାଇବା ଲାଗି ପୁରୁଣା ଲିଷ୍ଟର ବ୍ୟବହାର ପରିବର୍ତ୍ତେ ନୂଆ ସର୍ଭେ ହେବ। ପ୍ରତ୍ୟେକ ପଞ୍ଚାୟତରେ ଖେଳ ପଡ଼ିଆ ଏବଂ ଗୋଟିଏ ଲେଖା ଆଦର୍ଶ ପୁଷ୍କରିଣୀ କରାଯିବ ବୋଲି ସେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଦାଦନ ମୃତ୍ୟୁ...

ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହି ଟାସ୍କ ଫୋର୍ସ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଜରିଆରେ କାର୍ଯ୍ୟ କରିବ। ଦାଦନ ମୃତ୍ୟୁ ନେଇ ମନ୍ତ୍ରୀ ଦେଇଥିବା ତଥ୍ୟ ଏବଂ ବାସ୍ତବତା ମଧ୍ୟରେ ତାଳମେଳ ନ ଥିବା ଜଣାପଡ଼ିଛି। ବଲାଙ୍ଗୀର ଜିଲାରେ ଗତ ୧୦ବର୍ଷରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ ଏହି ଜିଲାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଲୋକଙ୍କ ମଧ୍ୟରୁ ବର୍ଷକୁ ପ୍ରାୟ ୨୫ଜଣଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ହେଉଛି। ସେହିପରି ରାୟଗଡ଼ା ଜିଲାରୁ ଦାଦନ ଖଟିବାକୁ ଯାଇଥିବା ଲୋକଙ୍କ ମଧ୍ୟରୁ ଗତ ୪ ବର୍ଷରେ ପ୍ରାୟ ୩୦ରୁ ୪୦ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲାରୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ବାହାରକୁ ଯାଉଥିବାବେଳେ ସେମାନଙ୍କ ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ରହୁ ନାହିଁ। ତେଣୁ ପ୍ରକୃତ ମୃତ୍ୟୁସଂଖ୍ୟା ଜଣାପଡୁ ନାହିଁ ବୋଲି କୁହାଯାଉଛି।

## ବିଗୁଡୁଛି ପଡ଼ୋଶୀ...

ପ୍ରତିବନ୍ଧକ ହେବା ଉଚିତ ନୁହେଁ ବୋଲି ବାଂଲାଦେଶ କହିଛି। ବାଂଲାଦେଶର କାର୍ଯ୍ୟକାରୀ ବହିର୍ବ୍ୟାପାର ସଚିବ ରିଆଜ ହମିଦୁଲ୍ଲାଙ୍କ ସହ ବୈଠକ ପରେ ବର୍ମା ଗଣମାଧ୍ୟମକୁ କହିଥିଲେ, ବାଂଲାଦେଶର ଅନ୍ତରୀଣ ସରକାରଙ୍କ ସହ ଆଲୋଚନା ପାଇଁ ଆମେ ଆଗ୍ରହୀ। ଅଗରତାଲାସ୍ଥିତ ବାଂଲାଦେଶ ସହକାରୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ଘଟଣାକୁ ଭାରତ ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛି। ହିନ୍ଦୁ ସନ୍ଥ ଚିନ୍ମୟ କ୍ରିଷ୍ଣ ଦାସଙ୍କ ଗିରଫଦାରିର ପ୍ରତିବାଦରେ ହିନ୍ଦୁସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବାଂଲାଦେଶ ସହ ସମ୍ପର୍କ ବହୁବିଧ ତଥା ବିସ୍ତୃତ, ଯାହାକୁ ଗୋଟିଏ ପ୍ରସଙ୍ଗ ବା ଏଜେଣ୍ଡା ପ୍ରଭାବିତ କରିପାରିବ ନାହିଁ। ଶାନ୍ତି, ସୁରକ୍ଷା ଏବଂ ବିକାଶ ପାଇଁ ଦୁଇଦେଶର ଆକାଂକ୍ଷା ପୂରଣ ଦିଗରେ ଭାରତ ବାଂଲାଦେଶ ସରକାରଙ୍କ ସହ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ବର୍ମା କହିଛନ୍ତି।

ହିନ୍ଦୁସନ୍ଥ ତଥା ଇସ୍କନ୍‌ର ପୂର୍ବତନ ପୂଜକ ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରୀଙ୍କୁ ଗିରଫ ପ୍ରତିବାଦରେ ସୋମବାର ହିନ୍ଦୁ ସଂଘର୍ଷ ସମିତି ବ୍ୟାନରରେ ବହୁସଂଖ୍ୟାରେ ହିନ୍ଦୁ ଅଗରତାଲାସ୍ଥିତ ବାଂଲାଦେଶ ସହକାରୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟଠାରୁ ୨୦୦ ମିଟର ଦୂରରେ ଥିବା ସର୍କିଟ ହାଉସ୍‌ରେ ରାଲି କରିଥିଲେ। ପ୍ରାୟ ୧୫୦ ଜଣ ବିକ୍ଷୋଭକାରୀ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ବାଂଲାଦେଶ ପତାକାକୁ କାଢ଼ିଦେବା ସହ ଏହାକୁ ଚିରି ଦେଇଥିଲେ। ପରେ ସେମାନେ ସେଠାରେ କେତେକ ଜିନିଷ ଭଙ୍ଗାରୁଜା କରିଥିଲେ। ସ୍ଥାନୀୟ ପୋଲିସର ଉପସ୍ଥିତି ସତ୍ତ୍ୱେ ସେମାନେ ଆକ୍ରମଣ କରିବା ସହ ଦୂତାବାସ ପରିସରରେ ସମ୍ପତ୍ତି ନଷ୍ଟ କରିଥିଲେ ବୋଲି ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଏହି ଘଟଣାରେ ତ୍ରିପୁରା ପୋଲିସ ହିନ୍ଦୁ ସଂଗଠନର ୭ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ବିକ୍ଷୋଭକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଂଲାଦେଶ ଆହ୍ୱାନ ଦେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଉଚ୍ଚାୟୁକ୍ତର ସୁରକ୍ଷା ଦାୟିତ୍ୱରେ ଥିବା ୪ ଜଣ ପୋଲିସ ଅଫିସରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲା ପୋଲିସ ଅଧିକାରୀ କିରନ କୁମାର କେ. କହିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୫ରେ ବାଂଲାଦେଶରେ ଶେଖ୍ ହାସିନ ସରକାରର ପତନ ପରେ ସେଠାର ସଂଖ୍ୟାଲଘୁ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଓ ଅତ୍ୟାଚାରର ଶିକାର ହୋଇଆସୁଛନ୍ତି। ଏହାର ପ୍ରତିବାଦରେ ହିନ୍ଦୁ ସଂଗଠନରେ ଆନ୍ଦୋଳନର ନେତୃତ୍ୱ ନେଇଥିବା ସନ୍ଥ ତଥା ଅନ୍ତର୍ଜାତୀୟ କୃଷ୍ଣ ଚେତନା ସମାଜ (ଇସ୍କନ୍)ର ପୂର୍ବତନ ପୂଜକ ଚିନ୍ମୟ କୃଷ୍ଣଦାସଙ୍କୁ ବାଂଲାଦେଶ ପୋଲିସ ଗିରଫ କରି ଦେଶଦ୍ରୋହ ଅଭିଯୋଗରେ ଜେଲ ପଠାଇଦେଇଛି। ମଙ୍ଗଳବାର ତାଙ୍କ ଜାମିନ ଆବେଦନର ଶୁଣାଣି ଥିବାବେଳେ କେହି ଓକିଲ ହାଜର ନ ହେବାରୁ ଚଟ୍ଟୋଗ୍ରାମ କୋର୍ଟ ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୨ ତାରିଖରେ ହେବ। ପୂର୍ବରୁ ଚିନ୍ମୟଙ୍କ ତରଫରୁ ମାମଲା ଲଢୁଥିବା ବାଂଲାଦେଶୀ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ପରେ ସେ ଏବେ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଭର୍ତ୍ତି ହୋଇଥିବା ଇସ୍କନ ପକ୍ଷରୁ କୁହାଯାଇଛି। କୌଣସି ଓକିଲ ଯେପରି ଚିନ୍ମୟଙ୍କ ପାଇଁ ମାମଲା ଲଢ଼ିବାକୁ ନ ବାହାରିବେ, ସେଥିପାଇଁ ୭୦ ଜଣ ହିନ୍ଦୁ ଆଇନଜୀବୀଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା ବାଂଲାଦେଶ ସମ୍ମିଳିତ ସନାତନୀ ଜାଗରଣ ଜୋଟ୍ ପକ୍ଷରୁ ଅଭିଯୋଗ ହୋଇଛି।

ବାଂଲାଦେଶ ସ୍ଥିତି ଉପରେ ବ୍ରିଟେନ୍ ସରକାର କ୍ରମାଗତ ନଜର ରଖିଥିବାବେଳେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନେଇ ଏହାର ଏମ୍‌ପିମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ହାଉସ୍ ଅଫ୍ କମନ୍ସରେ ଲେବର ପାର୍ଟି ଏମ୍‌ପି ବାରି ଗାର୍ଡିନର ସୋମବାର ଏହି ପ୍ରସଙ୍ଗ ଉଠାଇଥିବାବେଳେ ବାଂଲାଦେଶର ଅନ୍ତରୀଣ ସରକାର ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ କାଥେରିନ୍ ୱେଷ୍ଟ କହିଛନ୍ତି। ବ୍ରିଟେନ୍ ପ୍ରଥମ ରାଷ୍ଟ୍ର, ଯାହାର ମନ୍ତ୍ରୀ ଡାକା ଯାଇ ସଂଖ୍ୟାଲଘୁଙ୍କୁ ଆକ୍ରମଣ ପ୍ରସଙ୍ଗରେ ସେଠାର ମୁଖ୍ୟ ଉପଦେଷ୍ଟା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଥିଲେ।

## ଶିମିଳିପାଳରେ ୨ କଳାବାଘ...

୧୩ଟି କଳାବାଘ ଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ କଳାବାଘ ସଂଖ୍ୟା ବୃଦ୍ଧି ହେବା ନେଇ ବନବିଭାଗ ଆଶା ରଖିଥିବା ବେଳେ ମହାବଳ ବାଘର ବଂଶ ବୃଦ୍ଧି ନିମନ୍ତେ ଦୁଇ ବାଘୁଣୀ ଯମୁନା ଓ ଜିନତ୍‌କୁ ଅଭୟାରଣ୍ୟ ଅଧୀନ ଦୁଇ ବନଖଣ୍ଡର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ସେମାନେ ସୁସ୍ଥ ଓ ନିର୍ଭୟରେ ନିଜର ବାସସ୍ଥାନ ଚୟନ କରିବାରେ ଲାଗିଛନ୍ତି। ବେକରେ ଲାଗିଥିବା ରେଡିଓକଲାର ମାଧ୍ୟମରେ ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ୨୪ ଘଣ୍ଟିଆ ସ୍ୱତନ୍ତ୍ର ଦୃଷ୍ଟି ରଖିଥିବା ସୂଚନା ଦେଇଛି।

## ପଶ୍ଚିମବଙ୍ଗ ଆଳୁ...

ସମେତ ଭିନ୍ନ ରାଜ୍ୟକୁ ଆଳୁ ରପ୍ତାନୀ ଉପରେ ଆଲୋଚନା ହେବ ସେ ବିଷୟରେ ସ୍ପଷ୍ଟ ତାରିଖ ଜଣାପଡ଼ିନାହିଁ। ଅପରପକ୍ଷରେ ଓଡ଼ିଶାରେ ଆଳୁ ହାଟ ବଜାରରେ ଅଭାବ ସହିତ ବଜାରଦର ନିୟନ୍ତ୍ରଣ ନ ହେବାରୁ ବେପାରୀ ବିଭିନ୍ନ ସ୍ଥାନରେ ମନଇଚ୍ଛା ଖାଉଟିଙ୍କଠାରୁ ଦାମ୍ କଷି ନେଉଥିବା ନଜରକୁ ଆସିଛି।

## ପାଇପ୍ ଭିତରେ...

ଫାଣ୍ଡି ପୋଲିସକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ଓ କେତେଜଣ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ କଲ୍‌ଭର୍ଟ ପାଇପ୍ ଭିତରୁ ଉଦ୍ଧାର କରି ସବୁ କଥା ପଚାରି ବୁଝିଥିଲେ। ଏ ନେଇ ଫାଣ୍ଡି ଅଧିକାରୀ ଦେହୁରୀ କହିଛନ୍ତି, ବ୍ୟକ୍ତି ଜଣକ ଘରେ ପାଟିତୁଣ୍ଡ ହେବାରୁ ରାଗି ପଳାଇ ଆସିଥିଲେ। ଶୋଇବା ପାଇଁ କୌଣସି ସ୍ଥାନ ନ ପାଇ କଲ୍‌ଭର୍ଟ ପାଇପ୍ ଭିତରେ ଶୋଇ ପଡୁଥିଲେ।

## ଭାରତରେ ସର୍ବାଧିକ...

ଦ୍ୱାରା ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ, ଆକ୍ସିସ୍ ଭଳି ପ୍ରମୁଖ ଭାରତୀୟ ବ୍ୟାଙ୍କଗୁଡ଼ିକର ଗ୍ରାହକଙ୍କୁ ଟାର୍ଗେଟ କରାଯାଉଛି। ଏହି ଆକ୍ରମଣ ଜରିଆରେ ମୋବାଇଲ ଗ୍ରାହକମାନେ ଆଧିକାରିକ ବ୍ୟାଙ୍କ ୱେବ୍‌ସାଇଟ ବଦଳରେ ପୂରାପୂରି ଏକାଭଳି ଦେଖାଯାଉଥିବା ନକଲ ୱେବ୍‌ସାଇଟର ବ୍ୟବହାର କରି ଠକାମିର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ସାଇବର ଅପରାଧୀମାନେ ଗ୍ରାହକଙ୍କ ବ୍ୟାଙ୍କ ତଥା ବିଭିନ୍ନ ବ୍ୟକ୍ତିଗତ ତଥ୍ୟ ହାସଲ କରିପାରୁଛନ୍ତି। ଏହି ଆକ୍ରମଣରେ ଏପରି ଅନେକ ଇମେଲ ଗ୍ରାହକଙ୍କ ନିକଟକୁ ଆସିଥାଏ, ଯାହା ମାଲୱେର ସଂକ୍ରମିତ ୱେବ୍‌ସାଇଟ ସହ ଲିଙ୍କ୍ ରହିଥାଏ। ଏହି ଅଧ୍ୟୟନ କରିଥିବା 'ଜେଡ୍‌ସ୍କେଲର-ସିଆଇଏସ୍‌ଓ ଇଣ୍ଡିଆ'ର ବରିଷ୍ଠ ଗବେଷକ ସୁବ୍ରତ ସିହ୍ନା କହିଛନ୍ତି, ଲିଗାସି ସିଷ୍ଟମ ଏବଂ ଅସୁରକ୍ଷିତ ଆଇଓଟି/ଓଟି(ଇଣ୍ଟରନେଟ ଅଫ୍ ଥିଙ୍ଗ୍ସ/ଅପରେଶନାଲ ଟେକ୍ନୋଲୋଜି) ପରିବେଶକୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ଭାରତୀୟ ଉଦ୍ୟୋଗଗୁଡ଼ିକୁ ସେମାନଙ୍କର ମୂଳ ଅପରେଟିଂ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଏକ ଦୃଢ଼ ଏବଂ ବିଶ୍ୱସନୀୟ ସୁରକ୍ଷା ଢାଞ୍ଚା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସୁବ୍ରତ କହିଛନ୍ତି। ତେବେ ଗୁଗଲ ପ୍ଲେ ଷ୍ଟୋର୍‌ରେ ଥିବା ୨୦୦ରୁ ଅଧିକ ଆପ୍ ସୁରକ୍ଷା ଦୃଷ୍ଟିରୁ ବିପଦପୂର୍ଣ୍ଣ ବୋଲି ଏହି ରିପୋର୍ଟ ଦର୍ଶାଇଛି। ସେହିପରି ବୈଶ୍ୱିକ ସ୍ତରରେ ଆଇଓଟି ମାଲୱେରର କାରବାର ଚଳିତବର୍ଷ ୪୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ସାଇବର ବିପଦର ବିସ୍ତାର ଏବଂ ପ୍ରକୃତିକୁ ସୂଚିତ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ବୈଷୟିକ ସୁଖସମ୍ପଦର ଅଭିବୃଦ୍ଧିଜନିତ ପ୍ରଫୁଲ୍ଲତା ଅନୁଭବ କରିବେ। ଦୂରଯାତ୍ରାର ସୁଯୋଗ ପାଇବେ, ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ବିରୋଧୀ ହୋଇପାରନ୍ତି। କର୍ମସ୍ଥାନରେ ମାରକାଧିପତି ଥିବାରୁ ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ବୃଷ** ଭାଗ୍ୟସ୍ଥ ରାଶ୍ୟାଧିପତିଜନିତ ଦୈହିକ ସୁସ୍ଥତା ସଙ୍ଗକୁ ମାନସିକ ସ୍ଥିତି ଭଲ ରହିବ। ରାଶିର ଗୁଣଧର୍ମାନୁଯାୟୀ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁମିଳନ ମାଧ୍ୟମରେ ଦିନଟି ଉପଭୋଗ୍ୟ ହୋଇପାରେ। ତଥାପି ମତାନ୍ତରଜନିତ କର୍ମ ଓ ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅଶାନ୍ତି ଉପୁଜିବା ଆଶଙ୍କା ରହିଛି।

**ମିଥୁନ** କର୍ମଭାବରେ ରାହୁ ଥିବାରୁ ସାଧାରଣ କଥାକୁ କେନ୍ଦ୍ର କରି ବିବାଦ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ଆପଣ ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡ଼ିବେ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଦୂରେଇଯିବ।

**କର୍କଟ** କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରେ ଉଚ୍ଚସମ୍ମାନ, ଭ୍ରମଣସୁଖ ସଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରି ଖୁସି ହେବେ। ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାନ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ।

**ସିଂହ** ରାଶ୍ୟାଧିପ ରବି ଧନାଧିପତିଙ୍କ ସହ ଥିବାରୁ ଅର୍ଥ, ସମ୍ମାନ ଓ ନୂତନ ସମ୍ପର୍କ ସୃଷ୍ଟି ହେବ। ଅତୀତ ଘଟଣା ଗୁଡ଼ିକର ସମୀକ୍ଷା କରି ଭାବବିହ୍ୱଳ ହେବା ସଙ୍ଗକୁ ପ୍ରକୃତ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିପାରିବେ ନାହିଁ। ଶିକ୍ଷା, ପରୀକ୍ଷା, ସାକ୍ଷାତ୍‌କାର, ସାହିତ୍ୟ ସାଧନା, କଳା ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟା ଦୂରହେବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। କ୍ରୀଡ଼ା, କଳା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟା ସୁଧୁରି ଯିବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ବିବାଦ ଭିତରକୁ ଟାଣି ହୋଇପାରନ୍ତି।

**ତୁଳା** ସ୍ୱକ୍ଷେତ୍ରସ୍ଥ ଶନି ହେତୁ ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ, ମାତ୍ର ନିଜକୁ ଟିକିଏ ନରମି କହିବା ଭଲ ହେବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି କାମରେ ସହଯୋଗ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଟଙ୍କା, ପଇସାର ଅଭାବ ପରିଲକ୍ଷିତ ହୋଇପାରେ। ଅବଶ୍ୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ବିଛା** ସୁଖ ଭାବରେ ଚନ୍ଦ୍ର କଲ୍ୟାଣକାରକ ହେତୁ ସମସ୍ତଙ୍କ ପ୍ରିୟପାତ୍ର ହେବେ ଏବଂ ଯାତ୍ରା ଫଳପ୍ରଦ ହେବ। ଲୋକସମ୍ପର୍କ ବୃଦ୍ଧିରେ ନିଜଲୋକ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମିତ ହେବେ। ଘରୋଇ ସମସ୍ୟା ଆଲୋଚନା ପ୍ରସଙ୍ଗରେ ପର କଥାରେ ପଡ଼ି ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ଧନୁ** ବନ୍ଧୁଙ୍କ ଆହ୍ୱାନକ୍ରମେ ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ରାଜନୀତି, ପ୍ରକାଶନ, ଗବେଷଣା ଓ ଆନୁଷ୍ଠାନିକ କିମ୍ବା ଧାର୍ମିକକାର୍ଯ୍ୟ ସକାଶେ ସମୟ ଦେଇପାରନ୍ତି। ସାହିତ୍ୟ, ଗବେଷଣା, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ। ଅର୍ଥ ସମ୍ପର୍କ ଓ ପାରିବାରିକ କ୍ଷେତ୍ର ପୂର୍ବବତ୍ ଅକ୍ଷୁଣ୍ଣ ରହିବାର ସୂଚନା ରହିଛି।

**ମକର** ଆଶା ପୂରଣ ଦିଗରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଅବହେଳାଜନିତ କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିଲେ ବି ତାହା ଗୁରୁତର ନ ହୋଇପାରେ। ସଭାସମିତିରେ, ଆଲୋଚନା ପ୍ରସଙ୍ଗରେ, ଗଠନମୂଳକ କାମରେ ତଥା ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି କାରଣରୁ ନିଷ୍ପତ୍ତି ନେବାରେ ବହୁତ ସମୟ ଲାଗିପାରେ। ଆଜିର ଯାତ୍ରାସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ପରେ ଅନୁତାପ କରିବାକୁ ପଡ଼ିବ। ବାଣିଜ୍ୟ, ସଭାସମିତି, କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ।

**ମୀନ** ରାଶିର ଗୁଣଧର୍ମ ଅନୁଯାୟୀ ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆତ୍ମତୃପ୍ତି ଅନୁଭବ କରିବେ।

ଆଜି ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ମାର୍ଗଶିର ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୮.୨୧ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୬ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁକାଳ।



ବିଧାନସଭାସ୍ଥିତ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର 'ଦି ସାବରମତି ରିପୋର୍ଟ' ପ୍ରଯୋଜିକା ଏକତା କପୁର ଭେଟି ତାଙ୍କ ଫିଲ୍ମକୁ ଟିକସମୁକ୍ତ କରାଯାଇଥିବାରୁ ଧନ୍ୟବାଦ ଜଣାଉଛନ୍ତି।

# ଅନୁସୂଚିତ ଜାତି, ଜନଜାତି ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ର ବିମୁଖ

- ୬ବର୍ଷରେ ପିଲାଙ୍କ ସଂଖ୍ୟା ୨୧୭୫୯ କମିଛି
- ରାୟଗଡ଼ା, ମୟୂରଭଞ୍ଜରେ ସର୍ବାଧିକ

ଭୁବନେଶ୍ୱର,୩।୧୨(ଶୁଚିସ୍ମିତା ସାହୁ)

ସମସ୍ତଙ୍କୁ ଶିକ୍ଷା ପ୍ରଦାନ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ସହ ସେମାନଙ୍କ ରହିବା, ଖାଇବାଠାରୁ ଆରମ୍ଭ କରି ପୋଷାକପତ୍ର, ଛାତ୍ରବୃତ୍ତି ଓ ପ୍ରୋତ୍ସାହନ ରାଶି ମଧ୍ୟ ଯୋଗାଇ ଦିଆଯାଉଛି। ହେଲେ ଦିନକୁ ଦିନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ଗତ ୬ ବର୍ଷରେ ଏସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୧୭୫୯ କମିଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ତଥ୍ୟରୁ ଜଣାପଡିଛି।

ଉକ୍ତ ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ରାଜ୍ୟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ବିଭିନ୍ନ ଶ୍ରେଣୀରେ ମୋଟ ୪ଲକ୍ଷ ୫୮ହଜାର ୪୫୭ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ହେଲେ ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ୪ଲକ୍ଷ ୩୬୬୯୮କୁ ଖସି ଆସିଛି। ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ଯାଜପୁର ଓ ଗଞ୍ଜାମ ଜିଲାରେ ଥିବା ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଏହି ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ଅନ୍ୟ ସବୁ ଜିଲାରେ କମିଛି। ଏହି ୬ବର୍ଷରେ କେନ୍ଦୁଝର ଜିଲାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୬,୯୦୭ରୁ ୨୬,୭୮୮କୁ ହ୍ରାସ ପାଇଥିବାବେଳେ ଅନୁଗୋଳରେ ୭,୨୧୪ରୁ ୬,୧୭୮ ଖସି ଆସିଛି। ଭଦ୍ରକ ଜିଲାରେ ୨୦୧୯-୨୦ରେ ୧୭୫୦ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ଏବେ ଏହି ସଂଖ୍ୟା ୧୬୩୩କୁ କମିଛି। ରାୟଗଡା ଓ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୫ହଜାର ଲେଖାଏ ଛାତ୍ରୀଛାତ୍ର କମିଛନ୍ତି। ରାୟଗଡ଼ାରେ ପୂର୍ବରୁ ୪୫,୬୨୫ଜଣ ଛାତ୍ରୀଛାତ୍ର ରହିଥିବାବେଳେ ଏବେ ଏହା ୪୦, ୬୦୦କୁ ଖସିଆସିଛି। ସେହିପରି ମୟୂରଭଞ୍ଜରେ ପୂର୍ବରୁ ୫୪,୫୫୦ଜଣ ଛାତ୍ରୀଛାତ୍ର ରହିଥିବାବେଳେ ବର୍ତ୍ତମାନ ତାହା ୪୯,୨୯୬ ଜଣରେ ପହଞ୍ଚିଛି। କୋରାପୁଟରେ ୪୩ହଜାରରୁ ୪୧,୫୦୦ରେ ପହଞ୍ଚିଥିବାବେଳେ କଳାହାଣ୍ଡିରେ ୧୬,୨୭୪ରୁ ଖସି ୧୫,୭୭୯ରେ ରହିଛି। ସେହିପରି ବାଲେଶ୍ୱରରେ ୫୫୫, ବଡ଼ଗଡ ୧୨୧୮, କଟକ ୧୩୫୬, ଢେଙ୍କାନାଳ ୧୨୨୭, ଗଜପତି ୮୭୦, ଜଗତ୍‌ସିଂହପୁର ୧୮୫, ଝାରସୁଗୁଡା ୧୨୮୫, କନ୍ଧମାଳ ୮୯୧, କେନ୍ଦ୍ରାପଡା ୮୫, ଖୋର୍ଦ୍ଧା ୭୮୯, ମାଲକାନଗିରି ୧୩୮, ପୁରୀ ୪୩୦, ସମ୍ବଲପୁର ୪୨୭, ସୁବର୍ଣ୍ଣପୁର ୨୭ ଓ ସୁନ୍ଦରଗଡରେ ୧୪୮୩ ଜଣ ଛାତ୍ରୀଛାତ୍ର କମିଥିବା ତଥ୍ୟରୁ ଜଣାପଡ଼ିଛି।

ଏସବୁ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟାପକ ବ୍ୟବସ୍ଥା ହେବା ସହ ଅଭିଭାବକମାନଙ୍କୁ ସଚେତନ କରାଯାଉଛି। ଏହାସତ୍ତ୍ୱେ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା କମିବା ଚିନ୍ତାର କାରଣ ପାଲଟିଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଅଧିକାଂଶ ଛାତ୍ରୀଛାତ୍ର ରାଜଧାନୀ ଅବା ସହରାଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ପାଠପଢ଼ିବାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଅନେକ ପିଲା ପାଠ ଛାଡ଼ି କାମଧନ୍ଦା ପାଇଁ ବାହାରକୁ ଯାଉଥିବା ଜଣାପଡ଼ିଛି। ରାଜ୍ୟ ସରକାର ଓ ସମ୍ପୃକ୍ତ ବିଭାଗ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରି ଠିକ୍ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏସବୁ ସ୍କୁଲରେ ପଢ଼ିବାକୁ କେହି ନ ଥିବେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏ ସମ୍ପର୍କରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପ୍ରସାଦ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ଅଧିକାରୀ କହିଛନ୍ତି, ପିଲାଙ୍କ ଉପସ୍ଥାନ ଆଗ ଅପେକ୍ଷା ବଢ଼ିବାରେ ଲାଗିଛି। ବିଦ୍ୟାଳୟରେ ପିଲାଙ୍କ ପାଇଁ ରହିବାଠାରୁ ଆରମ୍ଭ କରି ପାଠପଢ଼ିବା ପର୍ଯ୍ୟନ୍ତ ସବୁପ୍ରକାର ବ୍ୟବସ୍ଥା କରାଯାଉଛି। ଜିଲାରେ ବହୁ ବିଦ୍ୟାଳୟ ଥିବାରୁ ବିନା ତଥ୍ୟ ଦେଖି କୌଣସି ମତାମତ ଦେବା ଉଚିତ ହେବ ନାହିଁ। ତେବେ ଯେଉଁସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିଥିବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ତ୍ରୁଟି ଉପରେ ଆକାଶମାର୍ଗରୁ ନଜର ରଖିବ ଡ୍ରୋନ୍



ମାଲକାନଗିରି, ୩।୧୨
(ଗୌରୀଶଙ୍କର ପଣ୍ଡା)

ଏଣିକି ଆକାଶମାର୍ଗରୁ ମୁଖ୍ୟ ବିଦ୍ୟୁତ୍ ସଂଯୋଗ ଉପରେ ଡ୍ରୋନ୍ କ୍ୟାମେରା ନଜର ରଖିବ। ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଉ ଲୋକଙ୍କୁ ଅଧିକ ସମୟ ଧରି ବିଦ୍ୟୁତ୍ ସରବରାହ ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମାଲକାନଗିରି ଜିଲା ଟାଟା ପାୱାର ପ୍ରଥମ ଥର ଏହି ଡ୍ରେନ୍ କ୍ୟାମେରା ନିୟୋଜିତ କରିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ଡ୍ରୋନ୍ ସର୍ଭେ ମଙ୍ଗଳବାର ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଆକାଶମାର୍ଗରୁ ବଡ଼ ବଡ଼ ବିଦ୍ୟୁତ୍ ଖୁଣ୍ଟରେ ତ୍ରୁଟି ଏବଂ ବିଭିନ୍ନ ସ୍ଥାନରେ ଥିବା ଗ୍ରୀଡ୍ ଷ୍ଟେଶନ ଉପରେ ନଜର ରଖିବ।

## ମାଲକାନଗିରିରେ ପ୍ରଥମଥର ପାଇଁ ହେଲା ନିୟୋଜିତ

ମାଲକାନଗିରି ଜିଲାରେ ବହୁ ପାହାଡ଼, ଜଙ୍ଗଲ ଥିବା ଯୋଗୁ ଏହି ଡ୍ରୋନ୍ ୧୨୦ ଫୁଟ୍ ଉଚ୍ଚତାରେ ୧୦ କି.ମି. ଦୂରତା ପର୍ଯ୍ୟନ୍ତ ଅତିକ୍ରମକରି ତ୍ରୁଟି ଖୋଜିବାରେ ସହାୟକ ହେବ । ଏ ସମ୍ପର୍କରେ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଆଶିଷ ଜେନାଙ୍କୁ ପଚାରିବାରୁ ନୂତନଭାବେ ଏହି ଡ୍ରୋନ୍ କ୍ୟାମେରା ଆସିଛି। ଏହା ଦ୍ୱାରା ପ୍ରାୟ ୧୦ କି.ମି.ଦୂରତା ଭିତରେ ଯଦି କୌଣସି ସମସ୍ୟା ଥାଏ ତେବେ ଏହା ସାହାଯ୍ୟରେ ସହଜରେ ଜାଣିପାରି ଏହାର ସମାଧାନ ମଧ୍ୟ ତୁରନ୍ତ କରାଯାଇପାରିବ ବୋଲି ସେ କହିଛନ୍ତି ।

# ଆଜି ପୁରୀରେ ସ୍କୁଲ ବନ୍ଦ

## ପରୀକ୍ଷାର୍ଥୀଙ୍କ ପାଇଁ ଖୋଲା

ପୁରୀ,୩।୧୨(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଓ ନୌସେନା ଦିବସ ପାଳନ ଉପଲକ୍ଷେ ବୁଧବାର ପୁରୀ ପୌରପାଳିକାର ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିବ। କିନ୍ତୁ ଏନ୍‌ସିଇଆର୍‌ଟି ଦ୍ୱାରା ପରିଚାଳିତ ପରକାଶ ରାଷ୍ଟ୍ରୀୟ ସର୍ଭେକ୍ଷଣ ୨୦୨୪ ଜାତୀୟସ୍ତରର ପରୀକ୍ଷା ପୁରୀ ପୌରପାଳିକା ଅନ୍ତର୍ଗତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଓ ପ୍ରଭୁଶ୍ରୀ ଇଂଲିଶ ମିଡିୟମ୍ ସ୍କୁଲରେ ଅନୁଷ୍ଠିତ ହେବ। ପୁରୀ ପୌରପାଳିକାର ଅନ୍ୟ ବିଦ୍ୟାଳୟଗୁଡ଼ିକ ପରି ଏ ସମସ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

# ୪୧୨ ବର୍ଷର ଇତିହାସ

## ଆଜି ଭାରତୀୟ ନୌସେନା ଦିବସ

ଭାରତୀୟ ନୌସେନା ହେଉଛି ଭାରତର ଏକ ଶକ୍ତିଶାଳୀ ସଶସ୍ତ୍ର ବାହିନୀ, ଯାହାକି ସାମୁଦ୍ରିକ ସୁରକ୍ଷା, ହାଇଡ୍ରୋପୋନିକ୍ସ ଏବଂ ଜାତୀୟ ନିରାପତ୍ତା ପାଇଁ କାମ କରିଥାଏ। ଏହାର ମୁଖ୍ୟ ପରିସର ହେଉଛି ଭାରତୀୟ ସାମୁଦ୍ରିକ ସୀମାକୁ ସୁରକ୍ଷା ଦେବା। ପ୍ରତି ବର୍ଷ ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ କରାଯାଏ। ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ସ୍ମରଣ କରିବା ନେଇ ଏହା ହେଉଛି ଏକ ବିଶେଷ ଦିନ। ଭାରତୀୟ ନୌସେନା ଭାରତୀୟ ସେନାର ସାମୁଦ୍ରିକ ଅଙ୍ଗ ଭାବେ ପରିଚିତ। ୧୬୧୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ନିଜ ଜାହାଜକୁ ସୁରକ୍ଷାରେ ରଖିବାକୁ ଇଷ୍ଟ ଇଣ୍ଡିଆ ମେରାଇନ ନାମରେ ନୌସେନା ଗଠନ କରିଥିଲା। ପରେ ଏହାକୁ ରୟାଲ ଇଣ୍ଡିଆନ୍ ନାଭି ନାଁ ଦିଆଗଲା। ଦେଶ ସ୍ୱାଧୀନ ହେବା ପରେ ୧୯୫୦ ମସିହାରେ ଏହା ପୁଣି ଗଠନ କରାଗଲା। ସେତେବେଳେ ଏହାର ନାଁ ଇଣ୍ଡିଆନ ନାଭି ବା ଭାରତୀୟ ନୌସେନା ହୋଇଥିଲା।



୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ଅଦମ୍ୟ ସାହସ ଦେଖାଇଥିଲା ଭାରତୀୟ ନୌସେନା। ପାକିସ୍ତାନର ଅଚାନକ ଆକ୍ରମଣକୁ ପ୍ରତିହତ କରିବାକୁ ଭାରତୀୟ ନୌସେନା ଆରମ୍ଭ କରିଥିଲା ଅପରେଶନ ଟ୍ରାଇଡେଣ୍ଟ। ପାକିସ୍ତାନୀଙ୍କ ଆକ୍ରମଣର ଜବାବରେ ଭାରତୀୟ ନୌସେନା ୪ ଏବଂ ୫ ଡିସେମ୍ବର ରାତିରେ ଆକ୍ରମଣ କରିବାକୁ ଯୋଜନା କରିଥିଲା, କାରଣ ପାକିସ୍ତାନ ପାଖରେ ବିସ୍ଫୋରଣ କରିବାର ବିମାନ ନ ଥିଲା। ଏହି ଆକ୍ରମଣରେ ପାକିସ୍ତାନୀ ନୌସେନାର ଶତାଧିକ କର୍ମଚାରୀ ନିହତ ହୋଇଥିଲେ। ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମସମର୍ପଣ କରିଥିଲା। ତେବେ ଭାରତୀୟ ନୌସେନାର ଅବିସ୍ମରଣୀୟ ବିଜୟକୁ ସ୍ମରଣ କରିବା ସହ ଯୁଦ୍ଧରେ ଶହୀଦ ସମସ୍ତ ନୌସେନା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ୪ ଡିସେମ୍ବରରେ ଏହି ଦିବସ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଭାରତୀୟ ନୌସେନା ଦିବସ ପୁରୀଠାରେ ଅନୁଷ୍ଠିତ ହେଉଛି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଭାରତୀୟ ନୌସେନାର ବିଭିନ୍ନ କୌଶଳ ଏଠାରେ ଦେଖିବାକୁ ମିଳିବ।

- ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର,ମୋ: ୯୯୩୮୧୧୩୨୨୬

# ଜାତୀୟ ବିଜ୍ଞାନମେଳାରେ ପ୍ରକଳ୍ପ ପ୍ରଦର୍ଶନ କରିବେ ନବରଙ୍ଗପୁରର ମଦନ

ନବରଙ୍ଗପୁର, ୩।୧୨(ସଦାଶିବ ପ୍ରହରାଜ)

ଡିସେମ୍ବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ହରିୟାଣାର ପଞ୍ଚକୁଲା ଇନ୍ଦ୍ରଧନୁ ଅଡିଟୋରିୟମରେ ହେବାକୁ ଥିବା ଜାତୀୟସ୍ତରୀୟ ୫୧ତମ ବାଲ୍ ବୈଜ୍ଞାନିକ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ମଦନ ମୁରୁଆ ଭାଗନେବେ। ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ମଦନଙ୍କ ସମନ୍ୱିତ କୃଷି ଉପକରଣ ପ୍ରକଳ୍ପ ପ୍ରଥମ ହୋଇଥିଲା। ରାଜ୍ୟସ୍ତରୀୟ ସୁରଭିରେ ମଧ୍ୟ ଉକ୍ତ ପ୍ରକଳ୍ପ ତୃତୀୟ ସ୍ଥାନ ପାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ଅତ୍ୟାଧୁନିକ ଶୈଳୀରେ କମ୍ ଖର୍ଚ୍ଚ ଓ ସ୍ୱଳ୍ପ ସମୟରେ ଖାଦ୍ୟଶସ୍ୟ କାଟିବା ସହ ପ୍ୟାକିଂ ଓ ସଫା କରାଯାଇପାରିବ। ଚିନାବାଦାମ, ପିଆଜ ଓ ରସୁଣ ଚୋପା ସହଜରେ ଏହି ମେଶିନ ଦ୍ୱାରା ଛଡ଼ାଯାଇପାରିବ। ମଦନଙ୍କ ପ୍ରକଳ୍ପକୁ ସବୁଠି ପ୍ରଶଂସା କରାଯାଉଛି। ଏହି ପ୍ରକଳ୍ପ ପ୍ରସ୍ତୁତ ପାଇଁ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ତାଙ୍କୁ ସହଯୋଗକରି ଆସୁଛନ୍ତି। ମଦନଙ୍କୁ ଜିଲାପାଳ ଶୁଭଙ୍କର ମହାପାତ୍ର, ଡିଇଓ ଛତ୍ରପତି ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।





ନିଜ ପ୍ରକଳ୍ପ ଓ ସହଯୋଗୀ ଶିକ୍ଷକ ବଦ୍ରିନାରାୟଣଙ୍କ ସହ ମଦନ ମୁରୁଆ।

# ବନ୍ଧୁକ ଦେଖାଇ ୯୮ ହଜାର ଟଙ୍କା ଲୁଟ୍

ପବିତ୍ରନଗର,୩।୧୨(ନିରୋଜ କୁମାର ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପବିତ୍ରନଗର ବଜାର ନିକଟସ୍ଥ ରୁଗୁଡିବନ୍ଧଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗ୍ରାହକସେବା କେନ୍ଦ୍ରର ପରିଚାଳକଙ୍କୁ ବନ୍ଧୁକ ଦେଖାଇ ୯୮ହଜାର ଟଙ୍କା ଲୁଟ୍ କରାଯାଇଛି। ସୂଚନା ଅନୁଯାୟୀ, ପବିତ୍ରନଗର ବଜାରରେ ଗହମ ଗ୍ରାମର ଶିଶିର କୁମାର ସାହୁ ଗ୍ରାହକସେବା କେନ୍ଦ୍ର କରିଛନ୍ତି। ସନ୍ଧ୍ୟାରେ ସେ କେନ୍ଦ୍ର ବନ୍ଦ କରି ଘରକୁ ଫେରୁଥିବା ସମୟରେ ବଜାର ନିକଟରୁ ମାତ୍ର ୫ ଶହ ମିଟର ଦୂର ରୁଗୁଡିବନ୍ଧ ଠାରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ଶିଶିରଙ୍କୁ ଭୟଭୀତ କରି ୯୮ ହଜାର ଟଙ୍କା ଲୁଟିନେଇ ପଳାଇଥିଲେ। ଏ ନେଇ ଶିଶିର ତୁରନ୍ତ ସମଲ ଥାନାକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଦୁର୍ଘଟଣାରେ ଯୁବକ ମୃତ



ଅନୁଗୋଳ,୩।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ ହୋଇଛି। ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ସୂଚନା ଅନୁସାରେ, ରାତି ପ୍ରାୟ ୯ଟାରେ ଯୁବକ ଜଣକ ଏକ ସ୍କୁଟି (ନଂ. ଓଡି ୧୯ କ୍ୟୁ ୫୮୭୮)ରେ ସହର ପଟୁ ତୁରଙ୍ଗ ଯାଉଥିବା ବେଳେ ହୋଟେଲ ଶକ୍ତି ସମ୍ମୁଖରେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।



**ଫଟୋରେ ଖବର:** ଢେଙ୍କାନାଳ ଜିଲା ସଦର ରେଞ୍ଜ ମୋଟଙ୍ଗା ଥାନା ୫୫ ନମ୍ବର ଜାତୀୟ ରାଜପଥର ହଳଦିଆ ବାହାଳଠାରେ ହାତୀ ପଲ ମଙ୍ଗଳବାର ଅପରାହ୍ନରେ ରାସ୍ତା ପାର ହେଉଛନ୍ତି। (ଫଟୋ- ରତନ ନାୟାର)

# ବିଦ୍ୟୁତ୍ ତାର ଲାଗି କଲରାପତରିଆ ମୃତ

ଖଣ୍ଡପଡା,୩।୧୨
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବନାଞ୍ଚଳରେ ଶିକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଶିକାରୀ ଓ ଅସାମାଜିକ ବ୍ୟକ୍ତିମାନେ ଗ୍ରାମ ନିକଟସ୍ଥ ସଂରକ୍ଷିତ ଘଞ୍ଚ ଜଙ୍ଗଲ ଜମିରେ ବାରହା ଶିକାର ଉଦ୍ଦେଶ୍ୟରେ ବିଛାଇଥିବା ବିଦ୍ୟୁତ ତାର ଲାଗି ଗୋଟିଏ କଲରାପତରିଆ ବାଘର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବନାଞ୍ଚଳର ସିଂଘାପଡା ସେକ୍ସନ ଅଧୀନ ବୁଢ଼ିଝାରୀ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ କଲରାପତରିଆ ବାଘର ମୃତଦେହ ପଡିଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ, ବନପାଳ ସନାତନ ସ୍ୱାଇଁ, କୈଳାସ ପ୍ରଧାନଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ମଙ୍ଗଳବାର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବାରହା ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ବିଦ୍ୟୁତ ତାର ଯୋଗୁ କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି । ବାଘର ମୃତଦେହକୁ ବନ ବିଭାଗ କର୍ମଚାରୀମାନେ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି । ଏଭଳି ବିଦ୍ୟୁତ ସଂଯୋଗ ଯୋଗୁ ବାର୍‌ହା ଶିକାର ସହ ବହୁ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି । ସୂଚନାଯୋଗ୍ୟ, ଖଣ୍ଡପଡା ବନାଞ୍ଚଳ ଅଧୀନ ସିଂଘାପଡା, ସରପୋଖରୀ, କୁମୁଣ୍ଡି, ବାରଖୋଲା, ପଥରଚକଡା ଓ ଧାନଚେଙ୍ଗଡା ପଞ୍ଚାୟତ ଅଞ୍ଚଳର ନିକଟବର୍ତ୍ତୀ ଗୋସିଙ୍ଗ ପାହାଡ଼, ବାଘମାରୀ ପାହାଡ଼, ଦତ୍ତ ପୋଖରୀ ଓ କଣ୍ଟାବଣିଆ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ପଲ ରାତିରେ ଜନବସତି ତଥା ନିକଟବର୍ତ୍ତୀ ଚାଷ ଜମି ଅଞ୍ଚଳକୁ ଚାଲି ଆସନ୍ତି । ଏହି ସୁଯୋଗରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଗ୍ରାମପାର୍ଶ୍ୱରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ୧୧ କେଭି ବିଦ୍ୟୁତ ତାରରୁ ଚୋରାରେ ହୁକ୍ ପକାଇ ବାର୍‌ହା ଶିକାର କରିଥାଆନ୍ତି । ଏବେ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ କ୍ଷେତରେ ବାଦାମ ଫସଲ ହୋଇଥିବାରୁ ସନ୍ଧ୍ୟା ହେଲେ ବାର୍‌ହା ପଲ ପାଣି ପିଇବାକୁ ଓ ବାଦାମ ଫସଲ ଖାଇବାକୁ ଆସିଥାଆନ୍ତି । ଏହାକୁ ସୁଯୋଗ ଭାବି କେତେଜଣ ବ୍ୟକ୍ତି ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର କରୁଥିବା ନଜିର ରହିଛି ।

# ନାଲ୍‌କୋରେ ବିଓଆଇର ନୂତନ ଶାଖା

ଭୁବନେଶ୍ୱର,୩।୧୨(ଅଭୟ ଦାଶ)

ଅନୁଗୋଳ ଜିଲା ନାଲ୍‌କୋଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରି ଶେଖର ଦାଶଙ୍କ ସମେତ ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ସୌମ୍ୟରଞ୍ଜନ ସାହୁ ଏବଂ ଅନୁଗୋଳ ଶାଖାର ଶାଖା ପ୍ରବନ୍ଧକ ବାବୁଲା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବଢୁଥିବା ଖାତାଧାରକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ସେବା ଉପଲବ୍ଧି କରାଇବା ଲକ୍ଷ୍ୟରେ ଏହି ନୂତନ ଶାଖାର ଆନୁଷ୍ଠାନିକ ଉଦ୍‌ଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶାଖା ପ୍ରବନ୍ଧକ ଅନୁପ ରଞ୍ଜନ ବିଶ୍ୱାଳ କହିଥିଲେ, ଆଗାମୀ ଦିନରେ ବ୍ୟାଙ୍କର ସମସ୍ତ ଯୋଗ୍ୟ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ଋଣ ସୁବିଧା ଯୋଗାଇ ଦେବା ସହ ସଞ୍ଚୟ ଓ ଚଳନ୍ତି ଜମା ଖାତା ଏବଂ ହାତ ପାହାନ୍ତାରେ ଆବଶ୍ୟକ ବ୍ୟାଙ୍କ ସେବା ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି। ସେହିଭଳି ଏହି ନୂତନ ଶାଖା ଜରିଆରେ ସବୁବର୍ଗର ଗ୍ରାହକଙ୍କୁ ଅଧିକରୁ ଅଧିକ ବ୍ୟାଙ୍କିଙ୍ଗ୍ ସୁବିଧା ସୁଯୋଗ ଉପଲବ୍ଧ କରାଯାଇପାରିବ ବୋଲି କ୍ଷେତ୍ର ମହାପ୍ରବନ୍ଧକ କ୍ରିଷ୍ଣା କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ଜିଲା ପ୍ରବନ୍ଧକ ଦୀପକ ମିଶ୍ର ଏବଂ ଅନୁଗୋଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।





# ଡକାୟତି ଯୋଜନା ବେଳେ ଚଢ଼ାଉ, ୫ ଗିରଫ

- ବନ୍ଧୁକ, ଖଣ୍ଡା ଓ ବୋମା ଜବତ

ଢେଙ୍କାନାଳ,୩।୧୨
(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା କାଳିକାପ୍ରସାଦ ଜଙ୍ଗଲରେ ବସି ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ୫ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା କଳାଙ୍ଗ ଗ୍ରାମର ରିଙ୍କୁ ଓରଫ ଶୁଭ୍ରଜିତ ବେହେରା, ଡବଲୁ ଓରଫ ତୁଷାର ସାମଲ, କୁଲୁ ଓରଫ ଜୟକୃଷ୍ଣ ସାମଲ, ବବଲୁ ଓରଫ ଉତ୍ତମ ସାମଲ, ଜିଲୁ ଓରଫ ସଂଗ୍ରାମ ସାମଲ।





ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ଖଣ୍ଡା, ୨ଟି ଅଫୁଟା ବୋମା, ଛୁରି, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ଦିଆସିଲି ପ୍ୟାକେଟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନମ୍ବର ୯୨୯/୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ଡିଜେଲ ଚୋରି ଅଭିଯୋଗ, ଜଣେ ଗିରଫ

ପବିତ୍ରନଗର,୩।୧୨(ନିରୋଜ କୁମାର ପ୍ରଧାନ)

ଅନୁଗୋଳ କଣିହାଁ ବ୍ଲକ ରେଙ୍ଗାଳି ଥାନା ବଜ୍ରକୋଟ ଗାଁର ଅରବିନ୍ଦ ସାହୁଙ୍କ ଗାଡିର ରବିବାର ରାତିରେ ଡିଜେଲ ଚୋରି ହୋଇଛି। ଅରବିନ୍ଦ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ସେହି ଗାଁର ଚନ୍ଦ୍ରକାନ୍ତ ବେହେରା(୨୩)ଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ଡିଜେଲ ଜବତ କରାଯିବା ପରେ ପୋଲିସ ଅଭିଯୁକ୍ତ ଚନ୍ଦ୍ରକାନ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା



# ପ୍ରଥମେ ଡାକ୍ତରଙ୍କୁ ସୁରକ୍ଷା

ଉତ୍ତମ ସ୍ୱାସ୍ଥ୍ୟସେବା ଏକ ସମନ୍ୱିତ ଓ ବିକଶିତ ଭିତ୍ତିଭୂମି ଉପରେ ନିର୍ଭର କରେ। ଅର୍ଥାତ୍ ଉତ୍ତମ ପରିବେଶରେ ହସ୍ପିଟାଲ, ଗୁଣବତ୍ତା ଚିକିତ୍ସାର ଉପଲବ୍ଧତା, ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି ଯୋଗୁ ସବୁ ଦିଗରୁ ସ୍ୱାସ୍ଥ୍ୟସେବା ସମୃଦ୍ଧ ହୋଇପାରିବ। ସବୁଥାଇ ଯଦି ଡାକ୍ତର ନ ଥିବେ, ତେବେ ସ୍ୱାସ୍ଥ୍ୟସେବା ନାମକୁମାତ୍ର ବୋଲି ବୁଝିବାକୁ ହେବ। ଓଡ଼ିଶାରେ ଏବେ ଏଭଳି ସ୍ଥିତି ସାମ୍ନାକୁ ଆସିଛି। ଡିସେମ୍ବର ୨ରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ରାଜ୍ୟ ସ୍ୱାସ୍ଥ୍ୟସେବାର ଏକ କରୁଣ ଚିତ୍ର ଦର୍ଶାଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ୩୦ ଜିଲାରେ ଥିବା ୩୭୫ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ ୭,୮୦୬ ପଦବୀ ମଧ୍ୟରୁ ୫,୦୧୪ ପଦବୀ ଖାଲିପଡ଼ିଛି। ଉଦ୍‌ବେଗର ବିଷୟ ହେଉଛି, ଏହିସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମୋଟ ୧୫୦୦ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରୁ ୩୮୬ ଜଣ କାର୍ଯ୍ୟ କରୁଛନ୍ତି, ଅର୍ଥାତ୍ ୧,୧୧୪ ପଦବୀ ଖାଲି ରହିଛି। ଏହା ସହ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ କାରଣ ଦର୍ଶାଇ ରାଜ୍ୟରେ ୧୯୬ ଜଣ ଡାକ୍ତର ଦୀର୍ଘଦିନ ଧରି ଛୁଟିରେ ରହିଛନ୍ତି ଏବଂ ଏହାର କାରଣ ଯଥାର୍ଥ ନ ଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏହି ଚେତାବନୀ ସ୍ୱାଗତଯୋଗ୍ୟ। କିନ୍ତୁ ଅନେକ ହଜାର ପଦବୀ ଖାଲି ରହିବା ପଛର କାରଣ କ'ଣ, ତାହା ଖୋଜିବା ଦରକାର। ଅତୀତରୁ ଦୀର୍ଘ ସମୟ ଧରି ଏହି ସମସ୍ୟା ଲାଗି ରହିଛି, ଯାହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଫଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଗ୍ରାମାଞ୍ଚଳରେ ଉପଲବ୍ଧ ହେବା କଷ୍ଟକର ହୋଇଯାଇଛି। ଓଡ଼ିଶାର ଗ୍ରାମୀଣ ଅଞ୍ଚଳରେ ୭୦ ପ୍ରତିଶତରୁ ଅଧିକ ଲୋକ ରହୁଛନ୍ତି। ଯଦି ସେମାନଙ୍କ ନିକଟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ନ ରୁହନ୍ତି, ତେବେ ସ୍ୱାସ୍ଥ୍ୟ ଯୋଜନାର ସୁଫଳ ମିଳିବା କଷ୍ଟକର ହୋଇଯିବ। ଏବେ ଲକ୍ଷ୍ୟ କରାଯାଉଛି, ସ୍ୱାସ୍ଥ୍ୟକାର୍ଡର ଲାଭ ନେବା ପାଇଁ ଗ୍ରାମୀଣ ଲୋକମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାଡ଼ି ସହରର ଛୋଟ ବଡ଼ ମେଡିକାଲରେ ଭିଡ଼ ଜମାଉଛନ୍ତି। ଦେଖିବାକୁ ଗଲେ ସ୍ୱାସ୍ଥ୍ୟସେବା ଏବେ ସହରାଞ୍ଚଳ କୈନ୍ଦ୍ରିକ ହୋଇଯାଇଛି। ଡାକ୍ତରମାନେ ସହରରେ କିମ୍ବା ଏହାର ଆଖପାଖରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରହିବାକୁ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର କଳେବରରେ ଉନ୍ନତି ଘଟିଥିଲେ ମଧ୍ୟ ସେଠାକୁ ଡାକ୍ତରମାନେ ଯାଉନାହାନ୍ତି କିମ୍ବା ଯିବାକୁ ପସନ୍ଦ କରୁନାହାନ୍ତି। ଏହା ବ୍ୟତୀତ ଘରୋଇ ହସ୍ପିଟାଲଗୁଡ଼ିକର ଉଚ୍ଚ ଦରମା ସେମାନଙ୍କୁ ଆକର୍ଷିତ କରୁଛି। ରାଜ୍ୟରୁ ଡାକ୍ତରମାନେ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ଫଳରେ ରାଜ୍ୟରେ ଡାକ୍ତର ଓ ଲୋକସଂଖ୍ୟା ଅନୁପାତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ନିୟମକୁ ପୂରଣ କରିପାରୁନାହିଁ। ଡବ୍ଲ୍ୟୁଏଚ୍‌ଓ ଅନୁଯାୟୀ, ୧୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ରହିବାର ନିୟମ ଥିବାବେଳେ ଓଡ଼ିଶାରେ ଏବେ ୧୫୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ଏଭଳି ଅନୁପାତକୁ ନେଇ ଓଡ଼ିଶା ହାଇକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

> **ଡାକ୍ତରମାନେ କାମରେ ଯୋଗ ନ ଦେବା କିମ୍ବା ଛୁଟିରେ ରହିବା ପଛରେ ସୁରକ୍ଷାକୁ କାରଣ ଭାବେ ଦର୍ଶାଉଛନ୍ତି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଆକ୍ରମଣ କରାଯାଉଥିବାରୁ ସେମାନେ ସୁରକ୍ଷା ଦାବି କରୁଛନ୍ତି। ହେଲେ ଦୀର୍ଘଦିନ ଧରି ଛୁଟିରେ ଯାଉଥିବା କିମ୍ବା କାର୍ଯ୍ୟରେ ଯୋଗ ଦେଉ ନ ଥିବା ଡାକ୍ତରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ଆବଶ୍ୟକ। କିନ୍ତୁ ତାହା ପୂର୍ବରୁ ଡାକ୍ତରମାନଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରତି ସରକାର ଉପାୟ ବାହାର କରିବା ଦରକାର।**

କାଉନ୍‌ସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏହା ସହ ୨୯,୭୯୨ ଡାକ୍ତର ପଞ୍ଜୀକୃତ ହୋଇଛନ୍ତି। ଏବକାର ସ୍ଥିତିରେ ଓଡ଼ିଶାରେ ସରକାରୀ ଓ ବେସରକାରୀ ଏପରି ମୋଟ ୧୭ଟି ମେଡିକାଲ କଲେଜରେ ପଢୁଥିବା ୧,୮୬୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପାଖାପାଖି ୧,୪୦୦ ପିଲା ସରକାରୀ ମେଡିକାଲ କଲେଜରେ ପଢୁଛନ୍ତି। ସରକାରୀ ମେଡିକାଲ କଲେଜରେ ପଢ଼ିବାକୁ ହେଲେ ପାଠ ଶେଷ ପରେ ୨ ବର୍ଷ ସରକାରୀ ହସ୍ପିଟାଲରେ କାମ କରିବାର ସର୍ତ୍ତ ରଖାଯାଉଛି ଓ ସରକାର ସେମାନଙ୍କ ପିଛା ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି। ତଥାପି ମେଡିକାଲ ପାସ୍ କରିବା ପରେ ସେମାନେ ଗ୍ରାମୀଣ ସରକାରୀ ମେଡିକାଲରେ କାମ କରିବାକୁ ଅନିଚ୍ଛୁକ ହେଉଛନ୍ତି। କାମରେ ଯୋଗ ନ ଦେବା କିମ୍ବା ଛୁଟିରେ ରହିବା ପଛରେ ସୁରକ୍ଷାକୁ ଦର୍ଶାଯାଉଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଆକ୍ରମଣ କରାଯାଉଥିବାରୁ ଡାକ୍ତରମାନେ ସୁରକ୍ଷା ଦାବି କରୁଛନ୍ତି। ହେଲେ ଦୀର୍ଘଦିନ ଧରି ଛୁଟିରେ ଯାଉଥିବା କିମ୍ବା କାର୍ଯ୍ୟରେ ଯୋଗ ଦେଉ ନ ଥିବା ଡାକ୍ତରଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ଆବଶ୍ୟକ। କିନ୍ତୁ ତାହା ପୂର୍ବରୁ ଡାକ୍ତରମାନଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରତି ସରକାର ଉପାୟ ବାହାର କରିବା ଦରକାର।

# ବିଦ୍ୟାଳୟ ଶିକ୍ଷାର ଦୁଇଟି ଆହ୍ୱାନ



ଡ. ମନୋରଞ୍ଜନ ପ୍ରଧାନ

ଆଜି ଛାତ୍ରୀଛାତ୍ରମାନଙ୍କ ଭିତରେ ଦୁଇ ପ୍ରକାରର ଜ୍ଞାନର ଅଭାବ ଦେଖାଦେଇଛି ଯଥା: ଅକ୍ଷର ଓ ବିଚାର। ମାନେ ଗୋଟିଏ ହେଉଛି ବିଷୟଗତ ମୌଳିକ ଜ୍ଞାନ ଓ ଦକ୍ଷତା, ଅନ୍ୟଟି ଆଚରଣ ସମ୍ବନ୍ଧୀୟ ନୈତିକ ଜ୍ଞାନ। ବିଦ୍ୟାଳୟରେ ଭାରତୀୟ ଛାତ୍ରୀଛାତ୍ରମାନଙ୍କ (ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକରେ) ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଅଭାବ ସମ୍ବନ୍ଧରେ ଦେଶବାସୀ ଅଳ୍ପବହୁତେ ଅବଗତ ଅଛନ୍ତି। ଅର୍ଥାତ୍ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପାଠ ପଢୁଥିବା ଅସଂଖ୍ୟ ପିଲା ନିଜ ମାତୃଭାଷାରେ ବହି ପଢ଼ି ପାରୁନାହାନ୍ତି ଅବା ସାଧାରଣ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିପାରୁ ନାହାନ୍ତି। ମାନେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଶିଶୁମାନେ (ସମସ୍ତେ ନୁହନ୍ତି) ନିଜ ଶ୍ରେଣୀର ମାତୃଭାଷା ପୁସ୍ତକ ନିର୍ଭୁଲ୍ ଭାବରେ ପଢ଼ିପାରୁନାହାନ୍ତି କିମ୍ବା ନିମ୍ନଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସରଳ ଓ ସହଜ ଅଙ୍କ ଓ ଗଣିତର ସମାଧାନ କରିପାରୁ ନାହାନ୍ତି। ଏପରିକି କେତେକ ସର୍ଭେ ଅନୁସାରେ ଦେଶର ଅଷ୍ଟମ ଶ୍ରେଣୀ ପଢ଼ି ସାରିଥିବା କିଶୋରୀ କିଶୋରମାନେ ନିଜ ଦେଶର ମାନଚିତ୍ର ଚିହ୍ନି ପାରୁନାହାନ୍ତି ବା ସାଧାରଣ ଜ୍ଞାନ ସମ୍ପର୍କିତ ସରଳ ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ ହେଉଛନ୍ତି। ସେଥିପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ର ଅନୁମୋଦନକ୍ରମେ ସାରା ଦେଶରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଲକ୍ଷ୍ୟ ରଖିଚି ୨୦୨୬ ସୁଦ୍ଧା ବିଦ୍ୟାଳୟ ପଢୁଆ ପିଲାମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବାରେ ସକ୍ଷମ ହେବେ।

ଅପରପକ୍ଷରେ ନୈତିକ ଜ୍ଞାନର ଅଭାବ ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରାଉଛି। କିଛି ଦିନ ତଳେ ନବମ ଶ୍ରେଣୀର ଦୁଇ ଜଣ ଛାତ୍ର ଶିକ୍ଷକଙ୍କ ସାମୟିକ ଅନୁପସ୍ଥିତିରେ ଶ୍ରେଣୀଗୃହରେ ବୋତଲ ଖୋଲି ମଦ ପିଇବା ଏବଂ ମାତାପିତାମାନେ ଶିକ୍ଷକଙ୍କୁ ସହଯୋଗ କରିବା ପରିବର୍ତ୍ତେ ପିଲାମାନଙ୍କୁ ଅନ୍ଧଭାବରେ ସମର୍ଥନ ଦେଇ ଶିକ୍ଷକଙ୍କୁ ନାଲିଆଖି ଦେଖେଇବା ଭଳି ସ୍ପର୍ଶକାତର ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। କେତେବେଳେ ଶିକ୍ଷକଙ୍କୁ ମାଡ଼, ଉପହାସ ଆଦି ଘଟଣା ଆଜିକାଲି ସାଧାରଣ ଘଟଣାରେ ପରିଣତ ହୋଇଗଲାଣି। ଏଭଳି ଅନେକ ଘଟଣା ବିଦ୍ୟାଳୟ ବା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଘଟୁଛି, କିନ୍ତୁ ବିଭିନ୍ନ କାରଣରୁ ଲୋକଲୋଚନକୁ ଆସୁନାହିଁ। ପାନ, ତମାଖୁ ସେବନ ଆଦି କୁଅଭ୍ୟାସ କୋମଳମତି ଶିଶୁ ଓ ଯୁବତୀ ଯୁବକମାନଙ୍କୁ ଧୀରେ ଧୀରେ କବଳିତ କରିବାରେ ଲାଗିଛି। ସେମାନଙ୍କ ଜୀବନଚର୍ଯ୍ୟାରେ ସଂପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇଛି। ମୋବାଇଲ



ଫୋନ ଚାଳନାରେ ଅର୍ଦ୍ଧରାତ୍ରିଯାଏ ଅନିଦ୍ରା ରହି ଦିନ ଆଠଟା ନଅଟା ବେଳକୁ ଉଠିବା ଏମାନଙ୍କ ଅଭ୍ୟାସ ବନିଗଲାଣି। ଖାଦ୍ୟପେୟ, ଆଚାର ବିଚାର ଆଦିରେ ପାଶ୍ଚାତ୍ୟ ସଂସ୍କୃତିର ଛାପ।

ସଂକ୍ଷେପରେ କହିଲେ ଆମ କୋମଳମତି ବାଳିକାବାଳକ ଏବଂ ଯୁବବର୍ଗ ସାକ୍ଷର ଓ ବିଚାର ଏହି ଦୁଇ ଜ୍ଞାନାଭାବର ଶିକାର ହୋଇଛନ୍ତି ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ତେବେ ଏହି ଦୁଇ ଆହ୍ୱାନର କାରଣ ଅନେକ ହେଲେ ମଧ୍ୟ ଏଠାରେ ଶିକ୍ଷା ସମ୍ବନ୍ଧୀୟ ଦୁଇଟି କାରଣ ବିଶେଷକରି ଦାୟୀ ବୋଲି ଏ ଲେଖକଙ୍କ ବ୍ୟକ୍ତିଗତ ମତ। ଦୁଇଟି କାରଣ ହେଉଛି ଅଷ୍ଟମ ଶ୍ରେଣୀଯାଏ ଶୂନ୍ୟ ଆବଦ୍ଧ ନୀତି (NO DETENTION POLICY) ଓ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ବ୍ୟବସ୍ଥା (PUNISHMENT FREE ZONE)।

ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଛାତ୍ରୀଛାତ୍ରଙ୍କୁ ଫେଲ୍ କରାଯିବ ନାହିଁ ବୋଲି ପ୍ରାବଧାନ ଅଛି। ଏହା ଫଳରେ ଶିଶୁର ଜ୍ଞାନ ଓ ଦକ୍ଷତା ଯାହା ହେଉନା କାହିଁକି ଛାତ୍ରୀଛାତ୍ରମାନେ ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ଚାଲିଛନ୍ତି, ଯାହାର କୁପରିଣାମ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାସ୍ତରରେ ଗଭୀର ଭାବରେ ପଡୁଛି। ନବମ ଶ୍ରେଣୀରେ ପଢ଼ିବାକୁ ନାମ ଲେଖାଉଥିବା ସଂଖ୍ୟାଧିକ ଶିକ୍ଷାର୍ଥୀ ନିଜ ମାତୃଭାଷାରେ ପୁସ୍ତକ ପଢ଼ିବା କଷ୍ଟ ଅନୁଭବ କରୁଛନ୍ତି। ଛୋଟ ଛୋଟ ସରଳ ଗଣିତ କରିପାରୁନାହାନ୍ତି କି ରାଷ୍ଟ୍ରଭାଷା ବା ବିଦେଶୀ ଭାଷା ଇଂଲିଶ୍‌ରେ ଯେତିକି ଦକ୍ଷତା ହାସଲ କରିବା କଥା ତାହା କରିପାରୁ ନାହାନ୍ତି। ତେଣୁ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅପଚୟ ଓ ଆବଦ୍ଧ ହାର ବୃଦ୍ଧି ହେବାରେ ଲାଗିଛି। ଜାତୀୟ ଅର୍ଥନୈତିକ ସର୍ଭେ ୨୦୨୩-୨୪ ଅନୁସାରେ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଓଡ଼ିଶାରେ ପାଠ ଛାଡ଼ (ଡ୍ରପ୍‌ଆଉଟ) ହାର ଭାରତରେ ପ୍ରଥମ। ଅବଶ୍ୟ ଏକଥା ସତ ଯେ, ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ଶିଶୁମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ (ପ୍ରଥମରୁ ଅଷ୍ଟମ) ଫେଲ୍ ନ କରିବା ଅର୍ଥ ସେମାନଙ୍କୁ ମାନସିକ ଚାପ, ପରୀକ୍ଷାଜନିତ କଠୋରତା ଓ ପରୀକ୍ଷାରେ ଉତ୍ତୀର୍ଣ୍ଣ ନିମିତ୍ତ ଥିବା ସମସ୍ତ ଚାପରୁ ମୁକ୍ତ କରିବା; କିନ୍ତୁ ତାହା ଆଜି କଦର୍ଥ ହୋଇଛି। ଅଧିନିୟମ ଅନୁସାରେ ପିଲେ ଫେଲ୍ ହେବେ ନାହିଁ, କିନ୍ତୁ ପ୍ରତ୍ୟେକ ଶ୍ରେଣୀର ଶିଶୁ ଯେପରି ପ୍ରତ୍ୟେକ ବିଷୟ ପାଇଁ ପ୍ରସ୍ତାବିତ ଜ୍ଞାନ ଓ ଦକ୍ଷତା ହାସଲ କରିପାରିବେ, ସେଥିପାଇଁ ସୁନିଶ୍ଚିତ କରିବାକୁ ପଡ଼ିବ। କିନ୍ତୁ ନୋ ଡିଟେନ୍‌ସନ ପଲିସି ଆଜି ନିଜ ଦାୟିତ୍ୱକୁ ଅନ୍ୟ ଉପରେ ଲଦିଲା ଭଳି ହୋଇଛି। ପ୍ରତ୍ୟେକ ଶ୍ରେଣୀରେ ଶିଶୁ ପ୍ରସ୍ତାବିତ ଜ୍ଞାନ ଓ ଦକ୍ଷତା ବିକାଶ କଲା କି ନାହିଁ ତାହା ଆକଳନ ଓ ମୂଲ୍ୟାୟନ କରିବା ପାଇଁ ମାନକ ପରୀକ୍ଷା ତଥା ତା'ର ସମୀକ୍ଷା ପୂର୍ବକ ଉତ୍ତରଦାୟିତ୍ୱ ନିରୂପିତ କଲାଭଳି କୌଣସି କଡ଼ା ବ୍ୟବସ୍ଥା ନାହିଁ। ତେଣୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ନ ଥାଇ ମଧ୍ୟ ଶିଶୁମାନେ ନବମ ଶ୍ରେଣୀରେ ପହଞ୍ଚି ଯାଉଛନ୍ତି। ଫଳତଃ ପରବର୍ତ୍ତୀ ସମୟରେ ବିଶେଷକରି ଦଶମ ବୋର୍ଡ ପରୀକ୍ଷାରେ ଫେଲ୍ କିମ୍ବା ଏହି ପରୀକ୍ଷାର ସମ୍ମୁଖୀନ ହେବା ପୂର୍ବରୁ ବିଦ୍ୟାଳୟ ଛାଡ଼ି ପାଠଛାଡ଼ ତାଲିକା ପ୍ରତିଶତ ବୃଦ୍ଧି କରିବାରେ ଲାଗିଛନ୍ତି। ତେଣୁ ପ୍ରାରମ୍ଭିକ ଶିକ୍ଷାସ୍ତରରେ ଶୂନ୍ୟ ଫେଲ୍ ନୀତିର ପୁନର୍ବିଚାର କରିବା ଉଚିତ୍ କିମ୍ବା ପ୍ରତ୍ୟେକ ଶ୍ରେଣୀରେ ଶିଶୁମାନଙ୍କ ପ୍ରସ୍ତାବିତ ଜ୍ଞାନ ଓ ଦକ୍ଷତା ବିକାଶକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା ଅଧିକାରୀ, ଅନ୍ୟମାନଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ସହ କଠୋର ଆଇନ ଜରିଆରେ ଦଣ୍ଡବିଧାନ କରାଯିବା ଦରକାର।

ଅପରପକ୍ଷରେ, ଦଣ୍ଡମୁକ୍ତ ବିଦ୍ୟାଳୟ ବ୍ୟବସ୍ଥା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦୁର୍ବଳ କରିଛି। ଛାଟ ଖାଇଲେ ପାଠ ଲୋକୋକ୍ତିଟି ଆଜି ଆପରାଧିକ କାର୍ଯ୍ୟ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କୁ ଆକଟ କରିବା ପାଇଁ କୌଣସି ଅନୁଶାସନଗତ ଦଣ୍ଡବିଧାନ କଲେ ନିଜେ ଦଣ୍ଡିତ ହେବାର ବ୍ୟବସ୍ଥା ଅଛି। ବିଦ୍ୟାଳୟ କାନ୍ଥରେ ଲିଖିତ ଟୋଲ୍ ଫ୍ରି ନମ୍ବର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉପହାସ କରୁଥିବା ବେଳେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏହାର ଦୁରୁପଯୋଗ କରି ଶିକ୍ଷାଦାତାଙ୍କୁ ଧମକାଉଛନ୍ତି। ଏହା ସତ୍ୟ ଯେ, କଠୋର ଶାରୀରିକ ଓ ମାନସିକ ଦଣ୍ଡ ବ୍ୟବସ୍ଥା ବର୍ଜନୀୟ ଓ ନିନ୍ଦନୀୟ। କିନ୍ତୁ ଦଣ୍ଡମୁକ୍ତ ଅଞ୍ଚଳ ନାମରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଅସହାୟ ଓ ଦୁର୍ବଳ କରିଦେବାର ପରିଣାମ ଆଜି ସମାଜକୁ ନୈତିକ ଓ ମୂଲ୍ୟବୋଧ ସ୍ଖଳନ ନାମରେ ଭୋଗିବାକୁ ପଡୁଛି ବୋଲି ଏ ଲେଖକଙ୍କ ମତ। ଆମେ ପଢ଼ିଲା ବେଳେ ଶିକ୍ଷକଙ୍କଠାରୁ ମାଡ଼ ଖାଇ ମଧ୍ୟ ଘରେ କହୁନଥିଲୁ କିମ୍ବା ମା'ବାପା ଜାଣି ମଧ୍ୟ ଶିକ୍ଷକମାନଙ୍କୁ କେବେ ଅପମାନ କରୁନଥିଲେ। କିନ୍ତୁ ଆଜି ପିଲାଙ୍କୁ ଆଖି ଦେଖେଇଲେ ଶିକ୍ଷକ ଦୋଷୀ। ପିଲାଙ୍କ ସବୁ ବିଶୃଙ୍ଖଳାକୁ ଦେଖି ସହିଯିବା ଛଡ଼ା ଅନ୍ୟ ଉପାୟ ନାହିଁ। ଶୂନ୍ୟ ଫେଲ୍ ଓ ଶୂନ୍ୟ ଦଣ୍ଡନୀତି ଅନୁଶାସନଯୁକ୍ତ ଶୃଙ୍ଖଳିତ ବିଦ୍ୟାଳୟ ପ୍ରତିଷ୍ଠା ପୂର୍ବକ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଦିଗରେ ଅନ୍ତରାୟ ଓ ବଡ଼ ଆହ୍ୱାନ। ଏହା ସମ୍ବନ୍ଧରେ ପୁନର୍ବିଚାର ଆବଶ୍ୟକ ବୋଲି ଏ ଲେଖକଙ୍କ ବ୍ୟକ୍ତିଗତ ମତ।

ମୋ: ୯୪୩୭୯୧୪୮୧୮

# ଆଜିର ଯାତ୍ରା



ହରିଶଙ୍କର ମିଶ୍ର

ଯାତ୍ରାରେ ଅଶ୍ଳୀଳତା ଏବେ ରାଜ୍ୟର ଗଣମାଧ୍ୟମରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ଅନେକ ଯାତ୍ରା ମଞ୍ଚରେ ଏହି ନୃତ୍ୟ ଯୋଗୁ ଅସ୍ୱାଭାବିକ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ରାଜ୍ୟ ସରକାର ଏହା ଉପରେ ଅଙ୍କୁଶ ଲଗାଇବେ ବୋଲି ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ମଧ୍ୟ ଅନୁରୂପ ଆଦେଶ ଦେଇଥିଲେ ବି ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ସରକାରଙ୍କର ଏହି ମନ୍ତବ୍ୟ ରାଜ୍ୟରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଅଶ୍ଳୀଳ ନୃତ୍ୟ ମୁଖ୍ୟତଃ ଯୁବବର୍ଗଙ୍କୁ ଯାତ୍ରା ପାଇଁ ଆକର୍ଷିତ କରୁଥିବା ଏବଂ ଏହି ନୃତ୍ୟ ମାଧ୍ୟମରେ ସମ୍ପୃକ୍ତ ନୃତ୍ୟଶିଳ୍ପୀମାନେ ଅଜସ୍ର ଅର୍ଥ ରୋଜଗାର କରୁଥିବା ଯୋଗୁ ସେମାନେ ସରକାରଙ୍କର ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କିନ୍ତୁ ପରିବାର ସହ ଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକମାନେ ଏହାକୁ ସ୍ୱାଗତ କରିଛନ୍ତି। ଯାତ୍ରା ହେଉଛି ମନୋରଞ୍ଜନର ଏପରି ଏକ ମାଧ୍ୟମ ଯାହା କି ସହରଠାରୁ ମଫସଲ ଯାଏ ସର୍ବତ୍ର ଲୋକପ୍ରିୟ। ଏହାର ସୃଷ୍ଟି ପୁରାଣ ସମୟରୁ ରହିଥିବା ଜଣାଯାଏ। ଯାତ୍ରା ମଞ୍ଚ ଏକ ପବିତ୍ର ସ୍ଥାନ। ପ୍ରତ୍ୟେକ କଳାକାର ମଞ୍ଚ ପ୍ରବେଶ ପୂର୍ବରୁ ତାହାକୁ ପ୍ରଣାମ କରନ୍ତି। ପ୍ରତ୍ୟେକ ଯାତ୍ରା ଦଳର ମଧ୍ୟ ମଞ୍ଚ ପୂଜା ବିଧି ରହିଛି। କିନ୍ତୁ ଯଦି ଆମେ ଯାତ୍ରାରେ ଅଶ୍ଳୀଳତା ସମ୍ପର୍କରେ ଆଲୋଚନା କରିବା ତେବେ ଏହାର ଇତିହାସ ଆଦୌ ପୁରୁଣା ନୁହେଁ। ପୂର୍ବରୁ ଯାତ୍ରାରେ ନଗ୍ନତା ଓ ଅଶ୍ଳୀଳତା ଆଦୌ ନଥିଲା। ବରଂ ବଳିଷ୍ଠ କାହାଣୀ ସହ କଳାକାରମାନଙ୍କର ପ୍ରଭାବଶାଳୀ ଅଭିନୟ ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଏପରିକି ଯାତ୍ରା ଶେଷ ହେବା ପରେ ତାହା ମଧ୍ୟ ଦର୍ଶକଙ୍କ ମଧ୍ୟରେ ଆଲୋଚନାର ଖୋରାକ ହେଉଥିଲା। ଯାତ୍ରାର ହାସ୍ୟ ଦୃଶ୍ୟରେ କଳାକାରମାନଙ୍କର ସଂଳାପ ଉଚ୍ଚାରଣ ଶୈଳୀ ଦର୍ଶକଙ୍କୁ ହସାଇ ପାରୁଥିଲା। କିନ୍ତୁ ସେଭଳି ସଂଳାପ ବା ଅଭିନେତାଙ୍କ ଅଭିନୟ ଚାତୁର୍ଯ୍ୟ ପରିବର୍ତ୍ତେ କିଛି ବର୍ଷ ପୂର୍ବରୁ ଦ୍ୱିଅର୍ଥବୋଧକ ଶବ୍ଦ ମାଧ୍ୟମରେ ହାସ୍ୟ ଦୃଶ୍ୟ ରଚନା କରାଗଲା। ସମୟକ୍ରମେ ଯାତ୍ରାର ଶୈଳୀରେ ପରିବର୍ତ୍ତନ ହେଲା। ବହୁ ବର୍ଷ ପୂର୍ବରୁ କୌଣସି ଯାତ୍ରାର କାହାଣୀ ଆରମ୍ଭ ପୂର୍ବରୁ ଯେଉଁ କ୍ଷୁଦ୍ର ନୃତ୍ୟନାଟିକା ହେଉଥିଲା ତାକୁ ବିଲୁପ୍ତ କରାଯାଇ କିଛି ଭଜନ ଜଣାଣ ଆଦି ପରିବେଷଣ କରାଗଲା। ତା'ପରେ ଲଘୁ ସଙ୍ଗୀତ ଓ ସିନେମା ଗୀତ ତାଳେ ତାଳେ ନର୍ତ୍ତକୀ ନର୍ତ୍ତକଙ୍କ ନୃତ୍ୟ କରିବାର ଦେଖାଗଲା। ଯେଉଁଥିରେ କ୍ରମେ କ୍ରମେ କିଛି ଅପସଂସ୍କୃତି ସମ୍ପନ୍ନ ଗୀତ ସହ ନୃତ୍ୟ କରୁଥିବା ନର୍ତ୍ତକୀମାନେ ଛୋଟ ପୋଷାକ ପରିଧାନ କରୁଥିବା ସତ୍ତ୍ୱେ ତାହା ଅତ୍ୟଧିକ ଦୃଷ୍ଟିକଟୁ ନଥିଲା। ଏବେ ତା'ର ପରିବର୍ତ୍ତନ ହୋଇ କିଛି ଯାତ୍ରାରେ ସର୍କସ ଭଳି କିଛି ରୋମାଞ୍ଚ ଉଦ୍ରେକ ଦୃଶ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଯାତ୍ରା ଆରମ୍ଭରୁ କିଛି ଉଦ୍‌ଘୋଷକ ଓ ଉଦଘୋଷିକା ମାନେ ବିଭିନ୍ନ ଦ୍ୱିଅର୍ଥ ବୋଧକ ଶବ୍ଦ ପ୍ରୟୋଗ କରୁଥିବାରୁ ଯାତ୍ରା ଦେଖିବାକୁ ପରିବାର ସହ ଆସୁଥିବା ଦର୍ଶକଙ୍କୁ ଅସହ୍ୟ ହେଉଛି।

ଯାତ୍ରାରେ ଏକ ବିରାଟ ପରିବର୍ତ୍ତନ



ସେତେବେଳେ ଆସିଲା ଯେତେବେଳେ ଜଣେ ବ୍ୟବସାୟିକ ପୃଷ୍ଠଭୂମି ଥିବା ଓ ବିଭିନ୍ନ ଗଣମାଧ୍ୟମ ସହ ଏକାଧିକ ଶିକ୍ଷା ଓ ବୈଷୟିକ ଶିକ୍ଷା ଅନୁଷ୍ଠାନର ମାଲିକ ଓ ରାଜନେତା ଯାତ୍ରା ଜଗତକୁ ପ୍ରବେଶ କଲେ। ସେ ଏକକାଳୀନ ଅନେକ ଯାତ୍ରା ଅନୁଷ୍ଠାନ ଆରମ୍ଭ କରିବା ସହ ଅନ୍ୟ ଯାତ୍ରା ଅନୁଷ୍ଠାନରେ ସୁନାମ ଅର୍ଜନ କରିଥିବା କଳାକାରମାନଙ୍କୁ ଅତ୍ୟଧିକ ଦରମା ଦେଇ ନିଜର ଅନୁଷ୍ଠାନରେ ସାମିଲ କଲେ। ଫଳରେ ଯେଉଁ ଅନୁଷ୍ଠାନରେ ଦର୍ଶକଙ୍କୁ ବାନ୍ଧି ରଖିବାର ଦକ୍ଷତା ଏଂ ଦର୍ଶକଙ୍କ ପାଇଁ ଗ୍ରହଣୀୟ ହେଉଥିବା କଳାକାରମାନେ ଥିଲେ ସେମାନେ ସେହି ଅନୁଷ୍ଠାନର ମାଲିକଙ୍କ ସହ ଦରମା ବୃଦ୍ଧିର ମୂଲଚାଲ କଲେ। ଫଳତଃ ଅନୁଷ୍ଠାନର ସୁନାମ ଏବଂ ବ୍ୟବସାୟିକ ସଫଳତା ପାଇଁ ଉଚ୍ଚ ବେତନ ଦେବାକୁ ସମ୍ପୃକ୍ତ ମାଲିକମାନେ ବାଧ୍ୟବାଧକତାରେ ରାଜି ହୋଇଗଲେ। ସେଇ ଯାତ୍ରା କଳାକାରମାନଙ୍କର ଉଚ୍ଚ ବେତନର ପ୍ରଭାବ ଯାତ୍ରା ଦର୍ଶକଙ୍କ ଉପରେ ପଡ଼ିଲା। କୌଣସି ଅଗ୍ରଣୀ ଅନୁଷ୍ଠାନର ଯାତ୍ରା ଦେଖିବା ପାଇଁ ସର୍ବାଧିକ ଦୁଇଶହ ଟଙ୍କାର ଟିକେଟ ଚାରିଶହ ଟଙ୍କା ହୋଇଗଲା। ଅପରପକ୍ଷରେ ଯାତ୍ରାରେ ଅଭିନୟର ଯାଦୁ ବା ବଳିଷ୍ଠ କାହାଣୀ ନ ରହିବାରୁ ତାହା ଦର୍ଶକଙ୍କୁ ପ୍ରଭାବିତ କଲାନାହିଁ। ଯେତେବେଳେ ଅଧିକ ଟଙ୍କା ଦେଇ ପରିବାର ସହ ଯାତ୍ରା ଦେଖିବାକୁ ଦର୍ଶକମାନେ କୁଣ୍ଠିତ ହେଲେ ସେତେବେଳେ ଯାତ୍ରା କରାଉଥିବା କମିଟି ତରଫରୁ କୌଣସି ଚଳଚ୍ଚିତ୍ର ଅଭିନେତ୍ରୀ ବା ଅଭିନେତାଙ୍କୁ ଆଣି ଏକ ଘଣ୍ଟାର କାର୍ଯ୍ୟକ୍ରମ କରାଗଲା। ଏହା ଯୁବପଡ଼ିଙ୍କୁ ଆକର୍ଷିତ କଲା। ଯାତ୍ରା ମାଲିକମାନେ ମଧ୍ୟ ନାଟକର କାହାଣୀ, ଦୃଶ୍ୟସଜ୍ଜା ବା ସଂଳାପକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଆକର୍ଷଣୀୟ ଫାଟକଠାରୁ ଆଲୋକ ବ୍ୟବସ୍ଥା ଓ ଏଲ୍‌ଇଡି ପରଦା ଏଂ ଅର୍ଦ୍ଧନଗ୍ନ ପୋଷାକ ପରିଧାନ କରି କିଛି ଅଶ୍ଳୀଳ ମୁଦ୍ରା ମାଧ୍ୟମରେ ନୃତ୍ୟକୁ ଗୁରୁତ୍ୱ ଦେବାର ପ୍ରତିଯୋଗିତା ଆରମ୍ଭ କଲେ।

ଏହି ସମୟରେ ଏକାଧିକ ଯାତ୍ରା ଦଳ କରିଥିବା ରାଜନେତା ନିର୍ବାଚନ ସମୟରେ ମାଗଣା ଯାତ୍ରା ପ୍ରଦର୍ଶନ ଏଂ ପରିଚାଳନା ଜନିତ କ୍ଷତି ଯୋଗୁ ଯାତ୍ରାପାର୍ଟି ଭାଙ୍ଗିଦେଲେ। ମାତ୍ର ଦର୍ଶକଙ୍କ ପାଖରେ ଗ୍ରହଣୀୟ ହେଉଥିବା କଳାକାରଙ୍କୁ ସେ ଦେଉଥିବା ବେତନରୁ କଳାକାରମାନେ ଓହରିଲେ ନାହିଁ ବରଂ ଏହି ଆକର୍ଷଣୀୟ ବେତନ ପାଇଁ ଅନେକ ଚଳଚ୍ଚିତ୍ର ଓ ସିରିଏଲ ଅଭିନେତ୍ରୀ ଓ ଅଭିନେତା ଯାତ୍ରାରେ ଯୋଗଦେଲେ। ତେଣୁ ଯାତ୍ରାର ବ୍ୟୟ ବଢ଼ିଚାଲିଲା। ଏହି ବର୍ଦ୍ଧିତ ଅର୍ଥ ଯାତ୍ରା ମାଲିକମାନେ ଯାତ୍ରା କରିବାକୁ ଚୁକ୍ତିବଦ୍ଧ ହେଉଥିବା କମିଟି ମାଧ୍ୟମରେ ଦର୍ଶକଙ୍କ ଉପରେ ନ୍ୟସ୍ତ କରିଦେଲେ। କିନ୍ତୁ ଏହା ଦର୍ଶକଙ୍କ ପାଇଁ ଗ୍ରହଣୀୟ ହେଲାନାହିଁ। ଏହାର ସୁଯୋଗ ନେଲେ କିଛି ତଥାକଥିତ ନୃତ୍ୟଶିଳ୍ପୀ। ମଞ୍ଚ ଉପରେ ତାଙ୍କର ଅଙ୍ଗ ପ୍ରଦର୍ଶନ ବେଳେ ଯୁବକମାନଙ୍କର ମଞ୍ଚତଳର ଆଚରଣ ଯେଉଁ ପରିସ୍ଥିତି ସୃଷ୍ଟି କରୁଛି ତାହା ଆଦୌ ସଭ୍ୟ ସମାଜର ମନୋରଞ୍ଜନ ହୋଇ ନ ପାରେ। ଅପରପକ୍ଷରେ ଯାତ୍ରାରେ ଅଭିନୟ କରୁଥିବା ଅଭିନେତ୍ରୀ ଓ ଅଭିନେତାମାନଙ୍କର ଗରିମା ଏହାଦ୍ୱାରା ଯଥେଷ୍ଟ ପ୍ରଭାବିତ ହେଉଥିବା ସତ୍ତ୍ୱେ ଅଧିକ ବେତନ ନେଉଥିବାରୁ ସେମାନଙ୍କର ସ୍ୱାଭିମାନ ମଧ୍ୟ ଜାଗରଣ ହେଉନାହିଁ। ଏହାର ନିରାକରଣ ପାଇଁ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମାଜିକ ଶୃଙ୍ଖଳା ସରକାରଙ୍କର ଦାୟିତ୍ୱ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ବହୁ ସମୟରେ କୌଣସି ପରିସ୍ଥିତି ଜଣେ ବ୍ୟକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିଥାଏ, ଯାହା ଘଟିଛି ହିରେଶା ବର୍ମାଙ୍କ କ୍ଷେତ୍ରରେ। ହିରେଶା ଶିକ୍ଷା ଶେଷ କରି ଦିଲ୍ଲୀରେ ଆଇଟି ସେକ୍ଟରରେ କାର୍ଯ୍ୟ କରୁଥିଲେ। ୨୦୧୩ରେ ଘଟିଥିବା କେଦାରନାଥ ଫ୍ଲାଶ ଫ୍ଲଡ ପରେ ସେହି ଅଞ୍ଚଳରେ ଅସହାୟା ମହିଳାମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ଏଥିପାଇଁ ସେ ଚାକିରି ଛାଡ଼ି ଦେଇଥିଲେ। ମହିଳାମାନଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ସେ ଛତୁଚାଷକୁ ଆପଣାଇ ନେଇଥିଲେ। ହିରେଶା ପ୍ରଥମେ ତାଙ୍କ ଘରେ ୨୦୦୦ ଟଙ୍କା ନିବେଶ କରି ଛତୁଚାଷ ଆରମ୍ଭ କରିଥିଲେ। ପରେ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଅତ୍ୟାଧୁନିକ ପଦ୍ଧତିରେ ଏହି ଚାଷ କରିବା ଲାଗି ୮୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏବେ ତାଙ୍କ ଫାର୍ମରୁ ପ୍ରତିଦିନ ୧,୦୦୦ କେଜି ଛତୁ ଉତ୍ପାଦନ ହେଉଛି ଏବଂ ଏଥିରୁ ସେ ବର୍ଷକୁ ୧.୫ କୋଟି ଟଙ୍କା ପାଉଛନ୍ତି। ଏହି ଚାଷରେ ସେ ୨,୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଫଳରେ ଏହି ମହିଳାମାନଙ୍କ ଆର୍ଥିକ ଉନ୍ନତି ଘଟିବା ସହ ସେମାନଙ୍କର ସାମାଜିକ ସ୍ଥିତି ବଦଳିଯାଇଛି। ସେ ହାନ୍ ଆଗ୍ରେକେୟାର ପ୍ରତିଷ୍ଠା କରି ସାରା ଭାରତରେ ଏହା ମାଧ୍ୟମରେ ଛତୁରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୭୫

- କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟର ଜଏଣ୍ଟ ସେକ୍ରେଟାରୀ ମଣିନାରାୟଣ ସ୍ୱାମୀଙ୍କୁ ହସ୍ତତନ୍ତ ଉନ୍ନୟନ କମିଶନର ରୂପେ ନିଯୁକ୍ତି ଦିଆଯାଇଛି।
- କଂଗ୍ରେସ ସହ ମିଶିଯିବା ପାଇଁ ତାମିଲନାଡୁ ସଙ୍ଗଠନ କଂଗ୍ରେସ ନିଷ୍ପତ୍ତି କରିଛି।
- ବିଦେଶକୁ ପଶମ ତିଆରି ପୋଷାକପତ୍ର ରପ୍ତାନି କରୁଥିବା ସଂସ୍ଥାଗୁଡ଼ିକୁ ସରକାର ଆର୍ଥିକ ସାହାଯ୍ୟ ଦେବେ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ଚଟ୍ଟୋପାଧ୍ୟାୟ ଘୋଷଣା କରିଛନ୍ତି।

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 3 | 6 | | 9 | | |
| 5 | | 1 | | | 2 | | | |
| | 8 | | | | | | | 4 |
| 6 | | | | | 7 | | | 5 |
| 2 | | 8 | | | | | 3 | |
| | | | | 4 | | | 9 | |
| | | | | | | | | 6 |
| 7 | 1 | | | | | | 4 | |
| | | | 9 | 5 | | | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 7 | 2 | 4 | 9 | 8 | 6 |
| 4 | 7 | 8 | 3 | 6 | 9 | 2 | 5 | 1 |
| 6 | 2 | 9 | 5 | 8 | 1 | 7 | 3 | 4 |
| 9 | 8 | 1 | 2 | 5 | 3 | 4 | 6 | 7 |
| 7 | 3 | 5 | 9 | 4 | 6 | 8 | 1 | 2 |
| 2 | 4 | 6 | 1 | 7 | 8 | 5 | 9 | 3 |
| 5 | 1 | 4 | 8 | 3 | 2 | 6 | 7 | 9 |
| 3 | 6 | 7 | 4 | 9 | 5 | 1 | 2 | 8 |
| 8 | 9 | 2 | 6 | 1 | 7 | 3 | 4 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନିରପେକ୍ଷ ଅନୁସନ୍ଧାନ ଆବଶ୍ୟକ

ମହାଶୟ,

ନିକଟରେ ଆମେରିକାର 'ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ' ଭାରତର ବହୁରାଷ୍ଟ୍ରୀୟ ଆଦାନୀ ଶିଳ୍ପ ସଂସ୍ଥା ବିରୋଧରେ ଭାରତରେ ଲାଞ୍ଚ କାରବାର ଏବଂ ଆମେରିକାର ନିବେଶକଙ୍କୁ ଠକିବାରେ ଲିପ୍ତଥିବା ଅଭିଯୋଗ ଆଣିଛି। ପୂର୍ବରୁ ମଧ୍ୟ ଆମେରିକାର 'ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ' ଆଦାନୀ ଶିଳ୍ପ ସଂସ୍ଥା ବିରୋଧରେ ଠକେଇ ଓ ହେରଫେର ଅଭିଯୋଗ ଆଣିଥିଲା। ଅବଶ୍ୟ ଭାରତର ଅର୍ଥନୈତିକ ମେରୁଦଣ୍ଡକୁ ଦୁର୍ବଳ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ହୋଇଥାଇପାରେ। ବିଶ୍ୱରେ ଅନେକ ଶିଳ୍ପ ସଂସ୍ଥା ଏହିପରି ଅଭିଯୋଗର ସମ୍ମୁଖୀନ ହେବା ନଜିର ଅଛି। ଏହି ପରିପ୍ରେକ୍ଷୀରେ, ସତ୍ୟର ଉଜାଗର ପାଇଁ ଭାରତ ଏକ ନିରପେକ୍ଷ ଅନୁସନ୍ଧାନ କରିବା ନିତାନ୍ତ ଆବଶ୍ୟକ। ଭାରତର କମ୍ପାନୀ, ପାଶ୍ଚାତ୍ୟ ନିବେଶକ ଏବଂ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସର ଭାବନା ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ।

-ନବନୀତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଧାୟକଙ୍କୁ ଆକ୍ରମଣ ମାମଲାରେ ୧୪ଜଣଙ୍କୁ ଜାମିନ

ଯାଜପୁର ଟାଉନ,୩।୧୨
ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ମାମଲାରେ ମଙ୍ଗଳବାର ୧୪ଜଣଙ୍କ ଜାମିନ ମଞ୍ଜୁର ହୋଇଛି। ଏହି ଘଟଣାରେ ଯାଜପୁର ପୋଲିସ ୧୪ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲା। ଗତ ନଭେମ୍ବର ୨୦ ସନ୍ଧ୍ୟାରେ ବିରଜା ପ୍ରକଳ୍ପ ସପକ୍ଷବାଦୀଙ୍କ ପକ୍ଷରୁ ସ୍ଥାନୀୟ ବୁଢ଼ାଘାଟଠାରେ ରାସ୍ତାରୋକୋ କରାଯାଇଥିଲା। ଏହି ସମୟରେ ଉକ୍ତ ରାସ୍ତାଦେଇ ବିଧାୟକ ଯାଜପୁର ଆସୁଥିବାବେଳେ ତାଙ୍କୁ ଆକ୍ରମଣ କରାଯିବା ସହ ତାଙ୍କ ସୁନା ଚେନ୍ ଛିଣ୍ଡାଇ ନିଆଯାଇଥିଲା। ଏଥିସହିତ ତାଙ୍କ ଅଙ୍ଗରକ୍ଷୀ (ପିଏସ୍‌ଓ) ଶକ୍ତିପ୍ରସାଦ ରାଉତଙ୍କୁ ମାଡ଼ମାରିଥିବା ନେଇ ସେ ଯାଜପୁରସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୩୦/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ ଯାଜପୁର ଏସ୍‌ଡିଜେଏମଙ୍କ ନିକଟରେ ଜାମିନ ଦରଖାସ୍ତ ନାମଞ୍ଜୁର ହେବା ପରେ ଜିଲା ଦୌରାଜଜ୍‌ଙ୍କ ନିକଟରେ ଜାମିନ ଆବେଦନ କରାଯାଇଥିଲା। ଜିଲା ଦୌରାଜଜ୍‌ଙ୍କ ନିକଟରେ ଜାମିନ ଆବେଦନର ଶୁଣାଣି ସମୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପିପି ଜାମିନ ଦରଖାସ୍ତ ଆଗ୍ରାହ୍ୟ ପାଇଁ ଯୁକ୍ତି ଉପସ୍ଥାପନ କରିବା ସହ ଆବଶ୍ୟକ କେସ୍‌ଡାଏରୀ ଦାଖଲ କରିଥିଲେ। ସେହିପରି ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରବୀର ରାୟ ଯୁକ୍ତି ଉପସ୍ଥାପନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ପୂର୍ବରୁ ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଯାଜପୁରସଦର ଥାନା କେଶ ନଂ. ୩୩୪/୨୪ ଓ ୩୩୫/୨୪ ରହିଥିବାରୁ ଜାମିନ ମିଳିଥିଲେ ମଧ୍ୟ ସେମାନେ ଜେଲରେ ରହିବେ ବୋଲି ଜଣାପଡ଼ିଛି।

# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର, ଶ୍ରମିକ ଗିରଫ

ଭୁବନେଶ୍ୱର,୩।୧୨(ସୂର୍ଯ୍ୟକାନ୍ତ ବେହେରା): ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଧଉଳି ପୋଲିସ ଜଣେ ଶ୍ରମିକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଧଉଳି ଥାନା ଅଞ୍ଚଳରେ ରହୁଥିବା କନ୍ଧମାଳର ଗୌର ନାୟକ ଓରଫ ବାଘ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ଏକ କେସ୍ (ନଂ.୨୭୯/୨୪) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଧଉଳି ଥାନା ଅଞ୍ଚଳରେ ମା' ବାପାଙ୍କ ସହ ପୀଡ଼ିତା ରୁହନ୍ତି। ଅଭିଯୁକ୍ତ ଗୌର ଉକ୍ତ ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିବାବେଳେ ପୀଡିତାଙ୍କ ବାପାଙ୍କ ସହ ଚିହ୍ନା ପରିଚୟ ହୋଇଥିଲା। ଫଳରେ ଗୌର ବେଳେବେଳେ ପୀଡିତାଙ୍କ ଘରକୁ ଯିବାଆସିବା କରୁଥିଲେ। ସୋମବାର ଗୌର ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେହି ସମୟରେ ତାଙ୍କ ମା' ବାପା ନ ଥିବା ଜାଣିବା ପରେ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତା ପାଟି କରିବାରୁ ଗୌର ସେଠାରୁ ଦୌଡ଼ି ପଳାଇଥିଲେ। ପରେ ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ସେକ୍ସ ର୍‍ୟାକେଟ ଉପରେ ଚଢ଼ାଉ

## ଜଣେ ଯୁବକଙ୍କ ସହ ୫ ଯୁବତୀ ଅଟକ



ବଅଁରପାଳ,୩।୧୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରୁ ମଙ୍ଗଳବାର ଏକ ସେକ୍ସ ର୍‍ୟାକେଟ ଠାବ ହୋଇଛି। ନାଲ୍‌କୋ ପୋଲିସ ଉକ୍ତ ର୍‍ୟାକେଟ ଉପରେ ଚଢ଼ାଉ କରିବା ସହ ଜଣେ ଯୁବକ ଓ ୫ ଯୁବତୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନାଲ୍‌କୋ ସିପିପି ରୋଡ୍‌ସ୍ଥିତ ବସଲା ହଟିଂ ଅଞ୍ଚଳରେ ଏକ ସେକ୍ସ ର୍‍ୟାକେଟ ଚାଲିଥିବା ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଏହାପରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସନ୍ଧ୍ୟାରେ ନାଲ୍‌କୋ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଏକ ଆଜବେଷ୍ଟସ ଘର ଉପରେ ଚଢ଼ାଉ କରିଥିଲା। ଗୋଟିଏ ରୁମ୍‌ରେ ଅସଂଯତ ଅବସ୍ଥାରେ ଥିବା ଜଣେ ଯୁବକ ଓ ଯୁବତୀଙ୍କୁ ପୋଲିସ ଧରିଥିବାବେଳେ ଅନ୍ୟ ଏକ ରୁମ୍‌ରେ ୪ଜଣ ଯୁବତୀ ରହିଥିଲେ। ଏଥିସହ ସେଠାରୁ ବିପୁଳ ପରିମାଣର ଆପତିଜନକ ସାମଗ୍ରୀ, ୫ ମୋବାଇଲ ଫୋନ ପୋଲିସ ଜବତ କରିଥିଲା। ର୍‍ୟାକେଟର ମୁଖ୍ୟ କୁହାଯାଉଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ପୋଲିସ ଆଖିରୁ ଖସିଯାଇଥିବା ଜଣାପଡ଼ିଛି।

# ଆକ୍ରମଣ ପରେ ନଦୀପଠାରେ ଫିଙ୍ଗିଦେବା ଘଟଣା, ୫ ଅଟକ

ଭୁବନେଶ୍ୱର,୩।୧୨
(ସୂର୍ଯ୍ୟକାନ୍ତ ବେହେରା)

**ମଞ୍ଚେଶ୍ୱର ଥାନାରେ ଏତଲା ଦେଲେ ଗୁରୁତର ସନ୍ତୋଷ ପଣ୍ଡାଙ୍କ ସ୍ତ୍ରୀ**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡା ଅଞ୍ଚଳର ସନ୍ତୋଷ କୁମାର ପଣ୍ଡାଙ୍କୁ ରାସ୍ତାରୁ ଜୋରଜବରଦସ୍ତ ଗାଡ଼ିରେ ଉଠାଇନେଇ ଆକ୍ରମଣ କରିବା ପରେ ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ନଦୀପଠାରେ ରକ୍ତାକ୍ତ ଅବସ୍ଥାରେ ଫିଙ୍ଗିଦେବା ଘଟଣାର ତଦନ୍ତ କରୁଛି କମିଶନରେଟ ପୋଲିସ। ଏ ସଂକ୍ରାନ୍ତରେ ସନ୍ତୋଷଙ୍କ ସ୍ତ୍ରୀ ମଙ୍ଗଳବାର ମଞ୍ଚେଶ୍ୱର ଥାନାରେ ଜମିବାଡ଼ି ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି କିଛିଦିନ ତଳେ ଧମକ ଦେଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଅଭିଯୁକ୍ତମାନେ ଧରା ନ ପଡ଼ିବା ପାଇଁ ଅପହରଣରେ ବ୍ୟବହୃତ ସ୍କର୍ପିଓ ଗାଡ଼ିର ନମ୍ବର ପ୍ଲେଟ୍‌ରେ ବ୍ଲାକଟେପ୍ ମାରିଦେଇଥିଲେ। ପୋଲିସ ଉକ୍ତ ଗାଡ଼ିକୁ ଜବତ କରିବା ଲାଗି ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଜରିପାଟଣା ଛକ ରାସ୍ତାରେ ସନ୍ତୋଷ ଠିଆହୋଇଥିଲେ। ଏହି ସମୟରେ ଏକ ସ୍କର୍ପିଓ ଗାଡ଼ିରେ ୪ଜଣ ବ୍ୟକ୍ତି ଆସି ସନ୍ତୋଷଙ୍କୁ ବଳପୂର୍ବକ ଉଠାଇନେଇ ଦ୍ରୁତବେଗରେ ପଳାଇଥିଲେ। କିଛି ଦୂର ଯିବାପରେ ସେମାନେ ଗଣ୍ଡରପୁର ନଦୀପଠା ନିକଟରେ ଗାଡ଼ି ଅଟକାଇଥିଲେ। ସନ୍ତୋଷଙ୍କୁ ନଦୀପଠାକୁ ନେଇ ଲୁହାପାଇପରେ ନିସ୍ତୁକ ମାଡ଼ ମାରିବା ସହ ଗୋଡ଼କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ଚିତ୍କାର ଶୁଣି ନଦୀପଠାରେ ଥିବା ଲୋକେ ଦୌଡ଼ି ଆସିବାରୁ ସେମାନଙ୍କୁ ଦୁର୍ବୃତ୍ତମାନେ ଏକ ବନ୍ଧୁକ ଦେଖାଇ ଫେରାର ହୋଇଯାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି କଟକସ୍ଥିତ ଏସ୍‌ସିବି ମେଡିକାଲକୁ ନେଇଥିଲା। ସେଠାରେ ସନ୍ତୋଷଙ୍କ ଚିକିତ୍ସା ଜାରି ରହିଛି।

# ଭିଜିଲାନ୍ସ ଜାଲରେ ଜୟପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ

କୋରାପୁଟ/ଜୟପୁର,୩।୧୨
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବ୍ଲକ୍ ଓ ପୌରପାଳିକାର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ନେହେରୁନଗରସ୍ଥିତ ଘର ସହ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ଜୟପୁରରେ ଥିବା ୩ ମହଲା ବିଶିଷ୍ଟ କୋଠା, ଗଞ୍ଜାମ ବେଲଗୁଣ୍ଠାରେ ଥିବା ପୈତୃକ ଦୁଇ ମହଲା ବିଶିଷ୍ଟ କୋଠା, ଜୟପୁର ବ୍ଲକ୍‌ରେ ଥିବା ସରକାରୀ କାର୍ଯ୍ୟାଳୟ, ପୌରପାଳିକା କାର୍ଯ୍ୟାଳୟ ପ୍ରକୋଷ୍ଠ, ଜୟପୁର ଡିଆଇଇଟିରେ ତାଙ୍କ ସ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ନୀଳାଦ୍ରିବିହାର ପଟିଆସ୍ଥିତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ ହୋଇଛି। ଯନ୍ତ୍ରୀ ପାତ୍ର ଜୟପୁର ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟକରୁଥିବା ବେଳେ ପୌରପାଳିକାର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଜୟପୁର ସହରରେ ଥିବା ଗୋଟିଏ ୭ ହଜାର ୨ ଶହ ବର୍ଗଫୁଟର ୩ ମହଲା ବିଶିଷ୍ଟ ଘର, ୧୮ଟି ପ୍ଲଟ୍ ଓ ୮୫୦ ଗ୍ରାମ ସୁନାଗହଣା ଠାବକରାଯାଇଛି। ଗଞ୍ଜାମ ବେଲଗୁଣ୍ଠାରେ ୩ ହଜାର ୪ଶହ ବର୍ଗଫୁଟର ୨ ମହଲା ବିଶିଷ୍ଟ ଘର ରହିଛି। ୧୮ ପ୍ଲଟ୍ ମଧ୍ୟରୁ ୬ଟି ଭୁବନେଶ୍ୱରରେ, ଗୋଟିଏ ଜୟପୁରରେ, ଗୋଟିଏ ବ୍ରହ୍ମପୁରରେ ଓ ୧୦ଟି ଗଞ୍ଜାମରେ ରହିଛି। ଏହା ସହ ବ୍ୟାଙ୍କ୍ ଜମା, ଇନ୍‌ସ୍ୟୁରାନ୍ସ ଓ ଡାକ ବିଭାଗରେ ଜମା ଆଦି ରହିଛି। ଜଣେ ଅତିରିକ୍ତ ଏସ୍‌ପି, ୨ ଡିଏସ୍‌ପି ଓ ୮ ଇନ୍ସପେକ୍ଟର ଓ ୬ ଏଏସ୍‌ଆଇଙ୍କୁ ନେଇ ଚଢ଼ାଉ କରାଯାଇଛି। ଜୟପୁର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟରେ ଚଢ଼ାଉ ହୋଇଛି। ଭିଜିଲାନ୍ସ ପକ୍ଷରୁ ବିଶ୍ୱନାଥଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ଜାରି ରହିଛି।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ଅପହରଣ, ବଳାତ୍କାର ମାମଲା

ବାଲେଶ୍ୱର, ୩।୧୨(ବାଞ୍ଛାନିଧି ଦେ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ମଙ୍ଗଳବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ କମଳଲୋଚନ ପାଣ୍ଡିଆଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୬ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯେ, ୨୦୨୨ ଜାନୁଆରୀ ୧୯ରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଚାଲୁଣି ଗାଁସ୍ଥିତ ମାମୁ ଘରୁ ୧୬ ବର୍ଷୀୟା ନାବାଳିକା ଭାଣିଜୀଙ୍କୁ ଖନ୍ତାପଡ଼ା ଥାନା ଶିବପୁରା ଗ୍ରାମର କମଳଲୋଚନ ପାଣ୍ଡିଆ ଅପହରଣ ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ସିମୁଳିଆ ଥାନାରେ ଏକ ମାମଲା (ନଂ. ୧୬/୨୦୨୨) ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପୂର୍ବକ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୨୨ଜଣ ସାକ୍ଷୀ ଓ ୪୦ ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ଡ୍ରେନ୍‌ରୁ ଯୁବକଙ୍କ ମୃତଦେହ ଜବତ

## ପରିଚୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୩।୧୨(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ମଞ୍ଚେଶ୍ୱର ରେଳଷ୍ଟେଶନସ୍ଥିତ ମୁଖ୍ୟ ଡ୍ରେନ୍‌ର ବ୍ରିଜ୍ ତଳୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଭୁବନେଶ୍ୱର ସରକାରୀ ରେଳବାଇ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ତଦନ୍ତ ନେଇ ପୋଲିସ ସମସ୍ୟାରେ ପଡ଼ିଛି। ମୃତଦେହଟି ଡ୍ରେନ୍ ପାଣିରେ ଭାସମାନ ଅବସ୍ଥାରେ ଥିବା ବେଳେ ନାକ, ପାଟି ଓ କାନରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। କୌଣସି ଦାବିଦାର ନ ଆସିବାରୁ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲସ୍ଥିତ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏଥିସହ ଯୁବକଙ୍କ ପରିଚୟ ପାଇବାକୁ ସ୍ଥାନୀୟ ଅଞ୍ଚଳରେ ପୋଲିସ ପଚରାଉଚରା କରିବା ସହ ନିକଟସ୍ଥ ଥାନାକୁ ମଧ୍ୟ ଖବର ଦେଇଛି।

ମଙ୍ଗଳବାର ସକାଳେ ଡ୍ରେନ୍ ପାଣିରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ଖବର ପାଇ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଲାଡର୍ ସାହାଯ୍ୟରେ ମୃତଦେହକୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନ ଓ ନିଶା କାରବାର ହେଉଥିବାରୁ ଯୁବକଙ୍କ ଏଭଳି ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏହି ଘଟଣାର ଠିକ୍ ତଦନ୍ତ କରିବାକୁ ଦାବି ହୋଇଛି।


**कार्यालय मुख्य अभियंता**
**लो.नि.वि., राष्ट्रीय राजमार्ग परिक्षेत्र, रायपुर (छ.ग.)**

दिनांक: 30.11.2024

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदारों से निम्नलिखित निर्माण कार्य हेतु ऑनलाईन (Online) निविदा आमंत्रित की जाती है:-

| क्र. | नि.आ.सू.क्र दिनांक | सिस्टम आईडी क्र. | कार्य का नाम | कार्य की अनुमानितलागत |
|---|---|---|---|---|
| 1. | 107/CE/NH/ TC/44-26/2024 (2nd Call) | 2024_ MoRTH_837446_1 | Up-gradation to two/four lane with paved shoulder configuration Akabeda to Kasturmeta in Km 65.600 to 70.453 = 4.760 Km of NH-130D (Part - 3) | Rs.2257.11 Lacs (i/c GST) |

निविदा डाउनलोड करने की अंतिम तिथि दिनांक 30.12.2024 सुबह 17.30 बजे तक है।
2. उपरोक्त निर्माण कार्यों की निविदा की सामान्य शर्ते, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी सड़क परिवहन एवं राजमार्ग मंत्रालय (MORT&H's) के ई-प्रोक्योरमेंट वेब पोर्टल **https://eprocure.gov.in/eprocure/app** से डाऊनलोड की जा सकती है।

स्वा./- मुख्य अभियंता
लो.नि.वि., राष्ट्रीय राजमार्ग परिक्षेत्र, रायपुर (छ.ग.)

G-242504232/10



**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल,गिरिडीह**

**शुद्धि पत्र**

ई– अल्पकालीन निविदा संख्या RDD/SD/GIRIDIH/24/2024-25 जिसका पी0आर0 संख्या 337362 Rural Development(24-25)_D में अपरिहार्य कारणों से तिथि को संशोधित किया जाता है। संशोधित तिथि के अनुरुप ही निविदा की कार्यवाही सुनिश्चित की जाएगी। संशोधित तिथि निम्नवत है :–

1. वेबसाइट में निविदा प्रकाशन की तिथि – 14.10.2024
2. ई–निविदा प्राप्ति की तिथि एवं समय – दिनांक 14.10.2024 से दिनांक 19.10.2024 को अपराह्न 05:00 बजे तक।
3. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
4. निविदा खोलने की तिथि एवं समय –21.10..2024 अपराह्न 05.30 बजे।
5. निविदा की अन्य नियम एवं शर्ते यथावत रहेंगी ।

कार्यपालक अभियंता
ग्रामीण विकास विशेष प्रमंडल,गिरिडीह

PR 341092 Rural Development(24-25).D



**STATE HIGHWAYS AUTHORITY OF JHARKHAND**
Government of Jharkhand

**e-procurement Notice inviting Request For Proposal for Construction Supervision Consultancy Services (1st Call)**

RFP No: SHAJ/Proc/SC/Banta-Rahe-Bundu/2024/685 Date: 02.12.2024

1. State Highways Authority of Jharkhand, Ranchi invites Request of Proposal for services of "*Construction Supervision Consultancy Services for Widening & Strengthening /Reconstruction of Banta-Rahe-Bundu road two lane with paved shoulder (Total Length-30.47km.) in Ranchi district*" on SBD mode in State of Jharkhand. The cost of the work is **Rs. 162.00 crore (approx).**
2. The interested consultancy firm who have experience in services of similar works and required technical & financial strength may obtain Request of Proposal (RFP) document from e-tendering portal www.jharkhandtenders.gov.in **from 04.12.2024 (15:00 hrs) to 23.12.2024 (15:00 hrs).**
   The complete RFP Application shall be submitted online by **23.12.2024 (upto 15:00 hrs)** on e-tendering portal www.jharkhandtenders.gov.in as per instruction in RFP-Instruction to Bidder for e-tendering. All the details regarding this RFP will be available on the above mentioned website.
   ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.***
3. To participate in the bidding, it is mandatory for the applicants to get registered their firm /Joint Venture with **e-tendering portal of http://jharkhandtenders.gov.in to have user ID & password.**
4. The consultancy firm are required to submit non-refundable document **fee of Rs. 30,000/- (Rs. Thirty thousand only)** and **Bid Security of Rs. 1,00,000/-** (Rs. One Lakh only). **Tender fees and Earnest money Deposit (EMD) shall be deposited Online as per Information Technology & E-Governance Department order no 120 dated 03.10.2023.** The undersigned will open the received bid online on **24.12.2024** at **15:00 hrs.**

Sd/-
Member (Technical)
State Highways Authority of Jharkhand
Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306
E-mail: membertechnical.shaj3@gmail.com

PR 341023 State Highway Authority of Jharkhand (24-25)_D



**PARADIP PORT AUTHORITY**
**MARINE DEPARTMENT**
No.-MD/ACCTS/WK/R-07/2023/1539 Date: 26.11.2024
**E-TENDER CALL NOTICE (E-TCN)**

Name of the Work: Supply of 01 no. All Weather Steel Hull Vessel along with Manning Crew & additional accommodation for 10 Nos. CISF Security staff for deployment at Paradip SPMs on round the clock 24 x 7 as Pollution Response-cum-SPMs Security Duties for a period of 07 years. Estimated cost put to tender: **Rs.75,52,98,000/-**. Last date & time of submission of tender through on-line bidding is **15:00 Hours on dt. 07/01/2025.** Date & time for opening of Technical Bid is **15:30 hours on dt.08/01/2025.**
For further details, please log on to the Website: **https://eprocure.gov.in/eprocure/app.**

Sd/- Deputy Conservator, Paradip Port Authority
PPA/PR/52/2024-2025 dtd.03.12.2024



इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଗଣେଶ ବଜାର, ଢେଙ୍କାନାଳ ଶାଖା /** ଋଣଗ୍ରହୀତା ଫାର୍ମ: ମେସର୍ସ ଶୁଭଲକ୍ଷ୍ମୀ କାସ୍ୟୁ ପ୍ରୋସେସିଂ ୟୁନିଟ୍, ସ୍ୱତ୍ୱାଧିକାରୀ: ଦିଲ୍ଲିପ କୁମାର ସାହୁ / ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ସାହୁ, ପିତା: ବାବାଜୀ ସାହୁ, ଉଭୟଙ୍କ ଠିକଣା- ଗ୍ରାମ: ପାଣମୃଗା, ପୋ: ଘଟିପିର, ଥାନା: ସଦର, ଢେଙ୍କାନାଳ, ପିନ୍-୭୫୯୦୧୫ | ୨୮.୧୧.୨୦୨୪ ସୁଦ୍ଧା ଟ.୧୪,୧୨,୫୩୯/- ଏବଂ ସେବାବଦ ସୁଧ | ୨୨.୦୭.୨୦୨୪ / ୨୮.୧୧.୨୦୨୪ | ଶ୍ରୀ ଦିଲ୍ଲିପ କୁମାର ସାହୁ, ପିତା: ବାବାଜୀ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୩୬, ପୁରୁଣା ଖାତା ନଂ.: ୨୬୯/୩୬୧, ନୂଆ ଖାତା ନଂ.: ୨୬୯/୪୩୦, କ୍ଷେତ୍ର: ଏକର୦.୧୫୦ ଡିସିମିଲି, ପ୍ରକାର: ଘରବାରି, ମୌଜା: ପାଣମୃଗା, ଥାନା: ଢେଙ୍କାନାଳ ସଦର, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚଉହଦିରେ- ଉତ୍ତର: ପ୍ଲଟ୍ ନଂ. ୧୦୦୪, ଦକ୍ଷିଣ: ଶ୍ରୀଧର ମୁଦୁଲି ଏବଂ ଅନ୍ୟମାନେ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୦୩୭ |
| **ମଧୁପାଟଣା ଶାଖା, କଟକ /** ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ବେହେରା, ପିତା: ଗଜେନ୍ଦ୍ର ବେହେରା, ସା/ପୋ: ବାରଦା, ଥାନା: କିଶୋର ନଗର, ଜିଲ୍ଲା: କଟକ | ୨୮.୧୧.୨୦୨୪ ସୁଦ୍ଧା ଟ.୧୪,୨୯,୦୮୨/- ଏବଂ ସେବାବଦ ସୁଧ | ୦୯.୦୮.୨୦୨୪ / ୨୮.୧୧.୨୦୨୪ | ଶ୍ରୀ ଦିଲ୍ଲିପ କୁମାର ବେହେରା, ପିତା: ଗଜେନ୍ଦ୍ର ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୬୨/୩୩୯, ପ୍ଲଟ୍ ନଂ.: ୧୮୨୩/୪୧୩୨, କ୍ଷେତ୍ର: ଏକର୦.୦୪୬ଡିସିମିଲି (୨୦୦୦ ବର୍ଗଫୁଟ), କିସମ: ଘରବାରି, ମୌଜା: ଭାଣପୁର, ପୋ: ଭାଣପୁର, ଜିଲ୍ଲା: କଟକ, ପିନ୍-୭୫୩୦୧୧, ଏହାର ଚଉହଦିରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୪୮/୮, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୪୪୪/୨, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪୪୪/୧୦ |

ତାରିଖ: ୦୩.୧୨.୨୦୨୪, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



**WANTED**
CANDIDATES REQUIRE OFFICIAL JOB FOR CUTTACK&BHUBANESWAR. COMPUTER KNOWLEDGE.
Contact: 9439021001
7008814414



**ଭୁବନେଶ୍ୱର CRP ଛକରେ ଥିବା ଏକ (BAR) ପାଇଁ Bar Man ଆବଶ୍ୟକ**
ଦରମା ଏବଂ ଦୁଇ ବେଳା ଖାଇବା ସହିତ ରହିବା ପାଇଁ ଘରର ସୁବିଧା ଦିଆଯିବ। ଏଇ ସଂସ୍ଥାରେ ଦୁଇ ବର୍ଷ ଅଭିଜ୍ଞତା ଥିବା ଜରୁରୀ, ନ ହେଲେ ବି ଚଳିବ।
Mobile No. 9437058008



नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

Advt. No. 10240501
**Needs Railway Operational Coordinator**
**NALCO**, a Navratna CPSE under Ministry of Mines, GoI is looking for a Railway Operational Coordinator (Khurda Road Division) on consolidated monthly compensation basis for a period of two years. Interested candidates may visit the career section of company's website **www.nalcoindia.com**
**GM(H&A)-Recruitment**



**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER**
**MALKANGIRI FOREST DIVISION, MALKANGIRI**
**E-Procurement Notice**
**BID IDENTIFICATION No.: 1F/DFOMKG/03 (Online)/2024-25**
**No. MM-283** **(RE-TENDER)**
**No. 178** **Date: 30.11.2024**

| | | |
|---|---|---|
| 1. Name of the Work | : | Constn. of Forest Guard Quarter |
| 2. Total No. of Works | : | 02 Nos. |
| 3. Estimated Cost | : | Rs.10,57,195/- to 10,57,376/- (Excluding GST) |
| 4. Period of Completion | : | 03 (Three) Calendar Months |
| 5. Date & time of availability of bid document in the portal | : | From 18.00 hrs. of 04.12.2024 to 17.00 hrs. of 14.12.2024 |
| 6. Last date/time for receipt of bids in the portal | : | 17.00 hours of 14.12.2024 |
| 7. Date of opening of tender | : | 11.30 hours of 16.12.2024 |
| 8. Name and address of the Officer Inviting Bid | : | Divisional Forest Officer Malkangiri Forest Division |

Further details can be seen from the e-procurement portal **https://tendersodisha.gov.in/nicgep/app**.

**Sd./- Divisional Forest Officer**
**Malkangiri Forest Division**
**OIPR-08109/11/0002/2425**



**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI GODAWARI BASIN, RAIPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**CORRIGENDUM No. - 01**

In NIT No.: 05/SAC/2024-25, Dated: 08.11.2024, System Tender No. 160833 (1st Call), Whose G-Number is 242503717 dated 11.11.2024.
Following amendments are made:

| S. No. | Amendments |
|---|---|
| 1 | **Clause 2.8.1** of Form "B" as per Govt. of C.G. WRD, Raipur Order No. 4515/F-7-7/S-2/31/2001, Nava Raipur, Date: 25.11.2024. |
| 2 | **Clause 4.3.36** of Form - "B" as per Govt. of C.G. WRD, Raipur Order No. 4504/F-7-7/S-2/31/2001, Nava Raipur, Date: 22.11.2024. |
| 3 | Online tenders are invited upto 09.12.2024 at 17.30 hour |
| 4 | Bid Open Start Date and Time: 10.12.2024, 11.30 hours |

**Note:** Detailed Amendments can be viewed on the website **https://eproc.cgstate.gov.in**. All other terms and conditions of NIT will remain unchanged.

**Sd./- Executive Engineer**
**Water Resources Construction Division, Kasdol**
**for, Chief Engineer, Mahanadi Godawari Basin, Water Resources Department, Raipur (C.G.)**

G-242504262/8

## ଅଳ୍ପରେ...

### ଫଳଚାଷ



ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ। ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷାପାଇବା ପାଇଁ ୨୦ ଗ୍ରାମ୍ ସଲ୍‌ଫେକ୍ସ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ପିଆଜ ଚାଷ



ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ମାଛଚାଷ



ଏକହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହ ୩କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ। ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

### ଡାଲୁଅ ଧାନଚାଷ ପାଇଁ ତଳି ପ୍ରସ୍ତୁତି

ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷ ଶୁଦ୍ଧା ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ। ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଙ୍ଗିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଢା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧ ଚୟନ କରିପାରନ୍ତି।

## ଫୁଲ ଚାଷରେ ଖତ ପ୍ରୟୋଗ

ଫୁଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍ ଏବଂ ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



# ଲାଭଦାୟକ ଛତୁ ଚାଷ



ଡ. ବିକ୍ରମ କେଶରୀ ପାଣି

ଅଧୁନା ଛତୁଚାଷକୁ ସମାଜର ଅନେକ ବର୍ଗର ଲୋକେ ଏକ ବୃତ୍ତି ଭାବରେ ଆପଣେଇଛନ୍ତି । ଏହି ବର୍ଗରେ ସବୁଠାରୁ ଆଗରେ ଅଛନ୍ତି ଗ୍ରାମ୍ୟ ପୁରୁଷ, ମହିଳା, ବେକାର ଯୁବତୀଯୁବକ ଓ ସାଧାରଣ ଚାଷୀ । ଛତୁଚାଷର ଯେଉଁ ଦିଗଟି ସମସ୍ତଙ୍କୁ ଅଧିକ ଆକୃଷ୍ଟ କରିଛି ତାହା ହେଲା ଅଳ୍ପ ପୁଞ୍ଜି ବିନିଯୋଗକରି ଖୁବ୍ କମ୍ ସମୟରେ ଅଧିକ ଅର୍ଥ ଉପାର୍ଜନ କରିବା। ଅନ୍ୟ କୌଣସି ଫସଲ ବା ଉଦ୍ୟୋଗରେ ଏସବୁ ସମ୍ଭବ ନୁହେଁ । ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯେପରିକି ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଶାରଦ, ସେବା ନିବୃତ୍ତ କର୍ମଚାରୀ ପ୍ରଭୃତି ଛତୁଚାଷ କରିବା ପାଇଁ ଏବେ ଆଗ୍ରହ ପ୍ରକାଶ କଲେଣି । ଓଡ଼ିଶାର ଛତୁ ଶିଳ୍ପ ପାଇଁ ଏହା ନିଶ୍ଚିତ ଭାବରେ ଏକ ଶୁଭ ସଙ୍କେତ ।

ଆମ ରାଜ୍ୟରେ ଅନେକ ଶହ ଲୋକ ଛତୁଚାଷକୁ ବୃତ୍ତି ଭାବରେ ଗ୍ରହଣକରି ସାରିଛନ୍ତି। ଛତୁ ବିହନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି ଅନେକ ଲୋକ । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ଭରପୂର ସୁଯୋଗ ରହିଛି ଏ କ୍ଷେତ୍ରରେ । ପ୍ରତିଦିନ ନୂଆ ନୂଆ ଚାଷୀ ଏହି ବୃତ୍ତିରେ ସାମିଲ ହେଉଛନ୍ତି । ଛତୁଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି ଛତୁଚାଷ । ଋତୁ ଅନୁସାରେ ବିଭିନ୍ନ ପ୍ରକାର ଛତୁଚାଷକରି ସେମାନେ ନିଜ ନିଜର କୁଟୁମ୍ବ ପ୍ରତିପାଳନ କରୁଛନ୍ତି। ଖରା ଓ ବର୍ଷାଦିନରେ ପାଳଛତୁ ଚାଷ କରାଯାଉଛି। ଶୀତଦିନରେ ଚାଷ କରାଯାଉଛି ଧିଙ୍ଗିରି ଛତୁ । ଅନ୍ୟାନ୍ୟ ଛତୁ ତୁଳନାରେ ପାଳଛତୁର ବଜାର ଚାହିଦା ଅଧିକ ରହୁଥିବାରୁ କେତେଜଣ ଉଦ୍ୟୋଗୀ ଚାଷ ପ୍ରଣାଳୀରେ ଆବଶ୍ୟକ ପରିବର୍ତ୍ତନକରି ଶୀତଦିନରେ ମଧ୍ୟ ପାଳଛତୁ ଉତ୍ପାଦନ କରୁଛନ୍ତି।

ଓଡ଼ିଶାର ଅଧିକାଂଶ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସୂଚନା ଅନୁସାରେ ଏମାନଙ୍କ ସଂଖ୍ୟା ହେଉଛି ପ୍ରାୟ ୯୦ ପ୍ରତିଶତ । ଅନ୍ୟର ଚାଷଜମିରେ ଦିନ ମଜୁରିଆ ଭାବରେ ଖଟି ଯାହା ରୋଜଗାର ହୁଏ ସେଥିରେ କୁଟୁମ୍ବ ପାଳିବା ନିଶ୍ଚୟ ଏକ କାଠିକର ବ୍ୟାପାର । ଅନ୍ୟ କୌଣସି ବ୍ୟବସାୟକରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାକୁ ଆଗଭର ହେଲେ ବାଧକ ସାଜେ ଆବଶ୍ୟକ ପୁଞ୍ଜି ଓ ଭିତ୍ତିଭୂମି । ହେଲେ ଭୂମିହୀନ ଗରିବ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏବେ ବରଦାନ ସାଜିଛି ଛତୁଚାଷ । ମାତ୍ର ୬୦ ଟଙ୍କା ବିନିଯୋଗକରି ୧୦ ବର୍ଗଫୁଟ ଜାଗାରେ ପାଳଛତୁ ଉତ୍ପାଦନକରି ମାତ୍ର ୧୫ ଦିନ ମଧ୍ୟରେ ଜଣେ ରୋଜଗାର କରିପାରେ ଅତି କମ୍‌ରେ ୧୨୦ ଟଙ୍କା। ଅର୍ଥାତ୍ ତାଙ୍କର ମୂଳଧନ ବାଦ୍ ଯାଇ ଲାଭ ହୁଏ ମୋଟ ୬୦ ଟଙ୍କା। ଯଦି ଜଣେ ଲୋକ ୧୦୦୦ ବର୍ଗଫୁଟ( ୫୦ ଫୁଟ ଲମ୍ବ, ୨୦ ଫୁଟ ପ୍ରସ୍ଥ) ଜାଗାରେ ପାଳଛତୁ ଚାଷକରନ୍ତି, ତେବେ ସେହି ସ୍ଥାନରେ ମାସକୁ ଅନ୍ୟୂନ ୫୦୦ଟି ବେଡ୍ ପ୍ରସ୍ତୁତ କରାଯାଇପାରିବ, ଯାହା ପାଇଁ ଖର୍ଚ୍ଚ ହେବ ୩୦,୦୦୦ ଟଙ୍କା । ମାସ ଶେଷ ବେଳକୁ ଅମଳ ହେବ ପ୍ରାୟ ୫୦୦ କିଲୋଗ୍ରାମ ଛତୁ ଯାହାର ବଜାର ଦର ଅନ୍ୟୂନ ୬୦,୦୦୦ ଟଙ୍କା । ଅର୍ଥାତ୍, ସୀମିତ ଜାଗାରୁ ମାସକୁ ରୋଜଗାର କରିହେବ ସମୁଦାୟ ୩୦,୦୦୦ ଟଙ୍କା। ଅନ୍ୟ କୌଣସି ବ୍ୟବସାୟରୁ ଏତେ କମ୍ ଦିନରେ ଏମିତି ପ୍ରଚୁର ଲାଭ ମିଳିବାର ନଜିର ବିରଳ ।

ଧାନ ଓ ପନିପରିବା ଚାଷ ତୁଳନାରେ ଛତୁଚାଷରେ ଯଥେଷ୍ଟ ଅଧିକ ଲାଭ ମିଳେ । ଏକ ଏକର ଜମିରୁ ୨୪୦୦ କି.ଗ୍ରା. ଧାନ ଅମଳ ହୋଇପାରୁଥିବା ବେଳେ ସମାନ ପରିମିତ ଜାଗାରୁ ୧୩୦୦୦ କି.ଗ୍ରା. ପାଳଛତୁ ଓ ୩୩୦୦୦ କି.ଗ୍ରା. ଧିଙ୍ଗିରି ଛତୁ ଉତ୍ପାଦନ କରାଯାଇପାରିବ । ଏହି ଛତୁ ବିକ୍ରିବଟା କରି ଏକର ପିଛା ୧୫ ରୁ ୧୭ ଲକ୍ଷ ଟଙ୍କା ରୋଜଗାର କରିପାରିବା ସମ୍ଭାବନା ଥିବା ସ୍ଥଳେ ୧ ଏକର ଜମିରୁ ଧାନ ବିକ୍ରିକରି ମାତ୍ର ୭୫ ହଜାର ଟଙ୍କା ଆୟ କରିହେବ, ଯାହା ଛତୁଚାଷ ତୁଳନାରେ ଅତ୍ୟନ୍ତ ନଗଣ୍ୟ।

ଛତୁଚାଷ ଉପରେ ପ୍ରାକୃତିକ ଦୁର୍ବିପାକର ପ୍ରଭାବ ଯଥେଷ୍ଟ କମ୍ । ବିନା ମୃତ୍ତିକାରେ, ସୀମିତ ସାଧନ ଉପଯୋଗକରି, ଅପେକ୍ଷାକୃତ ନିୟନ୍ତ୍ରିତ ପରିବେଶରେ ଛତୁଚାଷ କରାଯାଉଥିବାରୁ ବର୍ଷା, ବାତ୍ୟା, ମରୁଡ଼ିର ସେତେଟା ପ୍ରତିକୂଳ ପ୍ରଭାବ ଅନୁଭୂତ ହୁଏନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ଅନ୍ୟାନ୍ୟ କୃଷିଭିତ୍ତିକ ଚାଷ, ପନିପରିବା ଚାଷ ଓ ଉଦ୍ୟାନ କୃଷି ଫସଲ ତୁଳନାରେ ଛତୁଚାଷରେ ରିସ୍କ ବହୁତ କମ୍ । ମାତ୍ର ୧୫ ଦିନରେ ଛତୁ ଉତ୍ପାଦନ ସମ୍ଭବପର ହେଉଥିବାରୁ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଛତୁ ଫସଲ ସାମୟିକ ଭାବେ ଆକ୍ରାନ୍ତ ହେଲେ ମଧ୍ୟ ସୀମିତ ଜାଗାରେ ସଘନ ପ୍ରଣାଳୀରେ ବାରମ୍ବାର ଫସଲ ଉତ୍ତାରି ଅଳ୍ପଦିନରେ କ୍ଷତିର ଭରଣା କରାଯାଇପାରେ । ଅନ୍ୟ ଫସଲରେ ଏହା ସମ୍ଭବ ନୁହେଁ ।

ଚାହିଦା ଅନୁସାରେ କମ୍ ଛତୁ ଉତ୍ପାଦନ ହେଉଛି ଆମ ରାଜ୍ୟରେ। ନିରାମିଷ ଲୋକଙ୍କ ପାଇଁ ଏବେ ଛତୁ ଏକ ପ୍ରିୟ ଖାଦ୍ୟ । ସାଦା ବ୍ୟତୀତ ଛତୁର ଖାଦ୍ୟ ଓ ଔଷଧୀୟ ଗୁଣ ବିଷୟରେ ଜନସଚେତନତା ଧୀରେ ଧୀରେ ବୃଦ୍ଧି ପାଇଲାଣି । ଆଗକୁ ଛତୁର ଚାହିଦା ଓ ବଜାର ବହୁଗୁଣିତ ହେବ । ତେଣୁ ଆମ ରାଜ୍ୟରେ ଛତୁ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଜନସାଧାରଣ ଏହାର ଲାଭଉଠାନ୍ତୁ । ଛତୁ ଚାଷକୁ ଏକ ଲାଭଜନକ ବୃତ୍ତି ଭାବରେ ଗ୍ରହଣକରି ସ୍ୱାବଲମ୍ବୀ ହୁଅନ୍ତୁ, ନିଜ ପରିବାର ର ଉପଯୁକ୍ତ ଭରଣପୋଷଣ କରନ୍ତୁ ଓ ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତୁ ।

-ମୁଖ୍ୟ ବୈଜ୍ଞାନିକ,ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର- ୩

"ଆମ ରାଜ୍ୟରେ ଅନେକ ଶହ ଲୋକ ଛତୁଚାଷକୁ ବୃତ୍ତି ଭାବରେ ଗ୍ରହଣକରି ସାରିଛନ୍ତି। ଛତୁ ବିହନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି ଅନେକ ଲୋକ । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତିର ଭରପୂର ସୁଯୋଗ ରହିଛି ଏ କ୍ଷେତ୍ରରେ । ପ୍ରତିଦିନ ନୂଆ ନୂଆ ଚାଷୀ ଏହି ବୃତ୍ତିରେ ସାମିଲ ହେଉଛନ୍ତି । ଛତୁଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି ଛତୁଚାଷ । ଋତୁ ଅନୁସାରେ ବିଭିନ୍ନ ପ୍ରକାର ଛତୁଚାଷକରି ସେମାନେ ନିଜ ନିଜର କୁଟୁମ୍ବ ପ୍ରତିପାଳନ କରୁଛନ୍ତି ।"



## ଗହମ ଚାଷରେ ଘାସ ଦମନ



ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ। କିନ୍ତୁ ଆଭ୍ୟନ୍ତରୀଣ ଜିଲାରେ ବିଳମ୍ବରେ ଗହମ ବୁଣାଯାଇପାରିବ। ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା - ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ ।

## ସୋରିଷ ଚାଷରେ ରୋଗପୋକ ନିୟନ୍ତ୍ରଣ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରଟିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଆଖୁ ହୁଡ଼ା ଭାଙ୍ଗିବା ସମୟରେ...



ଆଖୁ ଖୁଣ୍ଟାକୁ କାଟିସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ଆଖୁ ଗଛକୁ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନକରି କାଟିଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ଜମିରୁ ଶୁଖିଲାପତ୍ର ବାହାରକରି କ୍ଷେତକୁ ପରିଷ୍କାରକରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଡାଲିଜାତୀୟ ଫସଲରେ ଅମଳ ବୃଦ୍ଧି ପାଇଁ...



ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତ ଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ ।

# ଆନ୍ଦୋଳନକୁ ଓହ୍ଲାଇବେ ମିଶନ ଶକ୍ତି କର୍ମଚାରୀ


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ମିଶନ ଶକ୍ତି ପଞ୍ଚାୟତସ୍ତରୀୟ କର୍ମଚାରୀ।

**ପାଲଲହଡା,୩।୧୨ (ଦିବ୍ୟଜ୍ୟୋତି ଦାଶ)**

ଦୀର୍ଘ ୮ ମାସ ହେଲା ମିଶନ ଶକ୍ତି ବିଭାଗରେ କାର୍ଯ୍ୟ କରୁଥିବା ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର ପରି ୬ ଗୋଟି ବିଭାଗର କର୍ମଚାରୀ ଦରମା ନ ପାଇ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଅଲ୍ ଓଡ଼ିଶା ଜିପିଏଲଏଫ କର୍ମୀ ସଂଘ, ମିଶନଶକ୍ତି ବିଭାଗ ଓଡ଼ିଶାର ଆହ୍ୱାନ କ୍ରମେ ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓ ଏବଂ ମିଶନ ଶକ୍ତିର ବ୍ଲକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ନୂତନ ସରକାରରେ ସେମାନଙ୍କୁ ଆଜି ଯାଏ ଦରମା ମିଳିନାହିଁ। ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ରାଜ୍ୟ କମିଟିର ନିଷ୍ପତ୍ତି ମୁତାବକ ମଙ୍ଗଳବାରଠାରୁ ସେମାନେ ପଞ୍ଚାୟତ କାମ ବନ୍ଦ କରିବା ସହିତ ଦାବି ପୂରଣ ନ ହେଲେ ଆସନ୍ତା ୯ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଉପଖଣ୍ଡର ସମସ୍ତ ପଞ୍ଚାୟତସ୍ତରୀୟ କର୍ମଚାରୀ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ସ୍କୁଲ ଛାତ୍ର ଗୁରୁତର

**ଢେଙ୍କାନାଳ,୩।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳ ୫୫ନଂ. ଜାତୀୟ ରାଜପଥରେ ସୋମବାର ଅପରାହ୍ନ ୪ଟାରେ ଦ୍ରୁତଗତିରେ ଯାଉଥିବା ଏକ କାର୍ ଧକ୍କାରେ ୮ମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ମୁଦୁଲି ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୌମ୍ୟ ରଞ୍ଜନ ଗୋବିନ୍ଦପୁର ଗ୍ରାମର ଗୋବିନ୍ଦ ମଲ୍ଲିକଙ୍କ ପୁତ୍ର। ସେ ସ୍କୁଲ ଛୁଟି ହେବା ପରେ ଘରକୁ ଯାଉଥିବା ବେଳେ ଉକ୍ତ କାର୍ ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ଗୋବିନ୍ଦପୁର ଫାଣ୍ଡି ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।



# ନାରୀ ଜାଗରଣର ପ୍ରତୀକ ଥିଲେ ରମାଦେବୀ

**ଅନୁଗୋଳ.୩।୧୨ (ମାନସ ବିଶ୍ୱାଳ)**

ଅନୁଗୋଳ ମହିଳା ମହାବିଦ୍ୟାଳୟ ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତ୍ରୀ ସମାଜସେବୀ ରମାଦେବୀଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଜି ରାଉତ ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଇତିହାସ ପ୍ରାଧ୍ୟାପିକା ତଥା ଗବେଷିକା ଡ. ରମାମଞ୍ଜରୀ ଗଡ଼ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଓଡ଼ିଶାରେ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନ, ବିନୋବାଙ୍କ ଭୂଦାନ ଆନ୍ଦୋଳନ, ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ରମାଦେବୀ ବିଶେଷ ଭୂମିକା ନିଭାଇବା ସହ ଓଡ଼ିଶାରେ ନାରୀ ଜାଗରଣର



ରମାଦେବୀଙ୍କ ଜୟନ୍ତୀ ପାଳନ କରାଯାଉଛି।

ପ୍ରତୀକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଯୋଗଦେଇ ଯୁଗ ଯୁଗ ଧରି ରମାଦେବୀଙ୍କ ସେବା ଓ ତ୍ୟାଗର କାହାଣୀ ଓଡ଼ିଶାର ଜନଜୀବନକୁ ଅନୁପ୍ରାଣିତ କରିବ ବୋଲି ପ୍ରକାଶ କରିଥିଲେ। ଅଧ୍ୟାପିକା ନନ୍ଦିନୀ ନନ୍ଦ, ଅଞ୍ଜଳି ତ୍ରିପାଠୀ ପ୍ରମୁଖ ଯୋଗଦେଇ ମହାନ୍ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୀବନୀ ବିଷୟରେ ବହୁ ଉପାଦେୟ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ସୁଶ୍ରୀ ଲିପିକା ମହାପାତ୍ର ବନ୍ଦେ ଉତ୍କଳ ଜନନୀ ଗାନ ସହିତ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପ୍ରମୋଦା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛୋଟରାୟ ମାଝୀ, ଅଧ୍ୟାପିକା ପ୍ରଭାତୀ ମିଶ୍ର, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବଇଣ୍ଡା,୩।୧୨ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକରେ କାର୍ଯ୍ୟରତ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ରଙ୍କୁ ଦରମା ଯୋଗାଇ ଦିଆଯାଉ ନ ଥିବାରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ବିନୋଦ ବିହାରୀ ବେହେରା, ବିପିଏମ୍ ଓ ସିଡିପିଓଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଗତ ମାର୍ଚ୍ଚ ମାସ ଠାରୁ ଦୀର୍ଘ ୮ ମାସ ହେବ ଦରମା ପାଇ ନ ଥିବାରୁ ସମସ୍ତେ ବହୁ ହନ୍ତସନ୍ତ ହେଉଛନ୍ତି। ବହୁବାର ସରକାରଙ୍କୁ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆନ୍ଦୋଳନରେ ସରୋଜିନୀ ପ୍ରଧାନ, ଅସ୍ମିତା ନାୟକ, ଗୀତାଞ୍ଜଳି ପୃଷ୍ଟି, ଟୁମୁକି ସାହୁ, ସିଲାରାଣୀ ପ୍ରଧାନ, ରଞ୍ଜନା ମହାନ୍ତି, ଲିନା ପ୍ରଧାନ, ଝରଣା ଲୁହା ପ୍ରମୁଖ ସାମିଲ ହୋଇଥିଲେ।


କିଶୋରନଗର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ

**ଅନୁଗୋଳ,୩।୧୨ (ଜ୍ୟୋତିରଞ୍ଜନ ସାହୁ)**

ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ଜୈବବିବିଧତାର ସଂରକ୍ଷଣ ଓ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଗୋଳ ବ୍ଲକ ନିମନ୍ତେ ବଡ଼କେରା ଜୈବବିବିଧତା ପରିଚାଳନା ସମିତିକୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏବଂ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇ ବଡ଼କେରା ଜୈବ ବିବିଧତା ସମିତି ଅଧକ୍ଷ ମୁରଲୀଧର ବେହେରାଙ୍କୁ ପ୍ରକୃତି ମିତ୍ର ମାନପତ୍ର ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବଡକେରା ସମିତି ପକ୍ଷରୁ ଏଥିପାଇଁ ବନ ବିଭାଗ, ସ୍ୱଚ୍ଛାସେବୀ ଅନୁଷ୍ଠାନ ନିୟୁଜ ଏବଂ ସାଥୀ ପରିବାରକୁ ଧନ୍ୟବାଦ ଜଣାଯାଇଛି।

ସୂଚନାଯୋଗ୍ୟ, ଅନୁଗୋଳ ସହର ନିକଟବର୍ତ୍ତୀ ବଡ଼କେରା ପଞ୍ଚାୟତ ଅନ୍ତର୍ଗତ ଗୁରଙ୍ଗ, ଭାଲିଆପାଳ, ମନ୍ଦରପୁର ଏବଂ ତୁମୁଣୀ ଆଦି ଗ୍ରାମର ଗ୍ରାମବାସୀ ଶତାଧିକ ହେକ୍ଟରର ପ୍ରାକୃତିକ ଜଙ୍ଗଲକୁ ଦୀର୍ଘବର୍ଷ ହେଲା ପାରମ୍ପରିକ ପଦ୍ଧତିରେ ସୁରକ୍ଷା ଦେଇଆସୁଛନ୍ତି। ଗୁରଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଜଙ୍ଗଲ, ବନ୍ୟପ୍ରାଣୀ ସମେତ କୃଷି ଜୈବବିବିଧତାର ସୁରକ୍ଷା, ସଂରକ୍ଷଣ ଏବଂ ଚିରସ୍ଥାୟୀ ପରିଚାଳନା ଦିଗରେ ବଡ଼କେରା ଜୈବ ବିବିଧତା ସମିତି ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଛି। ସେହିପରି ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଗ୍ରାମର ଶଶାଙ୍କ ଶେଖର ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଶଶାଙ୍କ ଅନୁଗୋଳ ଜିଲା ଶିକ୍ଷା ବିଭାଗରେ କିରାଣି ଭାବେ ଚାକିରି କରିଥିଲେ ମଧ୍ୟ ସବୁଜ ବନାନୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବହୁ ଗଛ ଲଗାଇଛନ୍ତି। ଫୁଲ ବଗିଚା ପାଇଁ ସେ ବାଗଡ଼ିଆ ଓ ଆଖପାଖ ଅଞ୍ଚଳରେ ବେଶ ଜଣାଶୁଣା। ଅଫିସ ଛୁଟି ପରେ ସେ ବଗିଚାର ଯତ୍ନ ନେଇଥାନ୍ତି। ଏହି କାମରେ ମା' ଓ ସ୍ତ୍ରୀ ତାଙ୍କୁ ସାହାଯ୍ୟ କରିଥାନ୍ତି। ଅନୁଗୋଳ ସର୍କିଟ ହାଉସ ଠାରେ ଅତିରିକ୍ତ ଶାସନ ସଚିବ ଓ ଅନୁଗୋଳ ଜିଲାପାଳ ପ୍ରକୃତି ବନ୍ଧୁ ମାନପତ୍ର ସହିତ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାରକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଶଶାଙ୍କ।





ବଡ଼କେରା ଜୈବ ବିବିଧତା ସମିତିକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି। ପ୍ରକୃତିପ୍ରେମୀ ଶଶାଙ୍କୁ ପୁରସ୍କୃତ କରାଯାଉଛି।

# କୂଅରେ ପଡ଼ି ଦେଢ଼ବର୍ଷର ଶିଶୁ ମୃତ

**ଛେଣ୍ଡିପଦା,୩।୧୨ (ଅଜିତ ଧଳ)**

ଖେଳୁଥିବା ସମୟରେ ଖୋଲା କୂଅରେ ପଡ଼ିଯିବାରୁ ଦେଢ଼ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ଜରପଡ଼ା ଥାନା କୋରଡ଼ା ଗ୍ରାମରେ ମଙ୍ଗଳବାର ଏହି ଅଘଟଣ ଘଟିଛି। ପ୍ରକାଶ ଯେ, କୋରଡ଼ା ଗାଁର କାଳନ୍ଦୀ ସାହୁଙ୍କ ଦେଢ଼ ବର୍ଷର ପୁଅ ଦିବ୍ୟରଞ୍ଜନ ସାହୁ ଘର ପଛ ବାଡ଼ିରେ ଆଈଙ୍କ ସହିତ ଖେଳୁଥିବା ବେଳେ ଏକ ଖୋଲା କୂଅରେ ପଡ଼ିଯାଇଥିଲେ। ଏହା ଦେଖି ଆଈ ପାଟି କରିବାରୁ ପରିବାର ଲୋକେ ଦୌଡ଼ି ଆସି ଦିବ୍ୟରଞ୍ଜନଙ୍କୁ କୂଅରୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିବ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଜରପଡ଼ା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**TENDER NOTICE**

1. NCC Group HQ, Cuttack (Odisha Directorate) invites sealed tenders for procurement of clothing and accoutrements for Odisha NCC Contingent participating in Republic Day Camp - 2025.
2. Tender documents for Technical and Commercial bidding be fwd in separate envelope along with terms and conditions and details of items can be obtained from Odisha Directorate website **(nccorissa.org)** and also from the office of 7 Odisha Battalion NCC, Bhadrak. A non-refundable tender cost Rs.1,000/- only by DD to OIC Kitting (RDC), 7 Odisha Battalion NCC, Bhadrak, payable at Bhadrak, should be enclosed with the tender documents. The last date of submission of tender at NCC Group HQ, Cuttack, is on or before 16.30 hrs. on **06 Dec. 2024**. Tender will be opened by a Board of Officer at NCC Group HQ, Cuttack, at 11.00 hrs. on **07 Dec. 2024** for any query please contact Commanding Officer, 7 Odisha Battalion NCC, Mob. No. 7875261402.

**Sd./- Administrative Officer**
**NCC Group HQ, Cuttack**
**Mob.: 8146051880**

# ୩୦ ଜଣଙ୍କୁ ପଞ୍ଜୀକରଣ ପ୍ରମାଣ ପତ୍ର ପ୍ରଦାନ

**ଛେଣ୍ଡିପଦା,୩।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ତରଫରୁ ଛେଣ୍ଡିପଦା ବ୍ଲକ ପରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସଚେତନତା ଓ ପଞ୍ଜୀକରଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଅଧିକାରୀ ପଦ୍ମଜା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଛେଣ୍ଡିପଦା ବ୍ଲକ ପ୍ରତିନିଧି ବିଜୟ ମାଝୀ, ଛେଣ୍ଡିପଦା ଜୋନ୍ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ପରଙ୍ଗ ସରପଞ୍ଚ ଶବର ବେହେରା ଓ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଜଗଦୀଶ ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଯୋଗଦେଇଥିବା ବିଭିନ୍ନ ଅଣ ସଙ୍ଗଠିତ ଶ୍ରମିକମାନଙ୍କୁ ଓୟୁଡବ୍ଲ୍ୟୁଏସ୍ଏସ୍‌ବି ଅଧୀନରେ ପଞ୍ଜୀକରଣ ପ୍ରକ୍ରିୟା ଏବଂ ସୁବିଧା ସୁଯୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା। ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ଶ୍ରମକାର୍ଡର ସଦୁପଯୋଗ ସହିତ କିପରି ଏହାର ସୁବିଧା ନେଇପାରିବେ ସେଜ ନେଇ ମୁଖ୍ୟ ଅତିଥି ସଚେତନ କରାଇଥିଲେ। ଏହି ଅବସରରେ ଅତିଥିମାନେ ୩୦ ଜଣଙ୍କୁ ପଞ୍ଜୀକରଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମୌଳିକ ଅଧିକାର, ମାର୍ଗଦର୍ଶିକା ଉଲ୍ଲଂଘନ ବିରୋଧରେ ଗଣଧାରଣା


ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ବଅଁରପାଳ,୩।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ସିପିପିର ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ମୌଳିକ ଅଧିକାର ଓ ମାର୍ଗଦର୍ଶିକାର ଉଲ୍ଲଂଘନ ବିରୋଧରେ ଗ୍ରୁପ୍ ଜେନେରାଲ ମ୍ୟାନେଜର ସିପିପି ଅମରେନ୍ଦ୍ର ମିଶ୍ରଙ୍କ କାର୍ଯ୍ୟାଳୟ ଠାରେ ସୋମବାରଠାରୁ ଗଣଧାରଣା ଦିଆଯାଇଛି। ପ୍ରକାଶ ଯେ, ଗତ ସ୍ୱୀକୃତିପ୍ରାପ୍ତ ନିର୍ବାଚନରେ ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ବିଜୟ ଲାଭ କରିଥିଲା, ଯାହାକି ଭାରତ ସରକାରଙ୍କ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଅଣ୍ଡର ସେକ୍ରେଟାରିଙ୍କ ଦ୍ୱାରା ୮ ନଭେମ୍ବର ୨୦୨୪ରେ ଅନୁମୋଦିତ ହୋଇଥିଲା। ଭାରତ ସରକାରଙ୍କ ଦ୍ୱାରା ସରକାରୀ ଉଦ୍ୟୋଗରେ କର୍ମଚାରୀଙ୍କ ସୁରକ୍ଷା ଓ ନାର୍ଯ୍ୟ ଅଧିକାର ପାଇଁ ସ୍ୱୀକୃତିପ୍ରାପ୍ତ ସଙ୍ଗଠନର ବ୍ୟବସ୍ଥା କରାଯାଇଥାଏ। ସମସ୍ତ କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ସହିତ ମ୍ୟାନେଜମେଣ୍ଟ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ନିୟମ ରହିଛି। ମାତ୍ର ରାଜନୈତିକ ଚାପରେ ସିପିପି କର୍ତ୍ତୃପକ୍ଷ ଏହି ଆଇନର ଉଲ୍ଲଂଘନ କରୁଛନ୍ତି। ଏହା ବିରୋଧରେ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ଦୃଢ଼ ପ୍ରତିବାଦ ସ୍ୱରୂପ ଗଣଧାରଣା ଦେଇଛି। ସିପିପି କର୍ତ୍ତୃପକ୍ଷଙ୍କ ଏହି ଶ୍ରମିକ ବିରୋଧୀ ମନୋଭାବ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହି ଗଣଧାରଣା ଜାରି ରହିବା ସହିତ କେନ୍ଦ୍ର ମୁଖ୍ୟ ଶ୍ରମ କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ବିଭବ ଜେନା ପ୍ରକାଶ କରିଛନ୍ତି।

**ନିୟନ୍ତ୍ରୀତ ବଜାର କମିଟି, ପାଟଣାଗଡ**
**ଜିଲ୍ଲା – ବଲାଙ୍ଗିର**

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ପାଟଣାଗଡ ଉପଖଣ୍ଡର ସମସ୍ତ କପାଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା.୦୪.୧୨.୨୦୨୪ରିଖ ଠାରୁ କପା କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫ ରୁ ନିଷ୍ପତ୍ତି ନିଆଯାଇଛି। ଚଳିତ (୨୦୨୪-୨୫) ବର୍ଷ ପାଇଁ ସରକାର ନିମ୍ନ ମତେ କପାର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀ ମାନେ ତାଙ୍କର ଉତ୍ପାଦିତ କପା ସବୁକୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା **ଯୋଗୀମୁଣ୍ଡା ମୁଖ୍ୟ ବଜାର ସାମନା** ପ୍ରାଙ୍ଗଣରେ **ସପ୍ତାହର ସୋମବାର ରୁ ଶୁକ୍ରବାର ପର୍ଯ୍ୟନ୍ତ** (ଛୁଟି ଦିନ ବ୍ୟତିତ) ବିକ୍ରି କରିବା ପାଇଁ ଅନୁରୋଧ।

ଫସଲ ବର୍ଷ ୨୦୨୪-୨୫ (FAQ) ପାଇଁ ସରକାରଙ୍କ ଧାର୍ଯ୍ୟ ଦର

| | ଏଫ.ଏ.କ୍ୟୁ କପାର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) |
|---|---|---|
| ୧ | ଅଧିକ ଲମ୍ବ କପା ତନ୍ତୁର ଲମ୍ବ ହିସାବରେ<br>୧. ତନ୍ତୁର ଲମ୍ବ ୨୯.୫ ରୁ ୩୦.୫<br>୨. ମାଇକ୍ରୋ ନାୟର ୩.୫ ରୁ ୪.୩<br>୩. ଆର୍ଦ୍ରତା ୮% | ଟ. ୭୫୨୧.୦୦ |
| ୨ | ମଧ୍ୟମ ଧରଣର କପା ତନ୍ତୁର ଲମ୍ବ ହିସାବରେ | ଟ. ୭୧୨୧.୦୦ |

**ମଣ୍ଡିରେ କପା ଗ୍ରହଣ ସମୟ – ସକାଳ ୮ ଟା ରୁ ଦିବା ୧୨ ଟା**
**ନିଲାମ ସମୟ – ଅପରାହ୍ନ – ୧ ଟା ରୁ**

ବି:ଦ୍ର: ୧. ମାଇକ୍ରୋନାୟର ମାତ୍ରା ±.୨ ବ୍ୟବଧାନ ପାଇଁ କପାର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଟ. ୨୫/-ଙ୍କା କମ୍ ବା ବେଶୀ ହେବ।
୨. କପାର ନ୍ୟୁନତମ ଆର୍ଦ୍ରତା ୮% ରହିବା ଦରକାର। ଯଦି କପାର ଆର୍ଦ୍ରତା ୮%ରୁ ଅଧିକ ହୁଏ, ତେବେ କପାର ମୂଲ୍ୟ ସମାନୁପାତିକ କମ୍‌ହେବ। ସମାନୁପାତିକ କମ୍ ଦରରେ ଅଧିକତମ ୧୨% ଆର୍ଦ୍ରତାଯୁକ୍ତ କପାର କ୍ରୟ ଯୋଗ୍ୟ ଅଟେ। ୧୨% ରୁ ଅଧିକ ଆର୍ଦ୍ରତାଯୁକ୍ତ କପା କଦାପି କ୍ରୟ ଯୋଗ୍ୟ ନୁହଁ। ୮% ରୁ କମ୍ ଆର୍ଦ୍ରତା ହେଲେ ପ୍ରିମିୟମ୍ ମିଳିବ।
୩. କପା ନିଗମ ଓ ଘରୋଇ କପା ମିଲର୍ ମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା କପାର ଲୁଗଦାନ E-Payment (RTGS/NEFT) ଦ୍ୱାରା କରାଯିବ। ଏଥିପାଇଁ ବିକ୍ରେତା ନିଜର ପୂର୍ଣ୍ଣ ବିବରଣୀ ଯଥା ନାମ, ଠିକଣା, ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା ନମ୍ବର, ବ୍ୟାଙ୍କର IFSC Code, ବ୍ୟାଙ୍କ ଶାଖା ଇତ୍ୟାଦି ସଠିକ୍ ଭାବରେ ଯୋଗାଇବା ପାଇଁ ଅନୁରୋଧ।
୪. କପା ଚାଷୀ ହିସାବରେ ସରକାରଙ୍କ କୃଷି ବିଭାଗ ଜରିଆରେ ନିୟନ୍ତ୍ରିତ ବଜାର କମିଟୀ (RMC) ରେ ପଞ୍ଜିକରଣ କରି ନିଅନ୍ତୁ।

**କପା ଅମଳ ଓ ତାର ପରବର୍ତ୍ତୀ ଯତ୍ନ ସମ୍ବନ୍ଧରେ ସଚେତନତା**

୧. କାକର ଶୁଖିଗଲା ପରେ ଦିନ ୯ ଟା ବେଳକୁ କପା ତୋଳିବା ଆରମ୍ଭ କରନ୍ତୁ।
୨. ସମ୍ପୂର୍ଣ୍ଣ ଭାବେ ଫୁଟିଥିବା କପା ହିଁ ତୋଳନ୍ତୁ। ଅଧା ଫାଟିଥିବା ବଲ୍‌ରୁ କପା ତୋଳନ୍ତୁ ନାହିଁ।
୩. କପାରେ କଳା କପା, ହଳଦିଆ କପା ଓ କଉଡ଼ି କପା ମିଶାନ୍ତୁ ନାହିଁ।
୪. କପାରେ ଶୁଖିଲା ଡାଳ, ପତ୍ର, କାଠି କୁଟି ଏବଂ ଅନ୍ୟାନ୍ୟ ମଇଳା ଜିନିଷ ମିଶାନ୍ତୁ ନାହିଁ। କପା ତୋଳିବା ସମୟରେ ମୁଣ୍ଡରେ ଟୋପି କିମ୍ବା କପଡ଼ା ବାନ୍ଧନ୍ତୁ। ଯେମିତି ମୁଣ୍ଡବାଳ କପାରେ ନ ମିଶେ।
୫. କପା ତୋଳିବା ପରେ ଚଟାଣରେ ସଫା କରି, ତାରପୋଲିନ୍ କିମ୍ବା ପଟି ବିଛାଇ ତାଣ ଖରାରେ ୨-୩ ଥର ଶୁଖାନ୍ତୁ।
୬. ପ୍ରଥମେ ତୋଳିଥିବା କପାର ମାନ ସବୁଠାରୁ ଭଲ ହୋଇଥାଏ ତେଣୁ ପ୍ରଥମେ ତୋଳିଥିବା କପାକୁ ଅଲଗା ରଖନ୍ତୁ। ସେହିପରି ୨ୟ ଏବଂ ୩ୟ ଥର ତୋଳା କପାକୁ ଅଲଗା ସାଇତି ରଖନ୍ତୁ। ସବୁକୁ ଗୋଟିଏ ଜାଗାରେ ମିଶାନ୍ତୁ ନାହିଁ।
୭. କପା ଓଦା ଥିବା ସମୟ ଅଖାରେ ଭରନ୍ତୁ ନାହିଁ କିମ୍ବା ଗଦା କରି ରଖନ୍ତୁ ନାହିଁ। ଏହା ଦ୍ୱାରା କପାର ରଙ୍ଗ ହଳଦିଆ ହୋଇଯାଇଥାଏ।
୮. କପା ଶୁଖିବା ପରେ ନିଜ ଘରେ ଖୋଲାରେ ନ ରଖି ପତଳା ଅଖାରେ ଭରନ୍ତୁ ଏବଂ ଉଚ୍ଚ ବା ଭଲ ଜାଗାରେ ସାଇତି ରଖନ୍ତୁ। ଆବଦ୍ଧ ଘରେ କପା ସାଇତି ରଖନ୍ତୁ ନାହିଁ।
୯. କପା ଭରିବା ପାଇଁ ପ୍ଲାଷ୍ଟିକରେ ତିଆରି ବସ୍ତା ବ୍ୟବହାର କରନ୍ତୁ ନାହିଁ। ପ୍ଲାଷ୍ଟିକ ବସ୍ତାରେ କପା ଭରିଲେ କପାର ରଙ୍ଗ ବଦଳି ଯାଇଥାଏ।
୧୦. କପା ବସ୍ତାକୁ ସିଲେଇବା ପାଇଁ କୌଣସି ପ୍ରକାର ପ୍ଲାଷ୍ଟିକ ରସି ଓ ଝୋଟ (ପଟ) ରସି ବ୍ୟବହାର ନ କରି ସୁତୁଳି ବ୍ୟବହାର କରନ୍ତୁ।
୧୧. ଖୋଲା କପା ଉପରେ ଶୁଅନ୍ତୁ ନାହିଁ।
୧୨. କପାକୁ ନିଆଁ ଓ ମୁଷା ଦାଉରୁ ରକ୍ଷା କରନ୍ତୁ।
୧୩. କପାକୁ ଘରେ ବେଶି ଦିନ ରଖନ୍ତୁ ନାହିଁ ଓ ଯଥା ଶୀଘ୍ର ବିକ୍ରୟ କରିବା ପାଇଁ ଚେଷ୍ଟା କରନ୍ତୁ।
୧୪. କପା ପାଖରେ କୌଣସି ପ୍ରକାର ତୈଳୀୟ ଜିନିଷ ବା ଜ୍ୱଳନଶୀଳ ପଦାର୍ଥ ରଖନ୍ତୁ ନାହିଁ।

ଏହି ସବୁ ବିଷୟ ପ୍ରତି ଧ୍ୟାନ ଦେଇ କପା ତୋଳି ବିକ୍ରି କଲେ ଅଧିକ ଲାଭବାନ ହେବେ
ପ୍ଲାଷ୍ଟିକ ବସ୍ତା ବର୍ଜନ କରନ୍ତୁ ପରିବେଶକୁ ସୁରକ୍ଷା କରନ୍ତୁ।

ସ୍ୱା-
ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ପାଟଣାଗଡ

ସ୍ୱା-
ଉପ-ଜିଲ୍ଲାପାଳ ପାଟଣାଗଡ ତଥା ଅଧକ୍ଷ
ନିୟନ୍ତ୍ରୀତ ବଜାର କମିଟି, ପାଟଣାଗଡ

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ ନଂ. - ୯୩୪୮୧୩୧୨୨୭ / ୮୯୧୭୬୬୭୧୯୦

Co-op.Press,BGR M-9938568191

# ଜଙ୍ଗଲୀ ଫୁଲ ଖାଇ ୭ ଅସୁସ୍ଥ

**ପାଲଲହଡ଼ା,୩।୧୨ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ଥାନା ଖୁଲୁଡ଼ି ଆଦିବାସୀ ଗ୍ରାମରେ ମଙ୍ଗଳବାର ଜଙ୍ଗଲୀ ଫୁଲକୁ ରୋଷେଇ କରି ଖାଇଥିବା ଗୋଟିଏ ପରିବାର ୭ଜଣ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଖୁଲୁଡ଼ି ଗ୍ରାମର ଗଙ୍ଗା ହେମ୍ବ୍ରମଙ୍କ ଝିଅ ଜଙ୍ଗଲରୁ ଆଣିଥିବା କିଛି ଫୁଲକୁ ମା' ହୀରାମଣି (୩୦) ରୋଷେଇ କରି ନିଜେ ଖାଇବା ସହ ୬ ପିଲାଙ୍କୁ ଦେଇଥିଲେ। ଏହାର କିଛି ସମୟ ପରେ ହୀରାମଣିଙ୍କ ସମେତ ରୋହିତ ହେମ୍ବ୍ରମ (୮), ବାଦଲ ହେମ୍ବ୍ରମ (୬), କ୍ଷୀରୋଦିନୀ ହେମ୍ବ୍ରମ (୧୩), ସୋନାଲି ହେମ୍ବ୍ରମ (୧୧), ସୁଭଦ୍ରା ହେମ୍ବ୍ରମ (୧୫) ଅସୁସ୍ଥ ହୋଇପଡ଼ିଥିଲେ। ଖବରପାଇ ଗଙ୍ଗା ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ନେଇ ମେଡିକାଲ ଭର୍ତ୍ତି କରିଥିଲେ। ଡାକ୍ତର ଦିଲୀପ ଭୋଇ ଚିକିତ୍ସା କରିବା ସହ ସମସ୍ତେ ବିପଦମୁକ୍ତ ଥିବା ପ୍ରକାଶ କରିଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଇଣ୍ଡା,୩।୧୨ (ପରିକ୍ଷିତ ସାହୁ)**



ଆଠମଲ୍ଲିକ ବ୍ଲକ ଠାକୁରଗଡ ଅଞ୍ଚଳର ଧର୍ମପ୍ରାଣା ମହିଳା ରୁକ୍ମିଣୀ ଖୁଣ୍ଟିଆ (୯୨)ଙ୍କ ତାଙ୍କ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ ଓ ନାତୁଣୀନାତିମାନେ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପ୍ରାଣ ମହିଳା ଭାବରେ ପରିଚିତ ଥିବାବେଳେ ତାଙ୍କ ପରଲୋକରେ ଠାକୁରଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶୃଙ୍ଖଳିତ ଭାବେ ଶିକ୍ଷାରେ ମନୋନିବେଶ କର

**ଆଠମଲ୍ଲିକ,୩।୧୨ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)**




ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ସ୍ଥିତ ଷୋଳପଦା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ କଲେଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ସୌଭାଗ୍ୟ ବେହେରା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ତନ୍ମୟ ରଞ୍ଜନ ପାତ୍ର ଯୋଗଦେଇ ଶୃଙ୍ଖଳିତ ଭାବେ ଶିକ୍ଷାରେ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର, ଅଧ୍ୟାପକ ସରୋଜ ଦାଶ, ତରୁଣ କୁମାର ପ୍ରଧାନ, ସରୋଜ ରଞ୍ଜନ ପ୍ରଧାନ, ଟୁକୁନା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍/ଇଏନ୍‌ଜିଜି/ସିକେପି ନିମ୍ନଲିଖିତ କାର୍ଯ୍ୟ ପାଇ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ବିଜ୍ଞପ୍ତି ନଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: (୧) ସିକେପି-ସାଉଥ୍-୨୪-୨୫-୩୯** । ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାରରେ ଏଡିଇଏନ୍/ସିବିଏସ୍ଏ ଅଧୀନରେ ରେଲୱେ ଟ୍ରାକ୍‌ର ବାଲାଷ୍ଟ ଡ୍ରେସିଂ, ସେସ୍ କ୍ଲିନିଂ ଏବଂ ଦେଖାରଖା ଓ ପରିଚ୍ଛନ୍ନତା ପାଇଁ ଅନ୍ୟାନ୍ୟ ବିବିଧ କାର୍ଯ୍ୟ, ₹୧,୨୬,୬୮,୧୪୮.୩୩/-, ₹୨,୧୩,୪୦୦.୦୦/- । **(୨) ସିକେପି-ସାଉଥ୍-୨୪-୨୫-୪୦** । ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାରରେ ଏଡିଇଏନ୍/ଡିପିଏସ୍‌ଙ୍କ ଅଧୀନରେ ରେଲୱେ ଟ୍ରାକ୍‌ର ବାଲାଷ୍ଟ ଡ୍ରେସିଂ, ସେସ୍ କ୍ଲିନିଂ ଏବଂ ଦେଖାରଖା ଓ ପରିଚ୍ଛନ୍ନତା ପାଇଁ ଅନ୍ୟାନ୍ୟ ବିବିଧ କାର୍ଯ୍ୟ, ₹୧,୬୭,୬୯,୮୬୫.୩୫/-, ₹୨,୩୩,୯୦୦.୦୦/- । **ଟେଣ୍ଡର ଫର୍ମ ମୂଲ୍ୟ ଏବଂ ଉପରୋକ୍ତ ଟେଣ୍ଡର ଖୋଲାଯିବା ତାରିଖ:** ଶୂନ୍ୟ, ୨୩।୧୨।୨୦୨୪ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ** (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-864)

**ODISHA POWER GENERATION CORPORATION LIMITED**
OPGC Power for Progress
CIN: U40104OR1984SGC001429
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in

**POWER YOUR CAREER WITH OPGC**

**Odisha Power Generation Corporation Ltd. (OPGC),** a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for young and dynamic medical professionals for the following positions under **Market Based Salary (MBS) structure and performance-based service conditions** on regular roll for our Hospital at ITPS Township, Banharpalli, Jharsuguda. Reservation laws as notified by Govt. of Odisha will be followed.

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Medicine Specialist | E3 (Deputy Manager) | 1 |
| 2 | Medical Officer | E1 (Assistant Manager) | 2 |

For detailed advertisement, please logon to our website: www.opgc.co.in/careers. The last date for online application is **19.12.2024 and to receive the hardcopy of application is 26.12.2024.** Candidates are advised to go through the detailed advertisement carefully before applying. Corrigendum, if any will be published in our official website.
No. OPGC/CO/HR/04/2024 Dated: 04/12/2024

# ପାନୀୟ ଜଳ ପ୍ରକଳ୍ପ ପାଇଁ ଅଧିକାଂଶ ବିଧାୟକ ହାରିଛନ୍ତି: ବଦ୍ରି

## ମଲାଇ ଖାଇ ଚମ୍ପଟ ମାରିଛନ୍ତି ଠିକାଦାର: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର,୩।୧୨(ଅନିଲ ଦାସ)

ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଭୟ ବିରୋଧୀ ଓ ଶାସକ ଦଳ ଗ୍ରାମାଞ୍ଚଳରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଗତ ସରକାର ସମୟରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ନ କରିପାରିବାରୁ ଅଧିକାଂଶ ବିଧାୟକ କମ୍ ଭୋଟ ବ୍ୟବଧାନରେ ହାରିଥିବା ବିଷୟ ଗୃହରୁ ଶୁଣିବାକୁ ମିଳିଛି।

ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ପଚାରିଥିଲେ, ରାଜ୍ୟର କେଉଁ ଜିଲାରେ କେତୋଟି ମେଗା ପାଇପ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି। କେତେ ନିର୍ମାଣାଧୀନ ରହିଛି ଓ ଏହାକୁ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏହାର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାଏକ କହିଛନ୍ତି, ପୂର୍ବ ସରକାର ଅମଳରେ ଠିକାଦାର ମଲେଇ ଖାଇ ପଳେଇଛନ୍ତି। ପୂର୍ବ ସରକାର ପାନୀୟ ଜଳ ଯୋଗାଣ ପାଇଁ ଯେଉଁ ଠିକାଦାରମାନଙ୍କ ସହ ଚୁକ୍ତି କରିଥିଲେ, ସେମାନେ ୫୮ ପ୍ରତିଶତ ଟଙ୍କା ଉଠାଇ କେବଳ ପାଇପ ବିଛାଇ ଚମ୍ପଟ ମାରିଛନ୍ତି। ଇନ୍‌ଟେକ୍ ୱେଲ ନିର୍ମାଣ ହୋଇନି। ସେଥିପାଇଁ କାମ ବିଳମ୍ବ ହେଉଛି। ବିଭାଗ ବହୁତ ପରିଶ୍ରମ କରୁଛି। ଗତ ସରକାରଙ୍କ ଭୁଲ୍ ପାଇଁ ଆମେ କଷ୍ଟ ପାଉଛୁ। ରାଜ୍ୟରେ



ରବି ନାରାୟଣ ନାଏକ

ମାତ୍ର ୧୬ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏବେ ବି ୧୯୧ ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ୩ଟି ପର୍ଯ୍ୟାୟରେ ୨୦୨୬ ଜୁନ୍ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରାଯିବ। ୨୦୨୫ ମାର୍ଚ୍ଚରେ ୫୬, ଡିସେମ୍ବରରେ ୫୪ ଏବଂ ବାକି ୮୧ ପ୍ରକଳ୍ପ ୨୦୨୬ ଜୁନ୍‌ରେ ଶେଷକରିବାକୁ ବିଭାଗ ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ କହିଛନ୍ତି।

ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର ଅତିରିକ୍ତ ପ୍ରଶ୍ନରେ କହିଛନ୍ତି, ପ୍ରୋଜେକ୍ଟ ନ କରି କେବଳ ପାଇପ ବିଛାଯାଇଛି। ପାଣିର ଉତ୍ସକୁ ଖୋଜା ଯାଇନାହିଁ। ରାସ୍ତା ଖୋଳି ପାଇପ ପକାଯାଇଛି। ଟେଲ୍ ଏଣ୍ଡକୁ ପାଣି ଯାଉଛି କି ନାହିଁ ସେ ନେଇ ସର୍ଭେ କରାଯାଇ ନାହିଁ। ଏହାର ରିଭ୍ୟୁ କରାଯାଉ। ଯେଉଁ ପାଇପ ବାହାର କରାଯିବ ତା' ପାଇଁ ବଜେଟ କରାଯାଉ।

ବିଜେଡି ସଭ୍ୟ ଗଣେଶ୍ୱର ବେହେରା



ବଦ୍ରି ନାରାୟଣ ପାତ୍ର

କହିଛନ୍ତି, ଯେଉଁମାନେ ମଲେଇ ଖାଇ ପଳେଇଛନ୍ତି, ସେମାନଙ୍କୁ ସରକାର ଧରିବାକୁ ପୋଲିସର ସହାୟତା ନିଅନ୍ତୁ। ତାଙ୍କର ଅବହେଳା ପାଇଁ ଲୋକେ କାହିଁକି କଷ୍ଟ ପାଇବେ। ସରକାର ସେମାନଙ୍କୁ ବାନ୍ଧିବାକୁ ବ୍ୟବସ୍ଥା କରନ୍ତୁ। କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ କହିଛନ୍ତି, କୋରାପୁଟ ଜିଲାର ନନ୍ଦପୁର ପ୍ରକଳ୍ପ ଆରମ୍ଭ ହୋଇଛି। ଗୁଜରାଟ କମ୍ପାନୀକୁ କାମ ଦିଆଯାଇଥିଲା। ସେମାନେ କାହା କଥା ମାନୁନାହାନ୍ତି କି ଶୁଣୁନାହାନ୍ତି। ରାସ୍ତା କାଟି ଦେଇ ପଳାଉଛନ୍ତି। ଭାଜପା ସଭ୍ୟ ଭାସ୍କର ମଢ଼େଇ କହିଛନ୍ତି, ମନ୍ତ୍ରୀ ପାନୀୟ ପ୍ରକଳ୍ପକୁ ନେଇ ସମସ୍ତ ଜିଲାରେ ପୁଣି ଥରେ ସମୀକ୍ଷା କରନ୍ତୁ। ଭାଜପା ସଭ୍ୟ ଇରାଶିଷ ମିଶ୍ର କହିଛନ୍ତି, ଯେଉଁ କମ୍ପାନୀମାନେ କାମ ନେଇଛନ୍ତି ସେମାନେ ଅନ୍ୟ କମ୍ପାନୀକୁ ସବ୍‌ଲେଟରେ ଦେଉଛନ୍ତି।

ସେହି କଣ୍ଟ୍ରାକ୍ଟରଙ୍କର କାର୍ଯ୍ୟଦକ୍ଷତା ଅଛି କି ନାହିଁ ତାହା ଯାଞ୍ଚ ହେବା ଦରକାର।

ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ପାନୀୟଜଳ କଷ୍ଟ ଆକ୍ରୋଶର ଶିକାର ହୋଇ ଅନେକ ବିଧାୟକ ନିର୍ବାଚନ ହାରିଛନ୍ତି। ସେ ନିଜେ ଏହା ଗତ ନିର୍ବାଚନରେ ଅନୁଭବ କରିଥିବା କହିଛନ୍ତି। ଯେଉଁମାନେ କମ୍ ଭୋଟରେ ହାରିଛନ୍ତି, ନିର୍ବାଚନ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ନ ସରିବା ଏହାର ମୁଖ୍ୟ କାରଣ। ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା, ନିର୍ବାଚନ ପୂର୍ବରୁ ପ୍ରକଳ୍ପ ସରିବ। କିନ୍ତୁ ନ ସରିବାରୁ ଲୋକଙ୍କ ଆକ୍ରୋଶ ବଢ଼ିଲା। ପାଇପ ରାସ୍ତା ଉପରେ ପଡ଼ିଛି, ତା' ଉପରେ ଗାଡ଼ି ଚଢ଼ି ଚାଲିଯାଉଛି। ସେ ପାଇପ କେତେଦିନ ଲାଷ୍ଟିଙ୍ଗ କରିବ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବୋରିଗୁମ୍ମାରେ ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। ସେଥିରୁ ଖୁବ୍‌କମ୍ ପାଣି ଆସୁଛି। ଏକଥା ବାରମ୍ବାର ଉଠାଇବା ପରେ ମଧ୍ୟ କିଛି ହେଉନି। କାମ ନେଇଥିବା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପ୍ରତ୍ୟେକ ବିଧାୟକଙ୍କୁ ୧୦୦ଟି ଲେଖାଏ ନଳକୂପ ଦେବାକୁ ବ୍ୟବସ୍ଥା କରିବେ କି ବୋଲି ସେ ପଚାରିଥିଲେ। କଂଗ୍ରେସ ସଭ୍ୟ ସି.ଏସ୍. ରାଜନ ଏକ୍କା, ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା, ଭାଜପା ସଭ୍ୟ ରଘୁନାଥ ଜଗଦଳା, ମନୋରଞ୍ଜନ ଦ୍ୟାନସାମନ୍ତରା, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ପାନୀୟ ଜଳ ପ୍ରକଳ୍ପ ଅସମ୍ପୂର୍ଣ୍ଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ପାନୀୟ ଜଳ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ମେଗା ପାନୀୟ ଜଳ ପ୍ରକଳ୍ପ ନେଇଛନ୍ତି, ସେମାନେ ଆମ ରାଜ୍ୟର ନୁହନ୍ତି। ସେମାନଙ୍କ ଦ୍ୱାରା ଓଡ଼ିଶାକୁ ଠକିବାକୁ ବଡ଼ ଯୋଜନା କରାଯାଇଥିଲା। ପାଞ୍ଚ ପଇସା ଖର୍ଚ୍ଚ କରୁନାହାନ୍ତି। ଟଙ୍କା ନ ଦେଲେ କାମ କରୁନାହାନ୍ତି। ଆଗ ପଇସା ନେଲେ କାମ କରୁଛନ୍ତି। ଯେଉଁ ଏଜେନ୍ସି କାମରେ ଠକିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଜରିମାନା ସହ କଳା ତାଲିକାଭୁକ୍ତ ମଧ୍ୟ କରାଯିବ। ଗତ ସରକାର ସମୟରେ ପାନୀୟ ଜଳ କେବଳ ବିଭାଗ ଅଧିକାରୀ ଦେଖୁଥିଲେ। ଏବେ ପିଡି ଏବଂ ଓବିଡିଓ ଦେଖୁଛନ୍ତି। ପିଡି ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ୨ ଦିନରେ ଥରେ ଏବଂ ବିଡିଓ ସପ୍ତାହକୁ ଥରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ରାସ୍ତା କାଟି ଦିଆଯାଉଛି ସେଠାରେ ପାଣି ପାଇପ ବିଛାଉଥିବା କମ୍ପାନୀ ବନାଇବେ। କେନ୍ଦ୍ର ସରକାର ସମସ୍ତଙ୍କ ଘରେ ପାଣି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ସରପଞ୍ଚମାନଙ୍କୁ କ୍ଷମତା ଦିଆଯାଇଛି। ସେମାନେ ଦସ୍ତଖତ ନ କଲେ ସମସ୍ତଙ୍କ ଘରକୁ ପାଣି ଗଲା ବୋଲି କହିହେବ ନାହିଁ। ବିଧାନସଭା ଶେଷ ହେବାର କିଛି ଦିନ ମଧ୍ୟରେ ପ୍ରକଳ୍ପଗୁଡ଼ିକର ସମୀକ୍ଷା ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ମହାରାଷ୍ଟ୍ର: ୫ରେ କେବଳ ମୁଖ୍ୟମନ୍ତ୍ରୀ, ୨ ଉପମୁଖ୍ୟମନ୍ତ୍ରୀ ଶପଥ ନେବେ

ମୁମ୍ବାଇ,୩।୧୨

ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହା ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିବାବେଳେ ଗୁରୁବାର ଶପଥଗ୍ରହଣ ଉତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଏଥିପାଇଁ ମଞ୍ଚ ପ୍ରସ୍ତୁତ ସରିଲାଣି। ଶପଥ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୨,୦୦୦ ଭିଭିଆଇପି ଏବଂ ୪୦ ହଜାର ସମର୍ଥକ ଯୋଗଦେବେ। ୫ ତାରିଖରେ କେବଳ ମୁଖ୍ୟମନ୍ତ୍ରୀ ଏବଂ ୨ ଉପମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ଜଣାପଡ଼ିଛି। ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ଥିବାବେଳେ ଏକନାଥ ଶିନ୍ଦେ ଏବଂ ଅଜିତ ପାୱାର ତାଙ୍କ ଡେପୁଟି ରହିବେ। ୧୧ ଦିନର ଟଣାଓଟରା ପରେ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିବା ଜଣାପଡ଼ିଛି। ଶପଥଗ୍ରହଣ ପରେ ମହାଯୁତି ମେଣ୍ଟ ସହଯୋଗୀ ଭାଜପା, ଶିବସେନା ଏବଂ ଏନ୍‌ସିପି ମଧ୍ୟରେ ବୈଠକ ବସି କେଉଁ ଦଳରୁ କିଏ ମନ୍ତ୍ରୀ ହେବେ ଓ କ'ଣ ବିଭାଗ ପାଇବେ ତାହା ସ୍ଥିର ହେବ ବୋଲି ଆଶା କରାଯାଉଛି।

ଶପଥଗ୍ରହଣର ୨ ଦିନ ପୂର୍ବରୁ ଏକନାଥ ମଙ୍ଗଳବାର ଠାଣେର ଏକ ଘରୋଇ ହସ୍ପିଟାଲକୁ ଚେକ୍‌ଅପ୍ ପାଇଁ ଯାଇଥିଲେ। ଏନ୍‌ସିପି ନେତା ଅଜିତ ମଧ୍ୟ ୨ ଦିନ ହେଲା ଦିଲ୍ଲୀରେ ରହିଛନ୍ତି। ବୁଧବାର ବିଧାନ ଭବନରେ ରାଜ୍ୟ ଭାଜପା ବିଧାୟକ ଦଳ ବୈଠକ ବସି ନେତା ନିର୍ବାଚନ କରାଯିବ। ତେବେ ଭାଜପା ମୁଖ୍ୟମନ୍ତ୍ରୀ ପଦ ନେଲେ ଶିବସେନାକୁ ଗୃହ ବିଭାଗ ମିଳିବା ଆବଶ୍ୟକ ବୋଲି ଏହାର ନେତା କହିଥିବାରୁ ମନ୍ତ୍ରିମଣ୍ଡଳ ବିଭାଗ ବଣ୍ଟନରେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

# ବିଜେଡି ସମୟରେ ସବୁଠାରୁ ଖରାପ ଥିଲା: ଅମର

## ପଞ୍ଚାୟତିରାଜ ବ୍ୟବସ୍ଥା

### ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀ- ଶାସକ ମୁହାଁମୁହିଁ

ଭୁବନେଶ୍ୱର, ୩।୧୨(ସୁନିତ୍ ମିଶ୍ର)

ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ପରସ୍ପରକୁ ଆକ୍ଷେପ ପ୍ରତି ଆକ୍ଷେପ କରିଛନ୍ତି। ପାନୀୟ ଜଳ ସମସ୍ୟା ଠାରୁ ଆରମ୍ଭକରି ଶାସକ ଦଳର ପରାଜିତ ପ୍ରାର୍ଥୀମାନଙ୍କ ବ୍ଲକ୍ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରୀ ଅର୍ଥର ବ୍ୟବହାର ନେଇ ଅତ୍ୟଧିକ ହସ୍ତକ୍ଷେପ କଥା ଉଠାଇ ବିରୋଧୀ ବର୍ଷିଛନ୍ତି। ଅନ୍ୟପଟେ ଶାସକ ଦଳ ସଦସ୍ୟମାନେ ମଧ୍ୟ ପୂର୍ବରୁ ବିଜେଡି ସରକାର ସମୟରେ ଚାଲିଥିବା ବ୍ୟବସ୍ଥା କଥା କହି ପାଲଟା ଟାର୍ଗେଟ କରିଛନ୍ତି।

ଭାଜପା ସଦସ୍ୟ ଅମର ନାୟକ କହିଛନ୍ତି, ସରକାରରାଜ୍ ବିଜେଡି ସମୟରେ ହୋଇଥିଲା। ୨୦୧୭ରେ ପଲ୍ଲିସଭା ବନ୍ଦକରି ଭିଏଲ୍‌ଏଲ୍ ମାଧ୍ୟମରେ କାମ କରାଗଲା। ପଞ୍ଚାୟତିରାଜ ବ୍ୟବସ୍ଥା ବିଜେଡି ସରକାର ସମୟରେ ସବୁଠାରୁ ଖରାପ ଅବସ୍ଥାରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ବିଜେଡି ସଦସ୍ୟ ପ୍ରତାପ ଦେବ କହିଛନ୍ତି, ବହୁ ସରକାରୀ ଦଳର ସଦସ୍ୟ ପୁରୁଣା କଥାକୁ ନ ଜାଣି ମନଇଚ୍ଛା କଥା କହୁଛନ୍ତି। ଆମେ ମଧ୍ୟ ଦିନେ ଗୃହରେ ନୂଆ ଥିଲୁ। ହେଲେ ଜାଣିବାକୁ ଚେଷ୍ଟା କରୁଥିଲୁ। ଶାସକ ଦଳ ନୂଆ ସଦସ୍ୟମାନଙ୍କର ସେ ଆଗ୍ରହ ନାହିଁ। ଏହି ବିଭାଗରେ ୬୦ ପ୍ରତିଶତ ଅର୍ଥ କେନ୍ଦ୍ରୀୟ ଅନୁଦାନ। ବିଭାଗୀୟ ମନ୍ତ୍ରୀଙ୍କୁ ସେ ୧୨ଟି ପ୍ରଶ୍ନ ପଚାରି ଏହାର ଉତ୍ତର ରଖିବାକୁ କହିଥିଲେ। ସେ କହିଥିଲେ, କେନ୍ଦ୍ରାପଡ଼ାର ଜଣେ ପରାଜିତ ଭାଜପା ସଦସ୍ୟ ବିଡିଓ ଏବଂ ଜିଲାପାଳଙ୍କ ଉପରେ ଚାପ ପକାଇ ଏକ ପ୍ରୋଜେକ୍ଟ ସରକାରଙ୍କ ନିକଟକୁ ପଠାଇଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ। ବିଜେଡି ସରକାର ସମୟରେ ଏଭଳି କରାଯାଇଥିବାର ଗୋଟିଏ ଦୃଶ୍ୟ ଶାସକ ଦଳ ସଦସ୍ୟ ଦେଖାନ୍ତୁ। ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଯଦି କୌଣସି କମ୍ପାନୀ ଦୁର୍ନୀତି କରିଛନ୍ତି ତାଙ୍କୁ ଆଣି କାଠଗଡ଼ାରେ ଠିଆ କରାନ୍ତୁ। ବ୍ଲାକ୍‌ଲିଷ୍ଟ କରିବା ସମାଧାନ ନୁହେଁ। କାରଣ ସେମାନଙ୍କୁ ବ୍ଲାକ୍‌ଲିଷ୍ଟ କଲେ ଓଡ଼ିଶାରୁ ଯାଇ ଆଉ କେଉଁ ରାଜ୍ୟରେ ଦୋକାନ ଖୋଲିବେ ବୋଲି ପ୍ରତାପ କହିଛନ୍ତି। କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ କୁମାର ପ୍ରଧାନ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ୧୫ ବର୍ଷ ଠିକ୍ ଭାବେ କାର୍ଯ୍ୟ କରିଥିଲେ ରାଜ୍ୟଟି ସୁନା ହୋଇଯାଇଥାଆନ୍ତା। ସରପଞ୍ଚ ଅନେକ ସ୍ଥାନରେ ଠିକ୍ କାମ କରୁଛନ୍ତି, ଆହୁରି ଅନେକ ସ୍ଥାନରେ ଠିକ୍ କାମ କରୁନାହାନ୍ତି। ସେଥିଲାଗି ଆମେମାନେ ଦାୟୀ। କାରଣ ଆମେମାନେ ହେଉଛି ଆଇନ ପ୍ରଣେତା। ଗାଁରେ ହେଉଥିବା କାମର ମାନ ନିର୍ଦ୍ଧାରଣ କରାଯାଉ, ସମସ୍ତଙ୍କୁ ଟଙ୍କା ଲୋଡ଼ା ଅଛି। ହେଲେ ଗ୍ରାମାଞ୍ଚଳରେ କାମ ମଧ୍ୟ ଠିକ୍ ଭାବେ ହେବା ଦରକାର ବୋଲି ସେ କହିଛନ୍ତି। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ରାଜ୍ୟର ନୂଆ ସରକାର ବଜେଟର ୨୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିନାହାନ୍ତି। କେନ୍ଦ୍ରର ଯାହା ଅବସ୍ଥା ସେମାନେ ଆଉ ଅର୍ଥ ଦେଇପାରିବେ ନାହିଁ। ରାଜ୍ୟ ଅର୍ଥ କମିଶନକୁ ସୁଦୃଢ଼ ଯେତେ କରାଯିବ ସେତେ ଭଲ ବୋଲି ସେ କହିଛନ୍ତି। ବିଧାୟକ ଜଲେନ ନାଏକ, ପଞ୍ଚାୟତିରାଜ ବ୍ୟବସ୍ଥା ବିଗତ ଦିନରେ କିପରି କାର୍ଯ୍ୟ କରୁଥିଲା ସେକଥା କହି ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାଜପା ସଦସ୍ୟ ସନାତନ ବିଜୁଳି କହିଛନ୍ତି, ଯାହା ହେଉ ବିରୋଧୀ ସଦସ୍ୟ ପ୍ରଥମ ଥର ଲାଗି ସ୍ୱୀକାର କରିଛନ୍ତି ପଞ୍ଚାୟତିରାଜ ବିଭାଗର ସବୁ ପ୍ରକଳ୍ପରେ କେନ୍ଦ୍ର ଅର୍ଥ ୬୦ ପ୍ରତିଶତ ଥାଏ। ସେମାନେ ସରକାରରେ ଥିବାବେଳେ ଏକଥା କେବେହେଲେ ମାନି ନ ଥିଲେ। ଯାହା ହେଉ ପ୍ରଥମ ଥର ଏହାକୁ ସ୍ୱୀକାର କରିଛନ୍ତି। ଏକ ଢଗ ଛଳରେ ସେ କହିଛନ୍ତି ବିଜେଡି ବେଳରେ 'ମାଛ ତେଲରେ ମାଛ ଭଜା, କପି ପେଷ୍ଟରେ କେତେ ମଜା' ନୀତି ଆପଣା ଯାଇଥିଲା। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଅନ୍ତ୍ୟୋଦୟ ଯୋଜନାରେ ଯେତିକି ସାହାଯ୍ୟ ଲୋକଙ୍କୁ କରିହେବ ସମସ୍ତେ ଦଳମତ ନିର୍ବିଶେଷରେ ତାହା କରିବା ଦରକାର। ଏହା ହେଲେ ଉପରବାଲା ଆମକୁ ସେତିକି ଆଶୀର୍ବାଦ ଦେବେ। ଗୃହରେ ମୋଟ୍ ୧୭ ଜଣ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

# ଇସିଙ୍କଠାରୁ ମୂଳ ତଥ୍ୟ ମାଗିଲା କଂଗ୍ରେସ

## ମହାରାଷ୍ଟ୍ର ଭୋଟର ତାଲିକା ଅନିୟମିତତା ପ୍ରସଙ୍ଗ

ନୂଆଦିଲ୍ଲୀ,୩।୧୨

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟର ତାଲିକାରେ ଅସଙ୍ଗତି ଦେଖାଦେଇଥିବା ବିଷୟ ଉଠାଇ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ନିର୍ବାଚନ କମିଶନ(ଇସି)ଙ୍କୁ ଭେଟିଛନ୍ତି। ଭୋଟର ତାଲିକାରେ କେତେକଙ୍କ ନାମ ବାଦ୍ ପକାଯିବା ଓ ଯୋଡ଼ାଯିବା ନେଇ ହୋଇଥିବା ବଡ଼ଧରଣର ଅନିୟମିତତା ସଂକ୍ରାନ୍ତରେ କଂଗ୍ରେସ ଅଭିଯୋଗ କରିଛି। ବାସ୍ତବତା ଜାଣିବା ସକାଶେ ଏହି ବିରୋଧୀ ଦଳ ନିର୍ବାଚନ ସଂସ୍ଥାଠାରୁ ଏ ସଂକ୍ରାନ୍ତ ମୂଳ ତଥ୍ୟ (ର' ଡେଟା) ମାଗିଛି।

ରାଜ୍ୟ ସଭା ଏମ୍‌ପି ଅଭିଷେକ ସିଙ୍ଘଭୀ, ମୁକୁଲ ୱାସ୍‌ନିକ, ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେ, ଗୁରୁଦୀପ ସିଂ ସାପାଲ ଓ ପ୍ରବୀଣ ଚକ୍ରବର୍ତ୍ତୀ କଂଗ୍ରେସ ପ୍ରତିନିଧି ଦଳରେ ସାମିଲ ଥିଲେ। ସେମାନେ ଇସିଙ୍କୁ ଭେଟି ପାର୍ଟିର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୈଠକ ପରେ ସିଙ୍ଘଭୀ ଖବରଦାତାଙ୍କୁ କହିଛନ୍ତି, କମିଶନଙ୍କ ସହ ପ୍ରତିନିଧିମଣ୍ଡଳୀର ଆଲୋଚନା ସକାରାତ୍ମକ ଥିଲା। ତେବେ ଭୋଟର ତାଲିକାରେ ଅସଙ୍ଗତି ଗଣତନ୍ତ୍ରରେ ଅସ୍ୱାଭାବିକତା ସୃଷ୍ଟି କରିବା ସହ ଭାରତୀୟ ସମ୍ବିଧାନକୁ ପ୍ରଭାବିତ କରିଥାଏ ବୋଲି ସିଙ୍ଘଭୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ମହାରାଷ୍ଟ୍ରର ବୁଥ୍ ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ତଥ୍ୟ ଚାହୁଁଥିବା ସେ ଇସିଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ଥିବା ସ୍ୱଳ୍ପ ସମୟ ବ୍ୟବଧାନରେ କିଭଳି ୪୭ ଲକ୍ଷ ଭୋଟରଙ୍କୁ ଯୋଡ଼ାଗଲା ବୋଲି ସିଙ୍ଘଭୀ କମିଶନଙ୍କୁ ପ୍ରଶ୍ନ ପଚାରିଛନ୍ତି। କିନ୍ତୁ ଇସି ଏହା ୩୯ ଲକ୍ଷ ବୋଲି କହୁଛନ୍ତି। ତଥାପି ସେହି ସଂଖ୍ୟା ଦେଖିଲେ ଆଦୌ କମ୍ ନୁହେଁ ବୋଲି ସିଙ୍ଘଭୀ କହିବା ସହ ଏଥିରେ କେତେ ସ୍ୱଚ୍ଛତା ଅଛି ଜାଣିବା ଲାଗି ମୂଳ ତଥ୍ୟ ମାଗିଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି।




ପଟ୍ଟାମୁଣ୍ଡାଇ ସବ୍ ଡିଜିଜନ ଦାବିରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଡବଲ ଇଞ୍ଜିନ ସରକାର ଦରଦାମ୍ ନିୟନ୍ତ୍ରଣରେ ବିଫଳ: ବବି

ଯାଜପୁରରୋଡ୍,୩।୧୨
(ପବିତ୍ର ରଞ୍ଜନ ମହାନ୍ତି)

ବିଜେଡି ପକ୍ଷରୁ ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀରେ ସଭ୍ୟ ସଂଗ୍ରହ ଅଭିଯାନ ଚାଲିଛି। ମଙ୍ଗଳବାର ବ୍ୟାସନଗର ପୌର ପରିଷଦର କେଏନ୍‌ଡିଏ ସେଲିବ୍ରେସନ ମଣ୍ଡପରେ ବ୍ୟାସନଗର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଯୋଗଦେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଡବଲ୍ ଇଞ୍ଜିନ୍ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଛି। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ନିୟନ୍ତ୍ରଣରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ନିର୍ବାଚନ ଇସ୍ତାହାରରେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ବଦଳରେ ଜନସାଧାରଣଙ୍କୁ ଭକୁଆ ବନାଉଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ



ସଭ୍ୟ ସଂଗ୍ରହ ଅଭିଯାନରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ।

ନେତୃତ୍ୱରେ ଦଳ ଆହୁରି ସୁଦୃଢ଼ ହୋଇଛି ବୋଲି ବବି କହିଛନ୍ତି। ଏହି ସମାବେଶରେ ବ୍ୟାସନଗର ଉପନଗରପାଳ ସୁବାସ ଚନ୍ଦ୍ର ବଳ ସଭା ସଞ୍ଚାଳନ କରିଥିଲେ। ଡିଜିଟାଲ ଆପ୍ ମାଧ୍ୟମରେ କିପରି ନୂତନ ସଭ୍ୟ ସଂଗ୍ରହ କରିହେବ, ସେ ନେଇ ସଭ୍ୟା ତପସ୍ୱିନୀ ଶତପଥୀ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାସନଗର ବିଜେଡି ପ୍ରଭାରି ବଳଭଦ୍ର ଦାସ, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ପୂର୍ବତନ ପୌରାଧ୍ୟକ୍ଷା ସରୋଜିନୀ ବଳ, ବରିଷ୍ଠ ନେତା ମହେଶ ଧଳ, ଅମୂଲ୍ୟ ନାୟକ, ଗୋବିନ୍ଦ ଜେନା, କାଉନ୍‌ସିଲର ବିଜୟ ଜେନା, ପାର୍ଥସାରଥି ନାୟକ, ଅଶୋକ କୁମାର ରାଉତ, ସିଦ୍ଧାର୍ଥ ସାମଲ, ମଣୀନ୍ଦ୍ର ସାହୁ, ଶିବାନନ୍ଦ ନାୟକ, ଉର୍ମିଳା ପରିଡ଼ା, ମନୋଜ ପରିଡ଼ା, ବିଶ୍ୱନାଥ ସେଠୀ, ପ୍ରଭାତ କୁମାର ସାହୁ, ପରେଶ ଦାସ ଓ ବବି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କହନା କିଛି**
**ତୋତେ ଦେଖି ମୋର ହାଡ଼ ଜଳୁଛି।**

ପରସ୍ପର ମଧ୍ୟରେ ଅହି ନକୁଳ ସମ୍ପର୍କ। ଜଣଙ୍କର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହି ଡିଏଁ। ଯାହା ସଙ୍ଗେ ଯାହାର ପଡ଼ି ନ ଥାଏ ତା'ର ଉପସ୍ଥିତିକୁ ସହ୍ୟ କରି ନ ପାରି ରାଗରେ ଜଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେଉଟ**
**ଯୋଉ ବାଟେ ବାଟେ ଅଇଲ**
**ସେଇ ବାଟେ ବାଟେ ଲେଉଟା।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁକୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୋଲାଭରମ୍ ପ୍ରସଙ୍ଗ

# କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧି ମଣ୍ଡଳୀ

## ପଛୁଆ ପାଣି ପ୍ରଭାବର ଆକଳନ କରିବାକୁ ଦାବି

ଭୁବନେଶ୍ୱର,୩।୧୨(ଅନିଲ ଦାସ)

ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଓ ବିଜେଡି ରାଜ୍ୟ ସଭା ସଦସ୍ୟମାନେ ମଙ୍ଗଳବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍. ପାଟିଲଙ୍କୁ ତାଙ୍କ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଭେଟିଛନ୍ତି। ପୋଲାଭରମ୍ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲାରେ ହେବାକୁ ଥିବା କ୍ଷୟକ୍ଷତି ବିଷୟରେ ପ୍ରତିନିଧିମଣ୍ଡଳୀ ଅବଗତ କରାଇବା ସହିତ ଏଥିପାଇଁ ବିହିତ ପଦକ୍ଷେପ ନେବାକୁ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଜେଡି ତରଫରୁ ପାଟିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି, ପୋଲାଭରମ୍ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲାର ପ୍ରାୟ ୨୦୦ରୁ ଅଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା। ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଜିଲା ଉପରେ କ'ଣ ପ୍ରଭାବ ପକାଇବ ତାହାର ଆକଳନ କରାଯାଇ ନଥିଲା। ୨୦୦୭ରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରେ ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି। ଏହାପରେ ମଧ୍ୟ ଏହି ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପ ହେଲେ, ବ୍ୟାକୱାଟର ବା ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ, ତାହାର ଆକଳନ କରାଯାଇ ନାହିଁ। ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି, ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା୨୩୨.୨ ମିଟର ହେବ।



ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍. ପାଟିଲଙ୍କୁ ସାକ୍ଷାତ କରୁଛନ୍ତି ବିଜେଡି ପ୍ରତିନିଧି ଦଳ।

ଏହି ପ୍ରକଳ୍ପକୁ ପୂରଣ କରିବା ପାଇଁ କେନ୍ଦ୍ର ବଜେଟରେ ୧୫ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଥିଲା। ଏହି ଅନୁଦାନ ଘୋଷଣା ପରେ ମାଲକାନଗିରି ଜିଲା ବାସିନ୍ଦାମାନଙ୍କ ମଧ୍ୟରେ ନାନା ଆଶଙ୍କା ଦେଖାଯାଇଥିଲା। ମାଲକାନଗିରି ଜିଲାର ବାସିନ୍ଦାଙ୍କ ଆଶଙ୍କାକୁ ସମ୍ମାନ ଜଣାଇ ବିଜେଡି ସଭାପତି ପ୍ରଥମେ ମାଲକାନଗିରି ଓ ପରେ ପ୍ରକଳ୍ପ ଅଞ୍ଚଳକୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇଥିଲେ। ପ୍ରକଳ୍ପ ଅଞ୍ଚଳରେ କାମ ଆରମ୍ଭ କରିବା ପାଇଁ ତତ୍ପରତା ଦେଖିବାକୁ ମିଳିଥିଲା। ଏହାର ପ୍ରଭାବ କେଉଁ କେଉଁ ଅଞ୍ଚଳ ଉପରେ ପଡ଼ିବ ତାହା କେବଳ ସିଡବ୍ଲ୍ୟୁସିର ଅଧିକାରୀମାନେ କହିପାରିବେ ବୋଲି ସେଠାକାର ଅଧିକାରୀମାନେ କହିଥିଲେ। ବିଶେଷଜ୍ଞମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି, ଏହି ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ମୋଟୁ ଓ ପଡ଼ିଆ ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ। ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନ ଶୁଣାଣି ହୋଇ ନ ଥିବାରୁ, ଏହା ମଧ୍ୟ ତୁରନ୍ତ କରାଯାଉ ବୋଲି ବିଜେଡି ତରଫରୁ ଦାବି କରାଯାଇଛି।

ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ମୁଜିବୁଲା ଖାନ୍, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ରମେଶ ମାଝୀ, ପ୍ରଦୀପ ମାଝୀ, ମନୋହର ରନ୍ଧାରୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

# ୨୦୩୦ ସୁଦ୍ଧା ଆମଦାନୀ ୧୦ ନିୟୁତ ଟନ୍ ଛୁଇଁବ

**ନୂଆଦିଲ୍ଲୀ,୩।୧୨**

ଦୀର୍ଘଦିନର ଦାବି ଓ ପ୍ରୟାସକୁ ନିକଟରେ କେନ୍ଦ୍ର ସରକାର ସମ୍ମତି ଜଣାଇବା ସହିତ ଚାଇନାରୁ ଆମଦାନୀ କରାଯାଉଥିବା ତଥା ସୋଲାର ପ୍ୟାନେଲ ପାଇଁ ପ୍ରମୁଖ ଉପାଦାନଗୁଡ଼ିକ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲଗାଯାଇଛି। ଏପରିକି ସୋଲାର ପ୍ୟାନେଲ ଓ ମଡ୍ୟୁଲ ପାଇଁ ଆନାଡାଇଜଡ ଆଲୁମିନିୟମ ଫ୍ରେମ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବା ନିଷ୍ପତ୍ତିକୁ ଆଲୁମିନିୟମ ଆସୋସିଏସନ ଅଫ ଇଣ୍ଡିଆ (ଏଏଆଇ) ସ୍ୱାଗତ କରିଛି। ଯେହେତୁ ଏହା ବ୍ୟାପକ ଘରୋଇ ବଜାର ପ୍ରବେଶ ସହିତ ସେମାନଙ୍କୁ ଆଲୁମିନିୟମ ଉଦ୍ୟୋଗ ଲାଗି ସହାୟତା ପ୍ରଦାନ କରିବ।

୨୦୨୫ ବଜେଟ ଉପରେ ଆମଦାନୀରୁ ଅଧିକ ଶକ୍ତିଶାଳୀ ବଜାର ପ୍ରବେଶକୁ ସୁଗମ କରିବାରେ ଆଲୁମିନିୟମ ଶିଳ୍ପ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ଏହା ନୂଆ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ଏମ୍ଏସ୍ଏମଇ ଅଭିବୃଦ୍ଧି ଓ ସାମାଜିକ ଅର୍ଥନୀତିକ ବିକାଶରେ ସହାୟକ ହେବ।

ଘରୋଇ ଆଲୁମିନିୟମ ଶିଳ୍ପ, ଆଲୁମିନିୟମ ଆମଦାନୀରେ ବହୁଳ ଭାବେ ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦକୁ ବଜାରରେ ବୈଦେଶିକ ସ୍କ୍ରାପ ଗଠନ କରୁଥିବାବେଳେ ଏହି ପ୍ରସଙ୍ଗରେ ପ୍ରତିନିଧିତ୍ୱ ଦାଖଲ କରାଯାଇଛି। ଏପରିକି ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉତ୍ପାଦ ଉପରେ ୭.୫% ରୁ ୧୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଓ ଅଧିକ ଗୁଣାତ୍ମକ ସୁରକ୍ଷା ପାଇଁ ଆଲୁମିନିୟମ ସ୍କ୍ରାପ ଉପରେ ୭.୫% ସମାନ ଡ୍ୟୁଟି ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି।

ଅତ୍ୟଧିକ ଆମଦାନୀ କ୍ଷତିକାରକ ଡମ୍ପିଂକୁ ଚିହ୍ନଟ କରି ଅର୍ଥ ମନ୍ତ୍ରଣାଳୟ ଏହି ନୂଆ ବିଜ୍ଞପ୍ତିରେ ଆଣ୍ଟି ଡମ୍ପିଂ ଡ୍ୟୁଟିନୋଟ ଘୋଷଣା କରିଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ପ୍ରଭାବଶାଳୀ ଓ ଏହା ୫ ବର୍ଷ ପାଇଁ କାର୍ଯ୍ୟ କରିବ। ଏହାର ଚାହିଦା ବୃଦ୍ଧି ସହ ୨୦୩୦ ସୁଦ୍ଧା ୧୦ ନିୟୁତ ଟନରେ ପହଞ୍ଚିବ ବୋଲି ଆଶା କରାଯାଉଛି।


ଆଲୁମିନିୟମ ଆମଦାନୀ ବର୍ତ୍ତମାନ ଭାରତର ମୋଟ ଚାହିଦାର ୫୪% ରହିଥିଲାବେଳେ ଏହା ୫୬,୨୯୧ କୋଟି ବା ଭାରତର ମୋଟ ଆମଦାନୀ ବିଲର ୧% ଏକ ଫୋରେକ୍ସ ଆଉଟଗୋକୁ ପ୍ରତିନିଧିତ୍ୱ କରୁଛି।

ଉନ୍ନତ ଅର୍ଥ ବ୍ୟବସ୍ଥାରେ ଏହା ବିଶ୍ୱସ୍ତରୀୟ ଧାରାକୁ ବିରୋଧ କରିବ। ଯେଉଁମାନେ ଆଲୁମିନିୟମ ଶିଳ୍ପକୁ ରଣନୀତିକ ଉତ୍ସ ଭାବେ ସୁରକ୍ଷା ଦେବା ଲାଗି ପଦକ୍ଷେପ ନେଇଛନ୍ତି। ଉଦାହରଣ ସ୍ୱରୂପ ଆଲୁମିନିୟମ ଆମଦାନୀ ଉପରେ ୟୁଏସ ପୂର୍ବରୁ ୧୦% ଶୁଳ୍କ ଲାଗୁ କରିଥିଲାବେଳେ ଚାଇନା ଆମେରିକାରୁ ଆଲୁମିନିୟମ ସ୍କ୍ରାପ ଆମଦାନୀ ଉପରେ ୨୫% ଶୁଳ୍କ ଲାଗୁ କରିଛି, ଏଥିରେ ଅତିରିକ୍ତ ପ୍ରତିବନ୍ଧକ ମଧ୍ୟ ରହିଛି। ଭାରତ ସର୍ବବୃହତ ଆଲୁମିନିୟମ ସ୍କ୍ରାପ ଆମଦାନୀକାରୀ ଭାବେ ଚାଇନାକୁ ଅତିକ୍ରମ କରିଛି, ଯାହା ଘରୋଇ ଆଲୁମିନିୟମ ଶିଳ୍ପ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

ଏହିପରି ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବା ଲାଗି ସବୁ ଆଲୁମିନିୟମ ଘରୋଇ ଶିଳ୍ପର ଅଭିବୃଦ୍ଧି ପାଇଁ ଏହା ଏକ ସକାରାତ୍ମକ ପଦକ୍ଷେପ ହେବ।

ଏ ନେଇ ଆଲୁମିନିୟମ ସଂଘ କହିଛି, ଏହା ଲାଗୁ କରିବା ଲାଗି ଅନେକ ପ୍ରୟାସ କରାଯାଇଥିଲା। ଏପରିକି ଭାରତରେ ଏକ ଆତ୍ମନିର୍ଭରଶୀଳ ତଥା ପ୍ରତିଯୋଗୀ ଆଲୁମିନିୟମ ଶିଳ୍ପ ପ୍ରତିପାଦନ କରିବା ସହିତ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଆଗାମୀ ବଜେଟରେ ଘରୋଇ ଆଲୁମିନିୟମ ଶିଳ୍ପକୁ ସଶକ୍ତ କରିବା ଲାଗି ସେମାନେ ଆଶାବାଦୀ ଅଛନ୍ତି, ସେମାନଙ୍କ ଚାହିଦା ପୂରଣ ଓ ସେମାନଙ୍କୁ ଅତିରିକ୍ତ କ୍ଷମତା ବିନିଯୋଗ କରିବାକୁ ମଧ୍ୟ ଉତ୍ସାହିତ କରିବ।

ନୂଆ କରି ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ଆଲୁମିନିୟମର ମୂଲ୍ୟଯୋଗକୁ ପ୍ରୋତ୍ସାହିତ କରିବ। ଏପରିକି ଏକ ବିକଶିତ ଭାରତ ଗଠନ ଦିଗରେ ସରକାରଙ୍କ ସକାରାତ୍ମକ ପଦକ୍ଷେପ ଗ୍ରହଣ ବହୁତ ଜରୁରୀ ବୋଲି ସଂଘ ମତ ପ୍ରକାଶ କରିଛି।



ନୂଆ ଆଣ୍ଟି ଡମ୍ପିଂ ଶୁଳ୍କରୁ ଡାଉନଷ୍ଟ୍ରିମ ଆଲୁମିନିୟମ କମ୍ପାନିଗୁଡ଼ିକୁ ଲାଭ ମିଳିବ

# ଏପିବିର ୨୮,୦୦୦ରୁ ଅଧିକ ବ୍ୟାଙ୍କିଙ୍ଗ୍ ପଏଣ୍ଟ

**ଭୁବନେଶ୍ୱର,୩।୧୨**

ଓଡ଼ିଶାର ମହିଳାମାନେ ବର୍ତ୍ତମାନ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ (ଏପିବି) ସହ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଲାଭ ଉଠାଇପାରିବେ। ଏପରିକି ବଞ୍ଚିତ ଏବଂ ଅଣ ବ୍ୟାଙ୍କିଙ୍ଗ୍ ଅଞ୍ଚଳଗୁଡ଼ିକରେ ମଧ୍ୟ ଏପିବିର ୧୦,୧୫୮ ପଏଣ୍ଟ ସମେତ ଓଡ଼ିଶାରେ ୨୮,୦୦୦ରୁ ଅଧିକ ବ୍ୟାଙ୍କିଙ୍ଗ୍ ପଏଣ୍ଟ ରହିଛି। ଏହାଦ୍ୱାରା ମହିଳା ହିତାଧିକାରୀମାନେ କିଛି ମିନିଟ୍ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ। ଏହି ଆକାଉଣ୍ଟଗୁଡ଼ିକୁ ସୁଭଦ୍ରା ଏବଂ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଯୋଜନା ସହ ସଂଯୋଗ କରାଯାଇପାରିବ, ଯାହା ଦ୍ରୁତ ଏବଂ ସୁରକ୍ଷିତ ଆର୍ଥିକ ସହାୟତା ସୁନିଶ୍ଚିତ କରୁଛି। ସୁଭଦ୍ରା ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି, ଯାହାକୁ ୫ବର୍ଷ ମଧ୍ୟରେ ବାର୍ଷିକ ୧୦,୦୦୦ ଟଙ୍କା ହିସାବରେ ବଣ୍ଟନ କରାଯାଉଛି। ୨୦୨୪ ସେପ୍ଟେମ୍ବର ୧୭ରେ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବା ବେଳେ ହିତାଧିକାରୀମାନେ ଏପିବିର ନେଟ୍‌ୱାର୍କ ବ୍ୟବହାରକରି ସହଜରେ ସେମାନଙ୍କ ପାଣ୍ଠି ପରିଚାଳନା କରିପାରିବେ,ଯାହା ଅଣବ୍ୟାଙ୍କିଙ୍ଗ୍ ଅଞ୍ଚଳରେ ୫,୭୮୮ଗ୍ରାମକୁ ସେବା ପ୍ରଦାନ କରୁଛି। ସାରା ଓଡ଼ିଶାରେ ୩,୮୧୮ ମହିଳା ବ୍ୟାଙ୍କିଙ୍ଗ୍ ପ୍ରତିନିଧିଙ୍କ ସହ ଏପିବି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଇ ରାଜ୍ୟର କୋଣ ଅନୁକୋଣରେ ଅତ୍ୟାବଶ୍ୟକ ଆର୍ଥିକ ସେବା ଉପଲବ୍ଧ କରାଇଛି।

ଏ ସମ୍ପର୍କରେ ଏପିବିର ସିଇଓ ଗଣେଶ ଅନନ୍ତ ନାରାୟଣନ କହିଛନ୍ତି, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଓଡ଼ିଶା ସରକାରଙ୍କ ଦୃଷ୍ଟିକୋଣକୁ ସହଯୋଗ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ସୁଭଦ୍ରା ସହ ଲିଙ୍କ୍ ହୋଇପାରୁଥିବା ଆକାଉଣ୍ଟ ଖୋଲିବା ପାଇଁ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଚୟନ ହୋଇଥିବା ଯୋଗୁ ଆମେ ବେଶ୍ ଆନନ୍ଦିତ ଅଛୁ। ଆମର ଦୃଢ଼ ନେଟ୍‌ୱାର୍କ ସହିତ ଆମେ ମହିଳା ହିତାଧିକାରୀଙ୍କ ପାଇଁ ବ୍ୟାଙ୍କିଙ୍ଗ୍‌କୁ ଶୀଘ୍ର, ସରଳ ଏବଂ ପହଞ୍ଚଯୋଗ୍ୟ କରାଇ ସେମାନଙ୍କୁ ସୁଭଦ୍ରା ଯୋଜନାର ଲାଭ ପାଇବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବାରେ ସାହାଯ୍ୟ କରୁଛୁ। ହିତାଧିକାରୀମାନେ ସେମାନଙ୍କର ଇକୋ-ଫ୍ରେଣ୍ଡ୍‌ଲି ଡେବିଟ୍ କାର୍ଡ ମଧ୍ୟ ପାଇପାରିବେ। ଯାହା ଏପିବି ଆକାଉଣ୍ଟ ସହିତ ଲିଙ୍କ୍ ହୋଇଥିବା ଅନେକ ସୁବିଧା ସହ ଆସିଥାଏ। ଏପିବିର ଉପଭୋକ୍ତା ଅନୁକୂଳ ପ୍ରକ୍ରିୟା ସହିତ ହିତାଧିକାରୀମାନେ ଶୀଘ୍ର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ, ଯାହାଦ୍ୱାରା ଏହି ଯୋଜନାର ଲାଭ ସହଜରେ ମିଳିପାରିବ। ସୁଭଦ୍ରା ଯୋଜନା ଓଡ଼ିଶାର ସମସ୍ତ ୩୦ଟି ଜିଲାରେ କାର୍ଯ୍ୟକାରୀ ହେବ, ଯାହାଦ୍ୱାରା ପ୍ରତ୍ୟେକ ଯୋଗ୍ୟ ମହିଳା ଉପକୃତ ହେବେ। ଏପିବି ଏହି ଯୋଜନାର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସମର୍ପିତ, ଯାହା ସାରା ରାଜ୍ୟରେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଏବଂ କଲ୍ୟାଣକୁ ଆଗକୁ ବଢ଼ାଉଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୩।୧୨**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୯୮ (୫୯୭.୬୭) ପଏଣ୍ଟ ବଢ଼ି ୮୦,୮୪୬ (୮୦,୮୪୫.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୧ (୧୮୧.୧୦) ପଏଣ୍ଟ ବୃଦ୍ଧି ଘଟି ୨୪,୪୫୭ (୨୪,୪୫୭.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଆଇପ୍ରୁ-ଏଜ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩।୧୨**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ ଆଇପିଆର୍‌ୟୁ ବା ଆଇପ୍ରୁ-ଏଜ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ପରାମର୍ଶଦାତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଉଥିବା ଏହି ସୁବିଧା, ଯାହାକି ଚଳିତ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ ସେମାନଙ୍କର ଉତ୍ପାଦକତାରେ ୩୭%ବୃଦ୍ଧି ଘଟାଇଛି ଏବଂ ଏହା ସେମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ ଭାବେ ଆଇପ୍ରୁ-ଏଜ୍ ବ୍ୟବହାର କରୁଥିବା ଏହାର ୯୮.୧% ଏଜେଣ୍ଟଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି।

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ସେଲ୍‌ସ, ପ୍ରୋପ୍ରିଏଟାରି ଚ୍ୟାନେଲ ବିଭାଗର ମୁଖ୍ୟ ରାଜୀବ ଅରୋରା କହିଛନ୍ତି, ଆମର ମୋବାଇଲ ଆପ୍ ଆଇପ୍ରୁ-ଏଜ୍ କମ୍ପାନୀର ଏଜେଣ୍ଟମାନଙ୍କୁ ନିଜର ବ୍ୟବସାୟ ବୃଦ୍ଧି କରିବା ପାଇଁ ସକ୍ଷମ କରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସେମାନଙ୍କ ଉତ୍ପାଦକତାରେ ଆମେ ପରିଲକ୍ଷିତ କରିଥିବା ୩୭% ବୃଦ୍ଧିରୁ ଏହା ପ୍ରମାଣିତ ହୋଇଛି। ଏହାବ୍ୟତୀତ ଏହି ମୋବାଇଲ ଆପ୍‌କୁ ବ୍ୟବହାର କରୁଥିବା ୯୮.୧% ପରାମର୍ଶଦାତାଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି। ଏଭଳି ପଦକ୍ଷେପଗୁଡିକ ଆମକୁ ଦେଶର ସର୍ବାଧିକ ପରାମର୍ଶଦାତା ଅନୁକୂଳ ଜୀବନ ବୀମା ପ୍ରଦାନକାରୀ ସଂସ୍ଥାରେ ପରିଣତ ହେବା ପାଇଁ ସକ୍ଷମ କରିଛି। ଉଲ୍ଲେଖଯୋଗ୍ୟ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ହେଉଛି ପ୍ରଥମ ଜୀବନ ବୀମା ପ୍ରଦାନକାରୀ ସଂସ୍ଥା, ଯାହା ନିର୍ଦ୍ଦିଷ୍ଟ ବିତରଣକାରୀଙ୍କୁ ସମାନ ଦିନରେ କମିଶନ ପ୍ରଦାନ କରୁଛି।


## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

No.O-761:

At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.e-tender//3929//RWC//BAM//Dated 30.11.24

**1st Corrigendum to Bid Identification No.Online Tender/13-2024-25/BPR**

1) The partial modification of Road works under PERIODICAL MAINTENANCE vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **20.12.2024 to 03.01.2025 upto 5.30 PM** instead of 05.12.2024 to 20.12.2024 upto 5.30 P.M. |
| 2 | Last Date & Time of seeking tender clarification | :: | **01.01.2025 at 5.30 PM** instead of 18.12.2024 at 5.30 PM |
| 3 | Date of opening of Technical Bid | :: | **04.01.2025 at 11.00 AM** instead of 21.12.2024 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.

OIPR-25071/11/0020/2425 — Sd./- Chief Engineer, R.W.Circle, Berhampur

## DISTRICT PROJECT OFFICE, SAMAGRA SIKSHA, JHARSUGUDA

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

No.2229/PDG/2024 — Date:30.11.24

**NOTICE INVITING TENDER (NIT)**

**No.n-168:** Sealed tenders are invited from the reputed & credible printers/ firms/agencies for **printing & supply of "Holistic Progress Card for Class-I to VIII** Students in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1000/- | Rs.4000/- | 16.12.24, 05 PM | 17.12.24, 11 A.M. |

The detailed BID documents available in the website http://jharsuguda.odisha.gov.in and http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly, Corrigendum/addendum, if required, will be uploaded in the above website. Hence, potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/ all BID/ Cancel the entire selection process at any stage without assigning any reason thereof.

By the order of Collector-cum-Chairman
Sd./- District Project Coordinator
Samagra Shikhya, Jharsuguda

OIPR-27153/11/0009/2425

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

E-mail: ceroads.bbsr@gmail.com

**Bid Identification No.CE-Roads-II-21/2024-25**

**No.B-721a:** 1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below:
2. Nature of Work : Road Works
3. No. of Work : 6 Nos.
4. Tender Paper Cost : Rs.10,000.00
5. Class of Contractor : A Class/ Special Class/Super Class
6. Available of bid document in the website : From 10.00 A.M. of 12.12.2024 to 5.30 P.M. of 30.12.2024.
7. Date of Opening of Bid : Dt.31.12.2024 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0001/2425

## GOVERNMENT OF ODISHA, "e" PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER KHORDHA (R&B) CIRCLE, KHORDHA

No. B-718

E-mail: rbcirclekhurda@gmail.com

**WORKS DEPARTMENT**
**SHORT TENDER CALL NOTICE**

Bid Identification No. CCE-Khordha (R&B) Circle-18/2024-25
Memo No. 2346 — Dt.29.11.2024

No. B-718: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for Bridge works as detailed in the table below:
1. Nature of Work : Bridge Work
2. No. of Work : 1 No.
3. Tender Cost : Rs.10000.00 (Online)
4. Class of Contractor : Special, A Class
5. Available of Bid document in the website : From 10.00 A.M. of Dt.07.12.2024 upto 05.00 P.M. of Dt.17.12.2024 upto 5.00 P.M.
6. Date of opening of Bid : Dt.18.12.2024 at 11.30 A.M.
7. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0020/2425

## OFFICE OF THE COLLECTOR & DISTRICT MAGISTRATE, SAMBALPUR

**(NIZARAT SECTION)**

E-mail : nizaratsection1111@gmail.com

No.F-84:- sealed tenders are invited for award of contract for providing group D Manpower in Sambalpur District under Revenue Administration. For details advertisement kindly visit official website **sambalpur.odisha.gov.in**.

Sd./-
Collector, Sambalpur
OIPR-15013/11/0026/2425

## EXPRESSION OF INTEREST

**No.4017** — **Dt.30.11.2024**

Name of the work:- Expression of Interest for procurement of Blanket. The last date & time for submission of offers **17.12.2024 at 2.00 P.M.** Refer website for details-**www.boyanika.com**. All the information on this EOI will be available in the above website from 02.12.2024

SD/-
Managing Director
Boyanika

No. CAD-1759 OIPR-31004/11/0062/2425

## SURVEY & MAP PUBLICATION

**At-Badajobra, PO-College Square**
**Cuttack-753003**

e-Mail: surveymappublication@gmail.com

**TENDER CALL NOTICE No.1468/MP**
**Dated. 30.11.2024**

**No.F-85:** The Addl. Director, Survey & Map Publication, Odisha, Cuttack invites sealed Tender for Purchase of Diesel Genset from Manufacturer/ Distributor/ Dealer of India, as per the specification detailed mentioned in the Tender Document. The Tender document is available in Odisha Govt. Website www.odisha.gov.in and can be download for submission by 23.12.2024 at 5.00 P.M.

Sd./-Addl. Director
Survey & Map Publication,
Odisha, Cuttack

OIPR-24043/11/0003/2425

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail: imagebbsr@rediffmail.com

**WALK-IN-INTERVIEW**

No.L-100:- Walk-in-Interview will be conducted for the position of State Food Systems Expert (State Technical Coordinator) under GEF-7 FOLUR Project, Odisha at **IMAGE, Bhubaneswar** on **12.12.2024**. For details of advertisement, the departmental website: **www.agri.odisha.gov.in** may be referred for eligibility, remuneration, place of posting etc. No TA / DA are admissible for attending the Interview. It is the complete discretion of the authority to cancel / reject / modify the selection process at any point of time without assigning any reason thereof.

OIPR-01408/11/0016/2425 — Sd./- Director, IMAGE

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE

No. B-719

e-mail ID: supenger_rbjyp@yahoo.co.in, Phone No.: 06854-231528

**INVITATIONS FOR BIDS (IFB)**

Bid Identification No. C.C.E.J.C. (R&B) - 09/2024-25
No. 4114 — Date: 29.11.2024

1. Nature of the Work : Building Works
2. Total No. of Works : 06 (Six) Nos.
3. Tender Cost : Rs.100.52 to 276.01 Lacs
4. Period of Completion : 07 (Seven) to 11 (Eleven) Calendar Months
5. Cost of Bid Document : Rs.10,000/-
6. Bid Security (EMD) : Rs.1,00,500 to 2,76,000 as per Column No. 06 of IFB
7. Class of Contractor : "B" & "A" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 11.00 hours of 07.12.2024 to 17.00 hours of 23.12.2024
9. Last date/time for receipt of bids in the portal : 17.00 hours of 23.12.2024
10. Opening date of Bid : 10.00 hours of 24.12.2024
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- (I/C) Chief Construction Engineer
Jeypore (R&B) Circle, Jeypore
OIPR-34108/11/0014/2425

## OFFICE OF THE SUPERINTENDING ENGINEER ELECTRICAL CIRCLE (R&B)
## NIRMAN SOUDHA, BHUBANESWAR

E-mail: seec.bbsr2010@gmail.com

**Bid Identification No.S.E.E.C (R&B) 09/2024-25**
**No.3647/ Date 30.11.2024**

**No.B-721:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt.04.12.2024 at 05.00 P.M. to dt.19.12.2024 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.20.12.2024 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.Addendum / Corrigendum, if required, will be available only in the Website

Sd./-Superintending Engineer
OIPR-34006/11/0011/2425 Electrical Circle (R&B) Odisha, BBSR

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER SOUTHERN N.H. CIRCLE, BERHAMPUR

Email-senhsouthbam@gmail.com

**INVITATION FOR BIDS**

**BID IDENTIFICATION NO.14/CCE, NH, SOUTH OF 2024-25**
**(e-Procurement)**
**Bid Identification No.14/CCE NH South of 2024-25**
**No.3815/Dated 27.11.2024**

**No.b-21:** 1) The Chief Construction Engineer, Southern N.H. Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road Works as detailed in the table below.
2) Nature of Work : Road
3) No. of Work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B" Class
6) Availability of Bid document in the website : From 05.12.2024 11.00 AM to 19.12.2024 5.30 PM
7) Date of Opening of Bid : 20.12.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur
OIPR-34148/11/0006/2425

## OFFICE OF THE DEPUTY DIRECTOR OF HORTICULTURE, KEONJHAR

Letter No. 7414 / Hort. dt. 29.11.2024 /

**INVITATION OF EXPRESSION OF INTEREST (EOI)**

No. L-101:- Deputy Director of Horticulture, Keonjhar invites Expression of Interest (EoI) from Farmer Producer Organization / Producer Companies of Keonjhar District to provide day to day operational support of Techno Incubation Centre (TIC) at Kuanr Farm, Banspal, Keonjhar on different aspects of Jackfruit processing.

The EoI document containing the details of qualification criteria, submission requirements, brief objectives scope of work and evaluation criteria etc. can be downloaded from District NIC Portal i.e. www.kendujhar.gov.in

Further clarification if any may be obtained from O/o. Deputy Director of Horticulture, Keonjhar.

The Last date of submission of EoI is 17.12.2024. The EoI should be submitted to the Office of the Deputy Director of Horticulture, Keonjhar on or before 17.12.2024 by 5:30 PM through Registered Post / Speed Post and by no other means.

Application meeting the qualification criteria may be invited for presentation before the panel. Further based on the evaluation, tripartite agreement will be subsequently done with the shortlisted applicants only.

Sd./- Dy. Director of Horticulture,
Keonjhar

**Note:** Deputy Director of Horticulture, Keonjhar reserves the right to cancel this request for EoI / and or invite EoI afresh with or without amendments, without liability or any obligation for such request for EoI and without assigning any reasons thereof.

OIPR-01405/11/0001/2425

## ଓଡ଼ିଶା ସରକାର
## ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଜପୁର ଜଳସେଚନ ବିଭାଜନ

No.A-659:

ଫୋନ୍ ନଂ.06728-222022,ଇ-ମେଲ୍-jpt.irrigation@gmail.com

**'e'-Procurement Notice No.13/2024-25**

1. କାର୍ଯ୍ୟର ନାମ : ରାସ୍ତା ଏବଂ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟର ସଂଖ୍ୟା : ୦୯ (ନଅ ଗୋଟି କାର୍ଯ୍ୟ)
3. ଅଟକଳ ମୂଲ୍ୟ : ୧୦.୬୬ ଠାରୁ ୮୪.୪୩ ଲକ୍ଷ
୪. ଇ.ଏମ୍.ଡି (Bid Security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/ WE Dated 05.12.2017 as Mentioned in DTCN
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:
I. Procurement Officer : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ ଯାଜପୁର
II. ଅନ୍‌ଲାଇନ Biddingର ସମୟସୀମା : ତା.୦୩.୧୨.୨୦୨୪ ଦିବା ୧୦ ଘଟିକାରୁ ତା. ୧୮.୧୨.୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୧୨.୨୦୨୪ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୪.୧୨.୨୦୨୪ ଦିବା ୧୧.୦୦ ଘଟିକା ସମୟରେ।


ଅନ୍ୟାନ୍ୟ ତଥ୍ୟ ଏହି ୱେବ୍‌ସାଇଟରେ ପ୍ରଦାନ କରାଯାଇଛି। www.tendersorissa.gov.in

ସ୍ୱା./-ଅଧିକ୍ଷଣ ଯନ୍ତ୍ରୀ,
ଯାଜପୁର ଜଳସେଚନ ବିଭାଜନ, ଯାଜପୁର
OIPR-32130/11/0018/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସାଗ୍ନିକ ପରିବାରବର୍ଗ


ତନୁଜରାଜ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍ ଅନ୍ତର୍ଜାତୀୟ ଚେସ୍: ଉତ୍କଳ ମିଳିତ ଅଗ୍ରଣୀ

**ଭୁବନେଶ୍ୱର,୩।୧୨ (ତପନ ସ୍ୱାଇଁ)**

ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ 'ଏ' ବର୍ଗର ୨ଟି ରାଉଣ୍ଡ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୨ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶାର ଉତ୍କଳ ରଞ୍ଜନ ସାହୁଙ୍କ ସମେତ ୩୬ ଖେଳାଳି ପୂରା ୨ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ରହିଛନ୍ତି। ତେବେ ରୁଷିଆର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଡାଭିଡ ଗୋଚେଲାଶଭିଲି ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ୨୨୮୩ ରେଟିଂରେ ଥିବା ଉତ୍କଳ ନିଜ ପ୍ରଥମ ରାଉଣ୍ଡ ଗେମ୍‌ରେ ତେଲେଙ୍ଗାନାର ଶୌନକ ଚନ୍ଦାଙ୍କୁ ଏବଂ ଦ୍ୱିତୀୟ ରାଉଣ୍ଡରେ ତାମିଲନାଡୁର ଆର. ଅନିରୁଦ୍ଧଙ୍କୁ ପରାସ୍ତ କରିଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମନିଦ୍ରା କାର୍ଜି ମଧ୍ୟ ୨ ପଏଣ୍ଟ ପାଇଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚେସ୍ ମହୋତ୍ସବ 'ଏ', 'ବି' ଓ 'ସି' ତିନୋଟି ବର୍ଗରେ ଖେଳାଯିବ। 'ଏ' ବର୍ଗରେ ସବୁ ବର୍ଗ ଖେଳୁଥିବାବେଳେ 'ବି' ବର୍ଗରେ ୧୯୦୦ରୁ କମ୍ ରେଟିଂ ଏବଂ 'ସି' ବର୍ଗରେ ୧୭୦୦ରୁ କମ ରେଟିଂ ବର୍ଗର ଖେଳାଳି ଖେଳିବେ।

# ଅଣ ୟୁରୋପୀୟ କ୍ଲବରୁ ମେସି, ରୋନାଲ୍ଡୋ

## ଶ୍ରେଷ୍ଠ ଖେଳାଳି ତାଲିକା

**ହୁଫଡ୍ରପ୍,୩।୧୨ (ପି.ଟି.)**

ୟୁରୋପୀୟ କ୍ଲବ ପକ୍ଷରୁ ଖେଳିବା ବନ୍ଦ କରିସାରିଥିଲେ ମଧ୍ୟ ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ଶ୍ରେଷ୍ଠ ଏକାଦଶର ମନୋନୀତ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ୨୪ ଜଣିଆ ତାଲିକାରେ ଅଣ ୟୁରୋପୀୟ କ୍ଲବ ପକ୍ଷରୁ ଖେଳୁଥିବା ଏହି ଦୁଇ ଖେଳାଳି ସ୍ଥାନ ପାଇଥିବା ବେଳେ ଅନ୍ୟ ସମସ୍ତ ମନୋନୀତ ଖେଳାଳିଙ୍କ ମଧ୍ୟରେ ୟୁରୋପୀୟ ଖେଳାଳି ରହିଛନ୍ତି। ପୂର୍ବତନ ଖେଳାଳିମାନଙ୍କ ଭୋଟିଂ ଅନୁସାରେ ଏହି ତାଲିକା ପ୍ରସ୍ତୁତ କରାଯାଇଥିଲା। ୩୭ ବର୍ଷୀୟ ମେସି ଇଣ୍ଟର ମାୟାମି ଓ ୩୯ ବର୍ଷୀୟ ରୋନାଲ୍ଡୋ ସାଉଦି ଆରବ କ୍ଲବ ଅଲ ନାସର ପାଇଁ ଖେଳୁଛନ୍ତି।




ଧ-୨୧୪୭



ଧ-୨୧୪୮


# ବ୍ରାଡମ୍ୟାନଙ୍କ ଟୋପି ୨.୬୩ କୋଟିରେ ବିକ୍ରି

**ସିଡ୍‌ନୀ, ୩।୧୨ (ପି.ଟି.)**

ସାର୍ ଡନ୍ ବ୍ରାଡମ୍ୟାନଙ୍କ ଆଇକନିକ ବ୍ୟାଗି ଗ୍ରୀନ କ୍ୟାପ୍ ୨.୬୩ କୋଟି ଟଙ୍କା ମୂଲ୍ୟରେ ନିଲାମ ହୋଇଛି। ନିଲାମକାରୀ ସଂସ୍ଥା ବନହାମାସ କହିଛି, ବ୍ରାଡ୍‌ମ୍ୟାନ ତାଙ୍କର ଏହି ଟୋପିକୁ ୮୦ ବର୍ଷ ପୂର୍ବେ ଅର୍ଥାତ ୧୯୪୭-୪୮ରେ ଭାରତର ଅଷ୍ଟ୍ରେଲିଆ ଟୁର୍ ସମୟରେ ପିନ୍ଧିଥିଲେ। ଘରୋଇ ମାଟିରେ ଏହା ଥିଲା ତାଙ୍କର ଶେଷ ଟେଷ୍ଟ ସିରିଜ। ବ୍ରାଡମ୍ୟାନଙ୍କୁ କ୍ରିକେଟର ଶ୍ରେଷ୍ଠ ବ୍ୟାଟର ବୋଲି କୁହାଯାଇଥାଏ। ଭାରତ ବିପକ୍ଷ ସିରିଜରେ ସେ ୧୭୮.୭୫ ଆଭରେଜରେ ୬ଟି ଇନିଂସରେ ୭୧୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ତିନୋଟି ଶତକ ଏବଂ ଗୋଟିଏ ଦ୍ୱିଶତକ ରହିଥିଲା। ଅଷ୍ଟ୍ରେଲିଆ ଏହି ସିରିଜ ୪-୦ରେ ବିଜୟୀ ହୋଇଥିଲା। ବ୍ରାଡମ୍ୟାନଙ୍କର ୨୦୦୧ରେ ୯୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଟେଷ୍ଟ ଇନିଂସ ପିଛା ତାଙ୍କର ଆଭରେଜ ୯୯.୯୪ ଥିଲା, ଯାହାକି ଆଶ୍ଚର୍ଯ୍ୟଜନକ ମନେ ହୁଏ। ବ୍ରାଡମ୍ୟାନ ଭ୍ରମଣକାରୀ ଦଳର ମ୍ୟାନେଜର ପଙ୍କଜ ଗୁପ୍ତାଙ୍କୁ ତାଙ୍କ କ୍ୟାପଟିକୁ ପ୍ରଦାନ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ଭାରତୀୟ କ୍ରିକେଟ ଦଳର ଏହାଥିଲା ପ୍ରଥମ ଇଣ୍ଟରନ୍ୟାଶନାଲ କ୍ରିକେଟ ଟୁର୍। ଗୁପ୍ତା ଏହି ଟୋପିଟିକୁ ତତ୍କାଳୀନ ଭାରତୀୟ ଉଇକେଟକିପର ପି.କେ. ସେନ୍‌ଙ୍କୁ ପ୍ରଦାନ କରିଥିଲେ। କିମ୍ବଦନ୍ତୀ ବ୍ୟାଟର ବ୍ରାଡମ୍ୟାନଙ୍କ ନାମରେ ଏବେ ସୁଦ୍ଧା କିଛି ରେକର୍ଡ ରହିଛି। ଟେଷ୍ଟ କ୍ରିକେଟରେ ସେ ସର୍ବାଧିକ ୧୨ ଦ୍ୱିଶତକ ହାସଲ କରିଛନ୍ତି। ୨ଟି ତ୍ରିଶତକ ହାସଲ କରି ମିଳିତ ରେକର୍ଡର ଅଧିକାରୀ ହୋଇସାରିଛନ୍ତି। ବ୍ରାଡମ୍ୟାନଙ୍କ ଟୋପି କ୍ରିକେଟରଙ୍କ ହୋମ୍ ଟାଉନ୍‌ରେ ଥିବା ବ୍ରାଡମ୍ୟାନ ମ୍ୟୁଜିୟମକୁ ଉଧାର ସୂତ୍ରରେ ଅଣାଯାଇଥିଲା। ୨୦୦୩ରେ ଏହାକୁ ବର୍ତ୍ତମାନର ମାଲିକ କ୍ରୟ କରିଥିଲେ।




ଜୁନିୟର ମହିଳା ଏସିଆ କପ ହକି ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଓମାନ ଯାତ୍ରା ପୂର୍ବରୁ ଭାରତୀୟ ଦଳ।

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍: ୩ ପଏଣ୍ଟ ହରାଇଲା ନ୍ୟୁଜିଲାଣ୍ଡ

**ଦୁବାଇ,୩।୧୨ (ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଦୌଡରେ ରହିଥିବା ନ୍ୟୁଜିଲାଣ୍ଡକୁ ଏକ ଶକ୍ତ ଧକ୍କା ଲାଗିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ଧୀମା ଓଭର ହାର ପାଇଁ ଦଳକୁ ୩ ପଏଣ୍ଟର ପେନାଲ୍ଟି ମିଳିଛି। ଫଳରେ ଦଳ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନକୁ ଖସି ଆସିଛି। ଭାରତ ୬୧.୧୧ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ୪୭.୯୨ ପଏଣ୍ଟ ସହିତ ପଞ୍ଚମ ସ୍ଥାନକୁ ଖସି ଆସିଛି। ଫାଇନାଲ ଦୌଡରେ ରହିବାକୁ ହେଲେ ବର୍ତ୍ତମାନ ଦଳକୁ ଇଂଲଣ୍ଡ ବିପକ୍ଷ ଅନ୍ତିମ ୨ ଟେଷ୍ଟ ମ୍ୟାଚ୍ ଜିତିବାକୁ ପଡିବ। ଅନ୍ୟ ଦଳ ମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ୫୯.୨୬ ପଏଣ୍ଟର ବିଜୟ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୫୭.୨୬ ପଏଣ୍ଟ ସହ ତୃତୀୟ ଓ ଶ୍ରୀଲଙ୍କା ୫୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି।

ହାଗ୍‌ଲେ ଓଭାଲରେ ଅନୁଷ୍ଠିତ ଟେଷ୍ଟରେ ଉଭୟ ଦଳ ଧୀମା ବୋଲିଂ କରିଥିଲେ। ଉଭୟ ଦଳର ସମସ୍ତ ଖେଳାଳିଙ୍କ ୧୫ ପ୍ରତିଶତ ଲେଖାଏ ମ୍ୟାଚ୍ ଫି କଟା ଯାଇଥିବା ବେଳେ ୩ ଡବ୍ଲ୍ୟୁଟିସି ପଏଣ୍ଟ କଟା ଯାଇଥିଲା। ଇଂଲଣ୍ଡ ବର୍ତ୍ତମାନ ସୁଦ୍ଧା ୨୦୨୫ରେ ହେବାକୁ ଥିବା ଫାଇନାଲ ଦୌଡରୁ ବାଦ ପଡି ସାରିଛି। ଅନ୍ୟ ପକ୍ଷରେ ଏହି ପେନାଲ୍ଟି ନ୍ୟୁଜିଲାଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ।



# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Handsome Brahmin boy 1992, 5'7", M.Tech Serving OAS Officer "SUNASANSAR". 9937512659. D-76219

Handsome Chamar Boy 1991, 5'10", B.Tech Serving manager Netionalised Bank. "SUNASANSAR". 9937512659. D-76218


REAL ESTATE

**SALE**

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ - 7735565157. D-76216

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/-ରେ ବିକ୍ରିହେବ - 7008768345. D-76215

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ- ପିପିଲି ମେନ୍‌ରୋଡ୍ ପାଖରେ ପ୍ଲଟ୍ କିଣି ତୁରନ୍ତ ଘର କରନ୍ତୁ। ବର୍ଗଫୁଟକୁ 2000/-, 1000/-. 9938016295. D-76217

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-2092

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

**4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399.** D-2127

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048.** D-2143

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2142



BUSINESS

Bullet, Motorcycle, Indigo Car, Bolero Passenger, finance available. Mob.- 8763042806. D-2146


See Career Appointment on every Wednesday & Saturday


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953


FOR RENT

Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079


Healthcare

Newly open Jyoti SPA positively health benefits (expert therapist). 8458067955. D-76171

**Full body massage experience, good looking therapist @999 (Bhubaneswar). 9078484455.** D-2144

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated 03.12.2024, I, MONALISA NAYAK, D/o Ram Chandra Nayak, resident of At- Jagannathpur, P.O.- Kakarudrapur, P.S.- Balianta, Dist.- Khordha, Odisha-752102, declare that, I have changed my name from "TAPANA NAYAK" to "MONALISA NAYAK". Henceforth, I shall be known as "MONALISA NAYAK" for all purposes. D-2145

By virtue of an affidavit sworn before the Notary Public, Bhubaneswar dtd. 25.11.2024, I, Kalpana Patra, resident of At- Nahaka, Vyasanagar, Jajpur Road, Dist.- Jajpur - 19, do hereby declare that my actual name is Kalpana Patra as per my Aadhaar card. But my name has been mentioned as Kalpana Subudhi in my son's birth certificate. I declare that both the names Kalpana Patra and Kalpana Subudhi belongs to one and the same person i.e. me. This affidavit is declared by me to produce before the competent authority for necessary correction. D-2139

By virtue of an affidavit CF No. 98 dated 2.12.2024, sworn before Executive Magistrate, Bhubaneswar, I, Madhusmita Satapathy, W/o Sanjaya Kumar Satapathy, Address - Plot No. 3312/4927, Ganga Jamuna Road, Old Town - 751002, Bhubaneswar, declare that I have changed my son's name from SOUGAT SATAPATHY to SANKALP SATAPATHY. Henceforth, he shall be known as Sankalp Satapathy for all purposes. D-2140

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**୰ଦମୟନ୍ତୀ ଦେଈ**

ଆବିର୍ଭାବ : ୧୫.୧୨.୧୯୪୭
ତିରୋଧାନ : ମାର୍ଗଶିର ମାସ ରମ୍ଭା ତୃତୀୟା ୨୦୦୨

ତୁ ଆଜକୁ ଦୀର୍ଘ ୨୨ ବର୍ଷ ହେବ ଏ ଦୁନିଆ ଛାଡି ଚାଲିଗଲୁଣି, କିନ୍ତୁ ତୋର ସେହି ସ୍ନେହ, ଭଲପାଇବାକୁ ଆଜିବି ଝୁରି ହେଉଅଛି। ଯେଉଁ ହାତ ଧରି ମୋତେ ଚାଲିବା ଶିଖାଇଥିଲୁ ଆଜି ଏ ସଂଘର୍ଷମୟ ଜୀବନରେ ପୂରା ଏକୁଟିଆ ହେଇ ଚାଲୁଛି। ତୁ ବୈକୁଣ୍ଠପୁରରେ ରହି ମୋତେ ଆଶୀର୍ବାଦ କରୁଥା।

॥ ଇତି ॥
ତୋର ଝିଅ (ପିଙ୍କୁ)

D-2137

**LEGAL NOTICE**

**ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ**
**୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନଂ.୧୦୩୮/୨୦୨୧**

ଶ୍ରୀମତୀ ପ୍ରଣତୀ ହରିଚନ୍ଦନ ... ... ... ବାଦୀ

ବନାମ

ଭାଗ୍ୟଧର ବେହେରା ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

**ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ**

୪. ଦେବାଶିଷ ପତି
୫. ଭକ୍ତ ଭୂଷଣ ପତି

ଉଭୟଙ୍କର ପିତା ବୃନ୍ଦାବନ ପତି, ଉଭୟଙ୍କର ସା.- ରାମ ମନ୍ଦିର କଲୋନୀ, କେନ୍ଦୁଝର, ଥାନା/ଜିଲ୍ଲା- କେନ୍ଦୁଝର

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୪ ଏବଂ ୫ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୩୦।୦୧।୨୦୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ମୌଜା- ଶଙ୍କରପୁର, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ସବ୍‌ପ୍ଲଟ୍ ନଂ. | ଏରିଆ | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ଏରିଆ |
|---|---|---|---|---|---|---|
| ୧୦୯ | ୭୨ | ୬୩ | ଏ୦.୦୫୫ଡି | ୬୩୨ | ୨୧୨୯ | ଏ୦.୦୨୬ଡି |

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶ କ୍ରମେ
**ସ୍ୱା./- (କୋର୍ଟ ଅଧିକାରୀ)**

ଧ-୨୧୪୧


# କ୍ରୀଡ଼ା ସଙ୍ଗଠକ ଅଧିପ ଦାସଙ୍କ ପରଲୋକ

**କଟକ,୩।୧୨ (କାର୍ତ୍ତିକ ସାହୁ)**

ଓଡ଼ିଶାର ବିଶିଷ୍ଟ କ୍ରୀଡ଼ା ସଂଗଠକ ଅଧିପ ଦାସଙ୍କର ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ଅଣାଯାଇ କଟକ ବାରବାଟି ଷ୍ଟାଡିୟମଠାରେ ଓଡ଼ିଶା ଅଲିମ୍ପିକ ସଂଘ ଏବଂ ଅନ୍ୟାନ୍ୟ କ୍ରୀଡ଼ା ସଂଘ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସେଠାରୁ ନିଆଯାଇ ଭଦ୍ରକ ତଥା ବାଲେଶ୍ୱର ଷ୍ଟାଡିୟମଠାରେ ମଧ୍ୟ ତାଙ୍କୁ ଜିଲା କ୍ରୀଡ଼ା ସଂଘ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ନିଜ ପୈତୃକ ଗ୍ରାମ ବାଲେଶ୍ୱର ସୁନହଟର ନିଜସ୍ୱ ମହୁଲ ପଡ଼ିଆ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ମଙ୍ଗଳବାର ଅପରାହ୍ଣରେ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଅକ୍ଷୟେନ୍ଦୁ ଦାସ ମୁଖାଗ୍ନି ଦେଇଥିଲେ।

ପ୍ରକାଶ ଯେ, ବାଲେଶ୍ୱରଠାରେ ୧୯୪୭ ମାର୍ଚ୍ଚ ୨୫ ତାରିଖରେ ଜନ୍ମିତ ଅଧିପ ଦାସ ୧୯୭୮ମସିହାରୁ ଦୀର୍ଘଦିନ ଧରି ବାଲେଶ୍ୱର ଜିଲା କ୍ରୀଡା ସଂଘର ସଂପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିବା ସହ ମଝିରେ ୩ବର୍ଷ ପାଇଁ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ପରବର୍ତ୍ତି ସମୟରେ ଓଡ଼ିଶା ଅଲିମ୍ପିକ ସଂଘର କୋଷାଧ୍ୟକ୍ଷ, ଓଡ଼ିଶା କ୍ରିକେଟ ସଂଘ ଉପସଭାପତି, ଓଡ଼ିଶା ଆଥ୍‌ଲେଟିକ ସଂଘର କୋଷାଧ୍ୟକ୍ଷ, ଭାରତୀୟ ଅଲିମ୍ପିକ ସଂଘ କାର୍ଯ୍ୟକାରୀ ସଭ୍ୟ, ଭାରତୀୟ ଆଥଲେଟିକ ଫେଡରେସନର ଯୁଗ୍ମ ସଂପାଦକ ଭାବେ କାର୍ଯ୍ୟ କରି



ବାଲେଶ୍ୱର ତଥା ଓଡ଼ିଶାର ଜଣେ ଦକ୍ଷ କ୍ରୀଡ଼ା ପ୍ରଶାସକ ଭାବେ ପରିଗଣିତ। ବାଲେଶ୍ୱର ଜିଲାର ଜଣେ ସମ୍ଭ୍ରାନ୍ତ ପରିବାରରୁ ନିଜର ଛାତ୍ର ଜୀବନରେ ବିଭିନ୍ନ ପାରଦର୍ଶିତା ଲାଭ କରିଥିଲେ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କର ଏକାନ୍ତ ଅନୁଗାମୀ ହେବା ସହ କ୍ରୀଡ଼ା କ୍ଷେତ୍ରରେ ଅତୁଳନୀୟ ଅବଦାନ ଦେଇଯାଇଛନ୍ତି।

# ଦୃଷ୍ଟିବାଧିତ ତୀରନ୍ଦାଜଙ୍କ ପ୍ରଶିକ୍ଷଣ ଓ ପ୍ରତିଯୋଗିତା

**ଭୁବନେଶ୍ୱର,୩।୧୨ (ସରୋଜ ଜେନା):** ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା 'ବୁଲ୍‌ସଆଇ' ପକ୍ଷରୁ ଅନ୍ତର୍ଜାତୀୟ ଦବ୍ୟାଙ୍ଗ ଦିବସ ଅବସରରେ ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଧନୁତୀର ଚାଳନା ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଐତିହାସିକ ଧଉଳି ପାହାଡ ନିକଟରେ ଥିବା କ୍ରାଫ୍ଟ ବଜାର ପଡିଆରେ ଏହି କ୍ରୀଡାକୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ଗାୟତ୍ରୀ ଏବଂ ସାମାଜିକକର୍ମୀ ସନ୍ତୋଷୀ ଜୈନ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଜିଲାରୁ ୧୫ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ଜୟଶ୍ରୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଅଡ଼ିଟର ସୁବ୍ରତ ମହାନ୍ତି, ଏନ.ସି.ଏସ.ସି.ଡି.ଏର ପୂର୍ବତନ ସହ ନିର୍ଦ୍ଦେଶକ ରାମ କିଶୋର ଶର୍ମା, ବିପିନ୍ କୁମାର, ଡ୍ରିମସ୍ ବିଶ୍ୱବିଦ୍ୟାଳୟ ଡିନ୍ ଡ. ଦୁର୍ଗାପ୍ରସାଦ ମିଶ୍ର, ସୁଶାନ୍ତ ସାହୁ, ଶ୍ରୀପତି ଆଚାର୍ଯ୍ୟ, ମନୋଜ ପ୍ରଧାନ, ପ୍ରିୟବ୍ରତ ପଣ୍ଡା, ରଶ୍ମୀରଞ୍ଜନ ସାହୁ, ମୃଣ୍ମୟୀ ରଥ, ରେଣୁବାଳା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ରଞ୍ଜନ ହାଂସଦା ପ୍ରଥମ, ରବୀନ୍ଦ୍ର ମୁର୍ମୁ ଦ୍ୱିତୀୟ, ଶରତ ରଞ୍ଜନ ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ମହିଳାଙ୍କୁ ଦାଣ୍ଡରେ ଘୋଷାରି ମାଡ଼ ଭିଡିଓ ଭାଇରାଲ ପରେ ଥାନାରେ ମାମଲା

ପରଜଙ୍ଗ, ୩।୧୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ପଞ୍ଚାୟତ ଅନ୍ତର୍ଗତ ଯୌତୁକପଶି ଗାଁରେ ଛେପ ପକାଇବାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ଘୋଷାରି ମାଡ଼ ମାରିବା ଘଟଣା ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ମହିଳା ଜଣଙ୍କ ଛେପ ପକାଇବାକୁ ନେଇ ଦାଦାଶୁର ସୌଦାଗର ବେହେରା, ତାଙ୍କର ପୁଅ ବିଭୁତି ବେହେରା ଓ ତାଙ୍କ ସ୍ତ୍ରୀ ପଦ୍ମ ବେହେରା ଦୁଇ ବୋହୂ ମୀରା ଏବଂ କନକ ମାଡ଼ ମାରିଥିବା ପରଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଉଭୟଙ୍କ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନ୍ୟାୟ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

ଢେଙ୍କାନାଳ,୩।୧୨ (ରତନ ନାୟାର)

## ଗାଁ ଛାଡ଼ି ଭଡ଼ାଘରେ ରହୁଛନ୍ତି

■ଅଭିଯୋଗ ଭିତ୍ତିହୀନ, ଜନ୍ମମାଟିକୁ ବଦନାମ କରାଯାଉଛି: ଗ୍ରାମ ସଭାପତି

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ଫାଣ୍ଡି ଅଉଖମା ଉପରସାହି ଗ୍ରାମର ସ୍ୱର୍ଗତ ଗୋବିନ୍ଦ ମହାପାତ୍ରଙ୍କ ପୁତ୍ର ରମେଶଚନ୍ଦ୍ର ମହାପାତ୍ର ଓ ତାଙ୍କ ପରିବାରକୁ ଦୀର୍ଘ ୨ବର୍ଷ ୨ମାସ ହେଲା ସାମାଜିକ ବାସନ୍ଦ କରାଯିବା ସହ ପୈତୃକ ଘର ନ ଭାଙ୍ଗିବାରୁ ଧମକ ଦିଆଯିବାରୁ ସେ ପରିବାର ସହ ଗ୍ରାମଛାଡ଼ି ଢେଙ୍କାନାଳ ସହରରେ ବସବାସ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ରମେଶ ମଙ୍ଗଳବାର ଢେଙ୍କାନାଳ ଉପଜିଲାପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି । ଅନ୍ୟପଟରେ ଏହି ଘଟଣାକୁ ମିଶାଇ ଗ୍ରାମରେ ଦୁଇଟି ଅଭିଯୋଗ ଆସିଥିବା ସମ୍ପର୍କରେ ଗ୍ରାମ ସଭାପତି କୁହନ୍ତି ଯେ, ଅଭିଯୋଗ ଭିତ୍ତିହୀନ। ଅଯଥାରେ ଜନ୍ମମାଟିକୁ ବଦନାମ କରାଯାଉଛି।

ଅଭିଯୋଗରୁ ଜଣାପଡିଛି ଯେ, ଅଉଖମା ଉପରସାହିର ସଭାପତି ଓ ସମ୍ପାଦକ ଦୁଇମାସ ତଳେ ରମେଶଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କର ପୈତୃକ ଘର ଭାଙ୍ଗିବାକୁ ଧମକ ଦେଇଥିଲେ । ଉକ୍ତ ଘର ନ ଭାଙ୍ଗିଲେ ଜେସିବି ଲଗାଇ ଭାଙ୍ଗିଦେବୁ ବୋଲି ଧମକଚକମ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ରମେଶ ନିଜର ପୈତୃକ ଘର ନ ଭାଙ୍ଗିବାରୁ ସଭାପତି ଓ ସମ୍ପାଦକ ଗ୍ରାମରେ ଏକ ବୈଠକ କରି ରମେଶଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିବା ରମେଶ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ଠାରୁ ଲକ୍ଷ୍ମୀପୂଜା ଚାନ୍ଦା ନେଲେନାହିଁ । ସାହିରେ କେହି ତାଙ୍କ ସହିତ କଥାବାର୍ତ୍ତା କଲେନାହିଁ। ଯିଏ କଥାବାର୍ତ୍ତା ହେବ ତାଙ୍କୁ ବାରଣ କରାଗଲା । ନଚେତ୍ ସାମାଜିକ ବାସନ୍ଦ ସହ ଜରିମାନା କରାଯିବ ବୋଲି ଧମକ ଦିଆଗଲା। ପୁଅର ବାହାଘର ନ କରାଇଦେବା ଷଡ଼ଯନ୍ତ୍ର କଲେ ବୋଲି ଅଭିଯୋଗରେ ଉଲ୍ଲେଖ ଅଛି । ଏପରିକି ଗ୍ରାମରେ କଙ୍ଗାରୁ କୋର୍ଟ କରି ବ୍ୟାପକ ହଇରାଣ କରିବାକୁ ରମେଶ ଭୟଭୀତ ହୋଇ ନିଜ ପରିବାର ସହ ଆଜିକୁ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଢେଙ୍କାନାଳ ସହରରେ ଘରଭଡ଼ା ନେଇ ରହୁଛନ୍ତି । ସାମାଜିକ ବାସନ୍ଦ ପାଇଁ ସେ ତାଙ୍କ ପୁଅର ବାହାଘର ଢେଙ୍କାନାଳରେ କରିବାକୁ ବାଧହେଲେ । ଜାତି ବେହେରା ଓ ବାରିକଙ୍କୁ ମଧ୍ୟ ବାହାଘରରେ ବାରଣ କରାଗଲା । ଏହି ଘଟଣାରେ ନ୍ୟାୟ ପ୍ରଦାନ କରିବା ପାଇଁ ରମେଶଚନ୍ଦ୍ର ମହାପାତ୍ର ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏ ସଂକ୍ରାନ୍ତରେ ଗ୍ରାମ ସଭାପତି ସରୋଜ ମହାପାତ୍ର କୁହନ୍ତି ଯେ, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ଅଯଥାରେ ନିଜ ଜନ୍ମମାଟିକୁ ବଦନାମ କରାଯାଉଛି । ଗ୍ରାମରେ କୌଣସି ପ୍ରକାର କାହାକୁ ସାମାଜିକ ବାସନ୍ଦ କରାଯାଇନାହିଁ । ଯେଉଁମାନେ ଅଭିଯୋଗ କରୁଛନ୍ତି, ସେମାନେ ଗ୍ରାମକୁ ଆସୁଛନ୍ତି । ଦୋକାନରୁ ଜିନିଷ କିଣୁଛନ୍ତି । ଏପରିକି ଅଭିଯୋଗକାରୀଙ୍କ ପୁଅ ନିଜ ବାହାଘର ପାଇଁ ଆମ ଘରକୁ ଆସି ନିମନ୍ତ୍ରଣ କାର୍ଡ ଦେଇ ଯାଇଥିଲେ । ତେଣୁ ଏହି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଅନ୍ୟପଟରେ କିଛି ଗ୍ରାମବାସୀ ମଧ୍ୟ କିଛି ଲୋକ ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ପାଇଁ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ କୁହନ୍ତି ଯେ, ଅଭିଯୋଗ ପାଇଛି। ଏଥିପୂର୍ବରୁ କିଛି ଗ୍ରାମବାସୀ ଏହାକୁ ନେଇ ମିଥ୍ୟା ଅଭିଯୋଗ କରାଯାଉଛି ବୋଲି ଲିଖିତ ଭାବେ ଦେଇଛନ୍ତି । ଉଭୟ ପଟର ଅଭିଯୋଗକୁ ଦେଖିବା ପରେ ଏହି ଘଟଣାର ତଦନ୍ତ ବୁଧବାର କରିବା ପାଇଁ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମେ ସାମାଜିକ ବାସନ୍ଦ ଉପରେ ତଦନ୍ତ ହେବ । ଏହାପରେ ଜାଗାବାଡି ସମସ୍ୟା ଯାହାଥିବ ତାହା ମାପଚୁପ କରାଯିବ । ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

# ଦୀପ୍ତିରଞ୍ଜନ ସଭାପତି, ପ୍ରଦ୍ୟୁମ୍ନ ସମ୍ପାଦକ



ଢେଙ୍କାନାଳ,୩।୧୨ (ରତନ ନାୟାର)

## ମେରାମଣ୍ଡଳୀ ବଜାର କମିଟିର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଜିଲା ମେରାମଣ୍ଡଳୀ ବଜାର କମିଟିର ନୂତନ କର୍ମକର୍ତ୍ତା ସୋମବାର ଗଠନ କରାଯାଇଛି । ବଜାର କମିଟିର ସଭାପତି ଆଇନଜୀବୀ ପଙ୍କଜ ଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଦାୟିତ୍ୱରେ ଥିବା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଶତପଥୀ ବୈଠକରେ ଚଳିତବର୍ଷ ଲକ୍ଷ୍ମୀପୂଜାର ଆୟବ୍ୟୟ ହିସାବର ବିବରଣୀ ପ୍ରଦାନ କରିଥିଲେ । ତତ୍‌ପରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତି କ୍ରମେ କମିଟିର ମୁଖ୍ୟ ଉପଦେଷ୍ଟା ଭାବେ ପଙ୍କଜ ଲୋଚନ ସାହୁଙ୍କୁ ମନୋନୀତ କରାଯାଇଥିଲା । ସଭାପତି ଭାବେ ଦିପ୍ତୀ ରଞ୍ଜନ ସାହୁ, ସମ୍ପାଦକ ଭାବେ ପ୍ରଦ୍ୟୁମ୍ନ କୁମାର ଶତପଥୀ, ସହ ସମ୍ପାଦକ ସତ୍ୟାନନ୍ଦ ସାହୁ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବସନ୍ତ କୁମାର ପାଟରା, ଦିଲ୍ଲେଶ୍ୱର ରାଉତ, ଲଛମନ ସାହୁ, ଛବି ନାରାୟଣ ସାହୁ, ଦେବରାଜ ସାହୁ, ସଞ୍ଜିବ ବିଶ୍ୱାଳ, ଜଗବନ୍ଧୁ ସାହୁ, ପ୍ରଦୀପ ପ୍ରଧାନ, ମୁଟି ବାରିକ, ଦେବଦତ୍ତ ସାହୁ, ସିଲୁ ଶତପଥୀ ଓ ଆନାଦୀ ସାହୁ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ବିଦାୟୀ ସଭାପତି ପଙ୍କଜ ଲୋଚନ ସାହୁ ୩୨ବର୍ଷ ଧରି ସଭାପତି ଭାବରେ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିବାରୁ ସଭାରେ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ସର୍ବଶେଷରେ ବିଦାୟୀ ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯିବା ସହିତ ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା ।

# ଏଏପି ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ



ଢେଙ୍କାନାଳ,୩।୧୨ (ରତନ ନାୟାର)

ବିଦ୍ୟୁତ ଯୋଗାଣ କମ୍ପାନୀ ଟାଟା ପାୱାରର ଶୋଷଣ ପ୍ରତିବାଦରେ ଏଏପି ପକ୍ଷରୁ ମଙ୍ଗଳବାର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ଗଁଦିଆ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବେଲଟିକିରି, ଦେଓଗାଁ, ଗଁଦିଆ, ଷଡଙ୍ଗୀ, ପୋରୁହଖୋଜ, ପିଙ୍ଗୁଆ, ବିଧାରପୁର ଆଦି ପଞ୍ଚାୟତମାନଙ୍କରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମାର୍ଟ ମିଟରକୁ ବିରୋଧ କରିବା ପାଇଁ ଲୋକମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ସ୍ମାର୍ଟ ମିଟର ଲଗାଇ ନ ଦେବାକୁ ଡାକବାଜି ଯନ୍ତ୍ର ଓ ପ୍ରଚାରପତ୍ର ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ସେହିପରି ବିଜୁଳି ବିଲ ଦେଇପାରି ନ ଥିବା ସିଆରିଆ ଗ୍ରାମର ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିବା ପରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା ଏବଂ ସ୍ତ୍ରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ପଙ୍କଜ କୁମାର ନାୟକ, ଉପସଭାପତି ଜିତେନ୍ଦ୍ର ବେହେରା, ପୌରାଞ୍ଚଳର ପିତାମ୍ବର ସାମନ୍ତରାୟ, ଦେବାଶିଷ ନନ୍ଦ, ପ୍ରସନ୍ନ ବରାଳ ଓ ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଢେଙ୍କାନାଳ,୩।୧୨ (ରତନ ନାୟାର)

## ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ଭୂମିକା ରହିଛି



ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଜଣେ ଭିନ୍ନକ୍ଷମ ପିଲାକୁ କିଟ୍ ପ୍ରଦାନ କରୁଛନ୍ତି।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ମଙ୍ଗଳବାର ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମଗ୍ର ଶିକ୍ଷାର ମିଳିତ ସହଯୋଗରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ପ୍ରତ୍ୟେକ ମଣିଷ ଭଗବାନଙ୍କର ଆଶୀର୍ବାଦ ଲାଭକରି ଜନ୍ମଲାଭ କରିଛନ୍ତି । ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମମାନଙ୍କର ଭୂମିକା ରହିଛି । ସେମାନଙ୍କୁ ପୂର୍ଣ୍ଣ ସହଯୋଗ ନିମନ୍ତେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଜିଲାପାଳ କହିଥିଲେ । ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ସ୍ୱାଇଁ, ଜିଲାରେ ୨୧୭୪୩ ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି ବୋଲି ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ଓ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଯୋଗଦେଇ ଅଭିଭାବକମାନେ ଦିବ୍ୟାଙ୍ଗମାନଙ୍କ ପାଇଁ ଅଧିକ ଯତ୍ନଶୀଳ ହେବା ଜରୁରୀ ବୋଲି କହିଥିଲେ । ଏହି ଅବସରରେ ସକାଳେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରୁ ଜିଲାର ସମସ୍ତ ବ୍ଲକରୁ ଆସିଥିବା ଭିନ୍ନକ୍ଷମ ପିଲାମାନେ ଏକ ଶୋଭାଯାତ୍ରାରେ ବାହାରି ମିନି ଷ୍ଟାଡିୟମଠାରେ ପହଁଚିଥିଲେ। ଏସ୍‌ପି ଅଭିନବ ସୋନକର ଓ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିବା ସହିତ ଉଭୟେ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ମଧ୍ୟାହ୍ନରେ ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭିନ୍ନକ୍ଷମ ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅକ୍ଷମ କଲ୍ୟାଣ ସମିତି, ଜୀବନଜ୍ୟୋତି ଓ ଐରା ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଢେଙ୍କାନାଳ,୩।୧୨ (ରତନ ନାୟାର)

ଢେଙ୍କନାଳ ସଦର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁରସ୍ଥିତ ନିଶାଦ୍ରୀ ସ୍କୁଲ୍ ଅଫ୍ ଜର୍ଣ୍ଣାଲିଜିମ୍ ଆଣ୍ଡ ସୋସିଆଲ୍ ୱାର୍କ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ନୂତନ ଛତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଏଆଇଆର୍. କମୋଡର ଅରବିନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କଲେଜ୍‌ର ପ୍ରତିଷ୍ଠାତା ଡ. ସାରଙ୍ଗଧର ସାମଲ, କଲେଜ୍‌ର ଅଧକ୍ଷ ବିଜୟ କୁମାର ପଟ୍ଟନାୟକ, କଲେଜର ମ୍ୟାନେଜମେଣ୍ଟ କମିଟିର ଅଧକ୍ଷ ହେମନ୍ତ କୁମାର ପଟ୍ଟନାୟକ, ବିଜୟଲକ୍ଷ୍ମୀ ଶତପଥୀ, ସୁନିଲ୍ କୁମାର ମିଶ୍ର ଓ କଲେଜର ସଂଯୋଜକ ଧିରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ସମାରୋହରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମହେନ୍ଦ୍ର କୁମାର ସାହୁ, ପଦ୍ମାବତୀ କୁଣ୍ଡ, ତେଜସ୍ୱିନୀ ବେହେରା ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



# ଗୁଣ୍ଡିଚାପଡ଼ା ବାଣିଜ୍ୟ ସଂଘର ମାସିକ ଅଧିବେଶନ



ଓଡ଼ାପଡ଼ା,୩।୧୨, (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଗୁଣ୍ଡିଚାପଡ଼ା ବାଣିଜ୍ୟ ସଙ୍ଘର ମାସିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଂଘର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ସଂଘର ଆଗତ ଭବିଷ୍ୟତ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ମାସିକ ସଂରକ୍ଷଣ ପାଣ୍ଠିକୁ ଆଗେଇ ନେବା, ବର୍ଷକୁ ଥରେ ହେଲେ ବି କେମିତି ନୂଆ ଯାଗାକୁ ବୁଲିବାକୁ ଯିବା,ଏହି ବିଷୟରେ ଆଲୋଚନା କରାଯାଇ, ସର୍ବସମ୍ମତି କ୍ରମେ ସଂଘର ସମସ୍ତ ସଭ୍ୟଙ୍କ ନିଷ୍ପତ୍ତି କ୍ରମେ ସ୍ୱରୂପ କୁମାର ସାହୁଙ୍କୁ ନୂତନ ସଭାପତି ରୂପେ ମନୋନୀତ କରାଗଲା ଏବଂ ପୂର୍ବତନ ସଭାପତି ଅମୂଲ୍ୟ କୁମାର ସାହୁ ଧନ୍ୟବାଦ ଦେଇ ସଭା ସାଂଗ କରିଥିଲେ।

# ଦୁର୍ଘଟଣା ରୋକିବା ପାଇଁ ଆର୍‌ଟିଓ ପକ୍ଷରୁ ନିଆରା ପଦକ୍ଷେପ

## ପାହାନ୍ତାରୁ ରାସ୍ତା କଡ଼ରେ ଗାଡି ଚାଳକଙ୍କୁ ଚା' ପିଆଇଲେ

ଢେଙ୍କାନାଳ,୩।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏକ ନିଆରା ପଦକ୍ଷେପର ଶୁଭାରମ୍ଭ ହୋଇଛି । ମଙ୍ଗଳବାର ଭୋର ସମୟରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ୫୫ନଂ ଜାତୀୟ ରାଜପଥରେ ଯାଉଥିବା ଯାନବାହାନ ଚାଳକଙ୍କୁ ଅଟକାଇ ଚା' ପ୍ରଦାନ କରାଯାଇଥିଲା । ୫୫ନଂ ଜାତୀୟ ରାଜପଥର ଶକ୍ତିସୁଗାର ଠାରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଯାନବାହାନକୁ ଅଟକାଇ ଚାଳକମାନଙ୍କୁ ମାଗଣାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଚା' ପିଆଇଥିଲେ । ଏହି କାର୍ଯ୍ୟକ୍ରମ ଡିସେମ୍ବର୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ବିଭାଗର ନିର୍ଦ୍ଦେଶରେ ଆରମ୍ଭ ହୋଇଛି । ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କୁହନ୍ତି, ଯେହେତୁ ରାଜପଥ ସମେତ ବିଭିନ୍ନ ରାସ୍ତାରେ ପାହାନ୍ତା ସମୟରେ ଅଧିକ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି । ବିଶେଷକରି ସେହି ସମୟରେ ବିଭିନ୍ନ ଯାନବାହାନ ଚାଳକଙ୍କର ଆଖି ଲାଗି ଯାଉଥିବାରୁ ଏହା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି। ଏଭଳି ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶରେ ଜିଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଆରଟିଓ କହିଥିଲେ ।

# ଆଇନା ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



କାମାକ୍ଷାନଗର, ୩।୧୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଅଛି । କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କାର୍ଯ୍ୟାଳୟରେ ଭିନ୍ନକ୍ଷମ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଧୁମଧାମରେ ଦିବସକୁ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗରର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା , ଯେଉଁଥିରେ 'ସମସ୍ତେ ଏକ ହେବା ଏବଂ ସକ୍ଷମ ଅକ୍ଷମ ଦୂରେଇ ଦେବା' ଭଳି ବାର୍ତ୍ତା ବହନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଚେୟାରମ୍ୟାନ ପ୍ରେମାନନ୍ଦ ସାହୁ, କାନପୁରା ପଞ୍ଚାୟତର ସରପଞ୍ଚ ସତ୍ୟଜିତ ରାଉତ, ପିଇଓ ରଞ୍ଜନ କୁମାର ଦେହୁରୀ, କାନପୁରା ଉପ୍ରା ବିଦ୍ୟାଳୟର ଶିକ୍ଷକ ଦେବୀପ୍ରସାଦ ନାୟକ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ଅଙ୍ଗନୱାଡି ଶିକ୍ଷକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧିକ ସରସ ଓ ସୁନ୍ଦର କରିବା ପାଇଁ ବିଭିନ୍ନ ପିଲାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ ସହ ଅନ୍ୟ ପିଲାମାନଙ୍କୁ ଖାତା ଓ ଚକଲେଟ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ରେ ୧୫୦ରୁ ଉର୍ଦ୍ଧ୍ୱ ପିଲା ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ବିଶ୍ୱରଞ୍ଜନ ବେହେରା, ସଙ୍ଗୀତା ଦାସ, ପଲ୍ଲିଶ୍ରୀ ଷେଣ୍ଢେ ପରିଚାଳନା କରିଥିଲେ। ଶେଷରେ ପ୍ରକଳ୍ପର କାର୍ଯ୍ୟକର୍ତ୍ତା ସଙ୍ଗୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା

ଓଡ଼ାପଡ଼ା, ୩।୧୨ (ରଞ୍ଜିତ ନାୟକ)

ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଲିଖିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୫୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମଣିଦେବୀ ଉଚ୍ଚ ବିଦ୍ୟାଳୟର ଛାତ୍ର ହିମାଂଶୁ ଶେଖର ରାଉଳ ପ୍ରଥମ, ଛାତ୍ରୀ କରିସ୍ମା ସାହୁ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ସ୍ଥାନରେ ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୂର୍ଯ୍ୟକାନ୍ତ ସାହୁଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀହରି ଶଙ୍କର ପଣ୍ଡା, ହରେଶ କୁମାର ପ୍ରଧାନ, ଶୁଭଶ୍ରୀ ସାହୁ, ବିବେକାନନ୍ଦ ମହାରଣା, ଅଦ୍ଦନଲ ଅରିଫ ଖାଁ , ଶିକ୍ଷକ ଶ୍ରିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

# 'ପ୍ରଚାର ପ୍ରସାର ହିଁ ସଂସ୍କୃତିକୁ ଅଧିକ ବିଭବଶାଳୀ କରିବ'



ଢେଙ୍କାନାଳ,୩।୧୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଓ ବଣସିଂହ ପଞ୍ଚାୟତର ବଡ଼ ନାଗେନାଠାରେ ଶ୍ରୀଶ୍ରୀ ନାଗନାଥେଶ୍ୱରଙ୍କ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଥିବା ତୃତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ କହିଲେ ଯେ, ଆମ ଚତୁପାର୍ଶ୍ୱରେ ରହିଥିବା ସବୁଜିମା ପ୍ରକୃତି ଏବଂ ଆମର ମହାନ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ହୋଇପାରିଲେ ଏହା ବିଭବଶାଳୀ ହୋଇପାରିବ । ମୁଖ୍ୟବକ୍ତା ଭାବେ ଯୋଗଦେଇ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ବ୍ରାହ୍ମଣୀ ବନ୍ଦାଣ ଉତ୍ସବ ନାଗନାଥେଶ୍ୱର ପୀଠ ଓ ଏହାର ସଂସ୍କୃତିର ବାସ୍ତବତା ଓ ଗାରିମାକୁ ବୃଦ୍ଧି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡିଏମ୍‌ଇଟି ଅଧ୍ୟକ୍ଷ ରଜନୀକାନ୍ତ ତରାଇ, ତରଭା ଫାଣ୍ଡି ଅଧିକାରୀ ରଜନୀକାନ୍ତ ନାୟକ, ଉପ ବିଭାଜନ ସହକାରୀ ନିବର୍ହାହୀ ଯନ୍ତ୍ରୀ ବିଜୟ କୁମାର ସାହୁ ଓ ଆକାଶ ଗୁପ୍ତା ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁଦାମ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅବନୀ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଜଳଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


# ତପୋବନରେ ୨୧ ଦିନାଙ୍କ ଯୋଗନିଦ୍ରା ଉତ୍ସବର ଶୁଭାରମ୍ଭ

ଢେଙ୍କାନାଳ,୩।୧୨ (ରତନ ନାୟାର)



ଢେଙ୍କାନାଳ–କପିଳାସ ରାସ୍ତାର କାଦୁଆ ନିକଟରେ ଥିବା ସବୁଜିମା ପ୍ରାକୃତିକ ପରିବେଶରେ ତପୋବନ ପୀଠରେ ୨୧ଦିନାଙ୍କ ଯୋଗନିଦ୍ରା ଉତ୍ସବର ସୋମବାର ଶୁଭାରମ୍ଭ ହୋଇଥଲା । ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଏହାର ଶୁଭାରମ୍ଭ କରି ମହିମା ଧର୍ମରେ ପ୍ରକୃତି ପ୍ରେମ ନିହିତ ବୋଲି ମତ ଦେଇଥିଲେ । ପ୍ରକୃତି ସହ ନିବିଡ଼ତା ଏହି ଧର୍ମର ବିଶେଷତ୍ୱ । ଆମ ସଂସ୍କୃତି ଆମ ପାଇଁ ମୂଲ୍ୟବାନ ସଂପଦ । ତପୋବନ ମହିମା ପୀଠର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନମୁଗ୍ଧକର ବୋଲି ଅତିରିକ୍ତ ଜିଲାପାଳ କହିଥିଲେ । ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିମାସ୍ୱାମୀଙ୍କ ସ୍ମୃତିରେ ୨୧ଦିନାଙ୍କ ଯୋଗନିଦ୍ରା ଉତ୍ସବ ମହିମା ଧର୍ମର ଉତ୍ପତି ସ୍ଥଳ ତପୋବନରେ ପାଳିତ ହୋଇଆସୁଛି ବୋଲି କହିଥିଲେ । ସଭାରେ ଅଧକ୍ଷତା କରି କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ତଥା ତପୋବନ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା କହିଲେ ଯେ, ମନୁଷ୍ୟ ଶରୀରରେ ହିଁ ୨୧ ପୁର ବିଦ୍ୟମାନ । ସେଥିପାଇଁ ମହିମାସ୍ୱାମୀ ୨୧ଦିନ ଯୋଗନିଦ୍ରା ଯାଇଥିଲେ । ମହାପ୍ରଭୁ ଶୂନ୍ୟବ୍ରହ୍ମ ହିଁ ମନୁଷ୍ୟକୁ ଦିବ୍ୟ ଚେତନା ପ୍ରଦାନ କରିଛନ୍ତି । ନାମ ଭଜନ ହିଁ ମନୁଷ୍ୟ ଚିତ୍ତର ଏକାଗ୍ରତା ବୃଦ୍ଧି କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଯାଜପୁରର ଭକ୍ତ ସତ୍ୟବ୍ରତ ପୁହାଣ ତପୋବନ ପୀଠକୁ ମହିମାସ୍ୱାମୀଙ୍କ ଆଦି ସାଧନା ଓ ସିଦ୍ଧତ୍ୱର ପୀଠ ବୋଲି ମତ ଦେଇଥିଲେ । ଏହି ଅବସରରେ 'ତପୋବନ ମାନସାମୃତ' ଭଜନ ପୁସ୍ତକର ଲୋକାପିତ ହୋଇଥିଲା। ଏଥିରେ ପୁସ୍ତକର ଲେଖିକା ଚଣ୍ଡିଖୋଲର ଶୁଭଲକ୍ଷ୍ମୀ ଦେବୀ ଯୋଗଦାନ କରି ସ୍ୱରଚିତ ଭଜନଗାନ ପୂର୍ବକ ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ । ପ୍ରାରମ୍ଭରେ କନ୍ଦର୍ପ ବାବାଙ୍କ ନେତୃତ୍ୱରେ ଗୁରୁବନ୍ଦନା ମହିମା ଭଜନ ଗାନ କରାଯାଇଥିଲା । ଜଗତ କଲ୍ୟାଣ ପାଇଁ ଅଖଣ୍ଡ ବ୍ରହ୍ମଜ୍ୟୋତି ଓ ସଂସ୍ଥାପିତ ଅଖଣ୍ଡ ବ୍ରହ୍ମଧୂନିରେ ଘୃତାହୂତି ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କରୁଣାକର ବାବା, ଜ୍ଞାନି ବାବା, ମନ୍ତ୍ରୀ ବାବା, ତ୍ରିନାଥ ବାବା ଓ କାହ୍ନା ବାବା ପ୍ରମୁଖ ଏହି ଉତ୍ସବରେ ଭାଗ ନେଇଥିଲେ । ଉତ୍ସବ ଶେଷରେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା । ବାର୍ଷିକ ତପୋବନ ପତ୍ରିକାର ସଂପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିଥିବାବେଳେ ଭକ୍ତ ଅନନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାର ପ୍ରଥମ ବିଜୟ



ସ୍ୱସ୍ତିକ ସାମଲ (ବାମ)ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୩।୧୨(ସରୋଜ ଜେନା)**

## ସୟଦ ମୁସ୍ତାକ ଅଲୀ ଟ୍ରଫି

ବିଶାଖାପାଟଣାରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି ଓଡ଼ିଶା। ଓଦା ଆଉଟଫିଲ୍ଡ କାରଣରୁ ମ୍ୟାଚ୍‌କୁ ୯ ଓଭର ବିଶିଷ୍ଟ କରାଯାଇଥିବା ବେଳେ ମଙ୍ଗଳବାର ଆସାମ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬୩ ରନ୍‌ରେ ଆସାମକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଓଭରରେ ୭ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଜବାବରେ ଆସାମ ୮.୧ ଓଭରରେ ୫୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଆସାମ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଗୋଟିଏ ପଟୁ ନିୟମିତ ଉଇକେଟ ପତନ ଘଟିଥିଲେ ମଧ୍ୟ ଇନ ଫର୍ମ ଓପନର ସ୍ୱସ୍ତିକ ସାମଲ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଗୌରବ ଚୌଧୁରୀ ୭, ଗୋବିନ୍ଦ ପୋଦ୍ଦାର ୧ ଓ ସମ୍ବିତ ବରାଳ ୧ ରନ୍‌ରେ ଆଉଟ ହେବାରୁ ଓଡ଼ିଶା ୩୭ ରନ୍‌ରେ ୩ ଉଇକେଟ ହରାଇଥିଲା। ତେବେ ସ୍ୱସ୍ତିକ ୨୬ ବଲ୍‌ରୁ ୬୯ ରନ୍ ହାସଲ କରିଥିଲେ। ୭ ଚୌକା ଓ ୫ ଛକା ମାରି ସେ ଆତସବାଜି ବ୍ୟାଟିଂ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ପଟ୍ଟନାୟକ ୮ ବଲ୍‌ରୁ ୩ଟି ଲେଖାଏ ଛକା ଓ ଚୌକା ସହ ୩୧ ରନର ଧୂଆଁଧାର ଇନିଂସ ଖେଳିଥିଲେ। ଏ ଦୁହେଁ ପଞ୍ଚମ ଉଇକେଟରେ ୧୫ ବଲ୍‌ରୁ ୫୪ ରନ୍ ଯୋଡିଥିଲେ। ଓଡ଼ିଶା ଦଳର ଅନ୍ୟ କେହି ବ୍ୟାଟର ୨ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଆସାମ ପକ୍ଷରୁ ଅଭିନବ ଚୌଧାରୀ ଓ ରୋଶନ ଆଲମ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୨୧ ରନର ବିଜୟ ଲକ୍ଷ୍ୟ ନେଇ ଆସାମ ୮.୧ ଓଭରରେ ୫୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାହିଲ ଜୈନ୍ ୧୮ ଓ ନିପନ ଡେକା ୧୨ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ପ୍ରଦୀପ ପ୍ରଧାନ, ଜାମଳ ମହାପାତ୍ର ଓ ଗୋବିନ୍ଦ ପୋଦ୍ଦାର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍ୱସ୍ତିକ ସାମଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୯ ଓଭରରେ ୧୨୦/୭(ସ୍ୱସ୍ତିକ ସାମଲ-୬୯, ସନ୍ଦୀପ ପଟ୍ଟନାୟକ-୩୧, ଅଭିନବ ଚୌଧାରୀ-୨/୧୨, ରୋଶନ ଆଲମ-୨/୩୪)। ଆସାମ ୮.୧ ଓଭରରେ ୫୭/୧୦(ସାହିଲ ଜୈନ-୧୮,ନିପନ ଡେକା-୧୨, ଗୋବିନ୍ଦ ପୋଦ୍ଦାର-୨/୮, ରାଜେଶ ମହାନ୍ତି-୨/୧୨, ପ୍ରଦୀପ ପ୍ରଧାନ-୨/୧୨, ଜାମଳ ମହାପାତ୍ର-୨/୧୬)।

## ଜାତୀୟ ସବ୍‌ଜୁନିୟର ମହିଳା ହକି

# ଓଡ଼ିଶା ସେମିରେ

**ସିକନ୍ଦରାବାଦ୍, ୩।୧୨ (ପି.ଟି.):** ଓଡ଼ିଶା, ମିଜୋରାମ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ଜିତି ଏଠାରେ ଚାଲିଥିବା ୧୪ତମ ହକି ଇଣ୍ଡିଆ ଜାତୀୟ ସବ୍‌ଜୁନିୟର ମହିଳା ହକିର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାନାଲରେ ମିଜୋରାମ ୧-୦ରେ ଉତ୍ତର ପ୍ରଦେଶକୁ ହରାଇ ଦେଇଥିବା ବେଳେ ଝାଡ଼ଖଣ୍ଡ ୧୨-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ସେହିପରି ଅନ୍ୟ ଦୁଇ କ୍ୱାର୍ଟରଫାଇନାଲ ମଧ୍ୟରେ ହରିୟାଣା ବିପକ୍ଷରେ ମଧ୍ୟପ୍ରଦେଶ ୩-୨ ଗୋଲ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିବା ବେଳେ ଓଡ଼ିଶା ଅନ୍ତିମ ମ୍ୟାଚରେ ୩-୦ରେ ଦିଲ୍ଲୀକୁ ପରାସ୍ତ କରିଛି।

# ବିଶ୍ୱ ଚେସ୍ ଚାମ୍ପିୟନଶିପ: ସପ୍ତମ ରାଉଣ୍ଡ ମ୍ୟାଚ୍ ଡ୍ର

**ଦୁବାଇ,୩।୧୨(ପି.ଟି.):** ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ସପ୍ତମ ରାଉଣ୍ଡ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ ଲିରେନଙ୍କ ମଧ୍ୟରେ ଏହା ଲଗାତାର ଚତୁର୍ଥ ମ୍ୟାଚ୍ ଯାହା ଡ୍ରରେ ଶେଷ ହୋଇଛି। ସପ୍ତମ ରାଉଣ୍ଡରେ ଗୁକେଶ ଧଳା ଗୋଟିରେ ଖେଳୁଥିବା ବେଳେ ତାଙ୍କୁ ମ୍ୟାଚ୍ ଫେଭରିଟ ବିବେଚନା କରାଯାଉଥିଲା। ତେବେ ୭୨ ମୁଭ ପରେ ଉଭୟ ଖେଳାଳି ଡ୍ର ପାଇଁ ସହମତି ପ୍ରକାଶ କରିଥିଲେ। ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା ଉଭୟ ଖେଳାଳି ୩.୫ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ପ୍ରଥମ ରାଉଣ୍ଡରେ ଲିରେନ୍ ଓ ତୃତୀୟ ରାଉଣ୍ଡରେ ଗୁକେଶ ବିଜୟ ହାସଲ କରିଥିଲେ। ଗୋଟିଏ ଲେଖାଏ ବିଜୟ ଓ ତିନୋଟି ଡ୍ର ସହିତ ଉଭୟେ ସମାନ ସ୍ଥିତିରେ ରହିଛନ୍ତି।

# ଭାଗନେଲେ ୪୪ ବିଶ୍ୱବିଦ୍ୟାଳୟର ୬୬୦ ଖେଳାଳି

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ-ଖୋ

**ବାଲେଶ୍ୱର, ୩।୧୨ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀସ୍ଥିତ କ୍ୟାମ୍ପସ ପରିସରରେ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ମହାକୁମ୍ଭ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ରାଉତ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା, ପିଇଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ କୁଳପତି ପ୍ରଫେସର ତ୍ରିପାଠୀ ଖେଳ ଉଦ୍ଦେଶ୍ୟରେ ସାମୂହିକ ଶପଥ ପାଠ କରାଇଥିଲେ। ଖେଳୁଆଡ଼ ମନୋଭାବ ନେଇ ଖେଳିବା ସହ ଖେଳର ମହତ୍ତ୍ୱ ତଥା ଏଥିପ୍ରତି ସମ୍ମାନସ୍ୱଦ ଭାବର ପ୍ରଦର୍ଶନ ହିଁ ଖେଳାଳିଙ୍କ ପ୍ରକୃତ ପରିଚୟ ବୋଲି ସେ ବକ୍ତବ୍ୟରେ କହିଥିଲେ।


ଉଦ୍‌ଘାଟନୀ ସମାରୋହରେ କୁଳପତିଙ୍କ ସହ ଅନ୍ୟମାନେ।

୪ ଦିନିଆ ଟୁର୍ନାମେଣ୍ଟରେ ପୂର୍ବ ଭାରତ ୮ ରାଜ୍ୟର ୪୪ବିଶ୍ୱବିଦ୍ୟାଳୟରୁ ୬୬୦ଜଣ ଖେଳାଳିଙ୍କ ସମେତ ସମୁଦାୟ ୭୫୦ ଜଣ ଅଂଶଗ୍ରହଣ କରିଛନ୍ତି। ଜାତୀୟସ୍ତରରେ ମାନ୍ୟତାପ୍ରାପ୍ତ ୨୫ ଜଣ ରେଫରି ଖେଳ ପରିଚାଳନା କରିବେ। ଏହି ଅବସରରେ ଯୋଗଦେଇଥିବା ୪୪ଟି ଦଳ ପକ୍ଷରୁ ମାର୍ଚ୍ଚପାଷ୍ଟ କରାଯାଇଥିଲା। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ଜାତୀୟ ପର୍ଯ୍ୟାୟର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ଭୁବନେଶ୍ୱର, ୩।୧୨ (ତପନ ସ୍ୱାଇଁ)**

## ବିଶ୍ୱବିଦ୍ୟାଳୟ କ୍ରିକେଟ ସିରିଜ

କିଟ୍ ଷ୍ଟାଡିୟମରେ ଚାଲିଥିବା ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ସିରିଜର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚରେ ଭାରତ ୧୩୦ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଫଳରେ ସିରିଜ ୧-୧ ସ୍ଥିତିରେ ରହିଛି। ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ଯଶୋବର୍ଦ୍ଧନ ସିଂ ୨୭ ବଲ୍‌ରୁ ୮୦, ତୁଷାର ଚୋର୍ଡିଆ ୩୪ ଓ ସୁଜାଲ ସିଂ ୩୦ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କାଭି ସଇନି ଓ ଜ୍ୟାକ୍‌ସନ କେଷ୍ଟ ୩ଟି ଲେଖାଏ ଉଇକେଟ ନେଇଥିଲେ।

୨୦୭ ରନ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଦଳ ୧୪ ଓଭରରେ ୭୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଧିନାୟକ କାଭି ସଇନି ସର୍ବାଧିକ ୨୧ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅଧିନାୟକ ଅମର ଚୌଧାରୀ ୯ ରନରେ ୪ ଉଇକେଟ ନେଇ ଅଷ୍ଟ୍ରେଲିଆ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

# ଭାରତରେ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୩।୧୨ (ପି.ଟି.):** ଭାରତରେ ଅନୁଷ୍ଠିତ ହେବ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ। ଏଥିରେ ପାକିସ୍ତାନ ଦଳ ହାଇବ୍ରିଡ୍ ମଡେଲ ଅନୁସାରେ ଏହାର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କା କିମ୍ବା ନେପାଳରେ ଖେଳିବ। ମୁଲ୍‌ତାନଠାରେ ୱାର୍ଲ୍ଡ ବ୍ଲାଇଣ୍ଡ କ୍ରିକେଟ କାଉନ୍‌ସିଲ (ଡବ୍ଲ୍ୟୁବିସିସି)ର ବାର୍ଷିକ ସାଧାରଣ ବୈଠକରେ ଏହା ଚୂଡ଼ାନ୍ତ ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ନେଇ ପାକିସ୍ତାନରେ ଦୃଷ୍ଟିବାଧିତ ପୁରୁଷ ଟି୨୦ ବିଶ୍ୱକପ୍‌ରୁ ଭାରତ ଓହରିଯିବାର କିଛି ସପ୍ତାହ ପରେ ପାକିସ୍ତାନ ହାଇବ୍ରିଡ୍ ମଡେଲ କଥା ଉଠାଇଥିଲା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ